



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live    mail Id: sancharodisha@gmail.com

RNI NO :ODIODI/2001/04811   Postal Regd No : BN/249/15-17

Vol. 32 | ISSUE 347 | ଭାଗ ୩୨ | ସଂଖ୍ୟା ୩୪୭ | Bhubaneswar | Wednesday 12 March 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୧୨ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ସୀମା ପୁନଃନିର୍ଦ୍ଧାରଣକୁ ନେଇ ବଢୁଛି ଅସନ୍ତୋଷ

## ପ୍ରଭାବିତ ରାଜ୍ୟମାନଙ୍କ ବୈଠକକୁ ନବୀନଙ୍କ ସମର୍ଥନ



**ବିରୋଧୀ ଦଳ ନେତାଙ୍କୁ ଭେଟିଲେ ଷ୍ଟାଲିନଙ୍କ ପ୍ରତିନିଧି**

**ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ):** ସୀମା ପୁନଃନିର୍ଦ୍ଧାରଣକୁ ନେଇ ପ୍ରଭାବିତ ରାଜ୍ୟମାନଙ୍କ ବୈଠକକୁ ସମର୍ଥନ ଜଣାଇଛି ବିଜେଡି। ଏହି ବୈଠକରେ ବିଜେଡି ସାମିଲ ହେବ। ଆଜି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନଙ୍କ ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆଜି ଷ୍ଟାଲିନଙ୍କ ନିମନ୍ତ୍ରଣ ନେଇ ନବୀନ ନିବାସ ଆସିଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଡିଏମକେ ସାଂସଦ ଥିରୁ ଦୟାନିଧି ମାରାନ ଓ ତାମିଲନାଡୁ ଶିଳ୍ପମନ୍ତ୍ରୀ ଟିଆରବି ରାଜା।

କେନ୍ଦ୍ର ସରକାର ୨୦୨୬ରେ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଚୂଡ଼ାନ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଯେଉଁ ଆଧାରରେ ସୀମା ପୁନଃନିର୍ଦ୍ଧାରଣ କରାଯାଉଛି, ଏହାଦ୍ୱାରା ଜନ୍ମ ନିୟନ୍ତ୍ରଣକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବା ୭/୮ଟି ରାଜ୍ୟ ବିଶେଷଭାବେ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି। ତେଣୁ ଏହାକୁ ବିରୋଧ କରି ପ୍ରଭାବିତ ରାଜ୍ୟମାନଙ୍କ ଏକ ବୈଠକ ଚଳିତ ମାସ ଅନ୍ତିମ ସପ୍ତାହରେ ଅନୁଷ୍ଠିତ ହେବ। ଏହି ବୈଠକ ପାଇଁ ବିଜେଡିର ସମର୍ଥନ ଲୋଡ଼ିଥିଲା ଡିଏମକେ। ନବୀନ ମଧ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଛନ୍ତି ଓ ବୈଠକରେ ବିଜେଡି ଯୋଗଦେବ ବୋଲି ➪ପୃଷ୍ଠା-୬

# ରଣକ୍ଷେତ୍ର ପାଲଟିଲା ଗଣତନ୍ତ୍ରର ମନ୍ଦିର

- ଗୃହ ମଝିରେ ହାତାହାତି ହେଲେ ଶାସକ-ବିରୋଧୀ
- ଶାସକ ଦଳର ଏକପାଖିଆ ଗୃହ ପରିଚାଳନାକୁ ନିନ୍ଦା
- ବିଜେପିର ଅଭିଯୋଗ ଆଲୋଚନା ଚାହୁଁନାହାଁନ୍ତି ବିରୋଧୀ
- ମିଡିଆ ମାଇଲେଜ ଚାହୁଁଛନ୍ତି କଂଗ୍ରେସ, ବିଜେଡି: ବିଜେପି
- ଦୁଇ ଦିନ ଧରି ଚାଲିପାରୁନି ବିଧାନସଭା



**ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭା ଇତିହାସରେ ଯୋଡ଼ିହେଲା କଳଙ୍କିତ ଅଧ୍ୟାୟ। ଗୃହର ମଧଭାଗରେ ହାତାହାତି ହେଲେ ଶାସକ ଓ ବିରୋଧୀ ବିଧାୟକ। ପରିସ୍ଥିତି ଏମିତି ହୋଇଥିଲା ଯେ ବିରୋଧୀ ବିଧାୟକମାନେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ମାଇକ ଛଡାଇବାକୁ ଉଦ୍ୟମ କରିଥିଲେ ଆଉ ଏହାର ପ୍ରତିବାଦ କରି ମାଡ଼ିଆସିଥିଲେ ବିଜେପି ବିଧାୟକ।

ଗତ ଦୁଇ ଦିନ ଧରି ବିଧାନସଭାରେ ସ୍ଲୋଗାନବାଜି ଓ ନାରାବାଜି ଚାଲିଥିବା ବେଳେ ଆଜି ପ୍ରଶ୍ନକାଳ ଆରମ୍ଭରୁ କଂଗ୍ରେସ ଓ ବିଜେଡିର ହଟ୍ଟଗୋଳ ଉଗ୍ରରୂପ ନେଇଥିଲା। ଗତ ଦୁଇ ଦିନ ଧରି କଂଗ୍ରେସ ରାଜ୍ୟରେ ନାରୀ ନିର୍ଯାତନା ବଢୁଥିବା ଅଭିଯୋଗ କରି କଂଗ୍ରେସ ହଟ୍ଟଗୋଳ କରିଆସୁଥିଲା। ଗତକାଲି ପରି ଆଜି ମଧ ପ୍ରଶ୍ନକାଳ ଆରମ୍ଭ ହେବା ପୂର୍ବରୁ କଂଗ୍ରେସ ବିଧାୟକମାନେ ସ୍ଲୋଗାନ ଦେଉଥିବା ବେଳେ ବିଜେଡି ବିଧାୟକମାନେ ମୁହଁରେ କଳାପଟି ବାନ୍ଧି ଜୟନାରାୟଣଙ୍କ ବିବାଦୀୟ ମନ୍ତବ୍ୟ ଉପରେ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରିବା ସହ ଗୃହ ➪ପୃଷ୍ଠା-୬

ଗାନ୍ଧୀମୂର୍ତ୍ତି ତଳେ ପ୍ରତିବାଦ କରିଥିଲେ। ପରେ ପ୍ରଶ୍ନକାଳରେ ଯୋଗଦେବାକୁ ଯାଇ ଗୃହର ମଧଭାଗରେ ଆରମ୍ଭ କରିଥିଲେ ସରକାର ବିରୋଧୀ ନାରାବାଜି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନିପତି ବାଚସ୍ପତିଙ୍କ ସମ୍ମୁଖରେ ଥିବା ରିପୋର୍ଟର୍ସ ଟେବୁଲ ଉପରେ ଚଢ଼ି ସରକାରଙ୍କ ବିରୋଧରେ

## ୭ ଦିନ ପାଇଁ ତାରା ନିଲମ୍ବିତ



**ଭୁବନେଶ୍ୱର:** ବିଧାନ ସଭାରେ ହାତାହାତି ଘଟଣାକୁ ନେଇ କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ୭ ଦିନ ପାଇଁ ଗୃହରୁ ନିଲମ୍ବିତ କରାଯାଇଛି। ବାଚସ୍ପତି ସୁରମା ପାଢ଼ୀ ତାରାଙ୍କୁ ୭

- କାର୍ଯ୍ୟାନୁଷ୍ଠାନକୁ ବିରୋଧୀଙ୍କ ନିନ୍ଦା
- କଂଗ୍ରେସର ବିଧାନସଭା ବର୍ଜନ
- ଆଜି ଭବିଷ୍ୟତ ରଣନୀତି

ଦିନ ପାଇଁ ଗୃହରୁ ନିଲମ୍ବନ କରିଛନ୍ତି। ଗତକାଲି ବିଧାନସଭାରେ ତାରା ବାଚସ୍ପତିଙ୍କ ପୋଡିୟମର ମାଇକ ଭାଙ୍ଗିଦେଇଥିଲେ। ମଙ୍ଗଳବାର ମଧ ଗୃହରେ ହଙ୍ଗାମା ହୋଇଥିଲା। ଜୟନାରାୟଣ ମିଶ୍ରଙ୍କ ବିବାଦୀୟ ବୟାନକୁ ନେଇ ଗୃହ ଅଚଳ ହୋଇଥିଲା। ଏହା ସହିତ ଜୟନାରାୟଣ ଓ ତାରା ହାତାହାତି ମଧ ହୋଇଥିଲେ। ବିରୋଧୀ ଦଳ କଂଗ୍ରେସ ଓ ବିଜେଡି ହଙ୍ଗାମା କରିବାରୁ ଗୃହ ମୁଲତବୀ କରିଥିଲେ ବାଚସ୍ପତି।

ନିଲମ୍ବନ କରାଯିବା ପରେ କଂଗ୍ରେସ ବିଧାୟକମାନେ ଗୃହର ମଧଭାଗରେ ଧାରଣା ଦେଇଥିଲେ। ତେବେ ତାରାଙ୍କୁ ନିଲମ୍ବନ କରାଯାଇଥିବାରୁ ତାଙ୍କୁ ଗୃହରୁ ବାହାରିଯିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। ଗୃହ ବାହାରେ ତାରା ତାଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିଥିଲେ। ବିଧାନସଭା ବାହାରେ ଥିବା ଗାନ୍ଧୀ ➪ପୃଷ୍ଠା-୬

### ମୁହଁ ଖୋଲିଲେ ଜୟନାରାୟଣ

## ଯାହା କହିଛି ଠିକ୍ କହିଛି



**ପଶ୍ଚିମରେ ବିଜେଡିର ସ୍ଥିତି ନାହିଁ ବୋଲି ବିବାଦ କରୁଛନ୍ତି**

**ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ):** ଜୟ ନାରାୟଣଙ୍କ ବିବାଦୀୟ ବୟାନକୁ ନେଇ ରାଜ୍ୟ ରାଜନୀତିରେ ତୁମ୍ବିତୋଫାନ୍। ଏହି ବୟାନକୁ ନେଇ ବିଜେଡି ଏବେ ବିଜେପିକୁ ଘେରିଛି। ଓଡ଼ିଆ ଅସ୍ମିତା କଥା କହୁଥିବା ବିଜେପି କଣ ପାଇଁ ଚୁପ୍? ଜୟନାରାୟଣଙ୍କ ଏଭଳି ଏକ ବୟାନ ଉପରେ କାହିଁକି କର୍ଯ୍ୟାନୁଷ୍ଠାନ ନିଆଯାଉନି ବୋଲି ପ୍ରଶ୍ନ ଉଠାଇଛି ବିଜେଡି। ଏହାରି ମଧରେ ମୁହଁ ଖୋଲିଛନ୍ତି ଜୟନାରାୟଣ ମିଶ୍ର। ସେ ଦେଇଥିବା ବୟାନକୁ ନେଇ ପଶ୍ଚାତାପ୍ କରିବା ପରିବର୍ତ୍ତେ କହିଛନ୍ତି ମୋ ବୟାନରେ ମୁଁ କୌଣସି ପରିବର୍ତ୍ତନ କରିବିନାହିଁ। ଜଣେ ମୁଖ୍ୟମନ୍ତ୍ରୀ, ୨୪ ବର୍ଷ ଓଡ଼ିଆ କହିଲେ ନାହିଁ। କିନ୍ତୁ ମୁଁ ମୋ ଅଞ୍ଚଳର ବିକାଶ କଥା କହିଲେ ଓଡ଼ିଆ ଅସ୍ମିତା ଯଦି କ୍ଷୁଣ୍ଣ ହେବ, ତେବେ ମୋର କିଛି କହିବାର ନାହିଁ। ଗୋଟିଏ ଜାତୀୟ ପତାକା ଗୋଟିଏ ଜାତୀୟ ସଙ୍ଗୀତ। ଉତ୍କଳ କଳିଙ୍ଗ କୌଶଳ ମିଶି ଓଡ଼ିଶା ତିଆରି ହୋଇଥିଲା। ➪ପୃଷ୍ଠା-୬

### ସରକାରଙ୍କ ମତ ନୁହେଁ: ଆଇନ ମନ୍ତ୍ରୀ

ଜୟନାରାୟଣ ମିଶ୍ରଙ୍କ ବିବାଦୀୟ ବୟାନକୁ ନେଇ ଗତ ଦୁଇ ଦିନ ହେଲେ ବିଧାନସଭା ହୁଲ୍ସ୍ଥୁଲ ହେଉଥିବା ବେଳେ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସରକାରଙ୍କ ତରଫରୁ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ସରକାରୀ ମତ ନୁହେଁ। ଜୟନାରାୟଣ ଯାହା କହିଥିବେ ତାହା ତାଙ୍କ ବ୍ୟକ୍ତିଗତ ମତ। ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ସରକାର ପ୍ରତିଶୃତିବଦ୍ଧ। ଏଥିପାଇଁ ଗତ ୮ ମାସରେ ତ୍ୱରାନ୍ୱିତ ପଦକ୍ଷେପ ନିଆଯାଉଛି। ଉତ୍ତର ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ନିଷ୍ପତ୍ତି ବି ହୋଇଛି। ସବୁ ଅଞ୍ଚଳକୁ ବିକାଶ ଯୋଜନା ପହଞ୍ଚଇବାକୁ କାମ ଚାଲିଛି। ଜୟ ନାରାୟଣ ମିଶ୍ରଙ୍କ ଏଭଳି ମନ୍ତବ୍ୟ ସ୍ପୃହନୀୟ ନୁହେଁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

## କିଏ ବାଛିବ ଦଲାଇ ଲାମାଙ୍କ ନୂଆ ଉତ୍ତରାଧିକାରୀ?



**ନୂଆଦିଲ୍ଲୀ, ୧୧।୩:** ତିବ୍ବତୀୟ ବୌଦ୍ଧ ନେତା ଦଲାଇ ଲାମାଙ୍କ ଉତ୍ତରାଧିକାରୀ ବିଷୟରେ ଦୀର୍ଘଦିନରୁ ଆଲୋଚନା ହୋଇଆସୁଛି। ଏବେ ଦଲାଇ ଲାମା ରାଜି ହୋଇଛନ୍ତି ଯେ ତାଙ୍କର ଉତ୍ତରାଧିକାରୀ ବଛାଯିବା ଉଚିତ। ଏଯାବତ ତିବ୍ବତରେ ଜନ୍ମିତ ଶିଶୁକୁ ଖୋଜି ଦଲାଇ ଲାମାଙ୍କ ନିଯୁକ୍ତି କରାଯାଉଥିଲା, କିନ୍ତୁ ଏଥର ମାମଲାଟି ଜଟିଳ ହୋଇପଡ଼ିଛି। ଚତୁର୍ଦ୍ଦଶ ଦଲାଇ ଲାମା ସୂଚିତ କରିଛନ୍ତି ଯେ ତାଙ୍କର ଉତ୍ତରାଧିକାରୀ ଚାଇନା ବାହାରେ ଏକ ସ୍ୱାଧୀନ ଦେଶରେ ବାଛିବେ। ଜୁଲାଇ ମାସରେ ଏ ସମ୍ପର୍କରେ ଘୋଷଣା କରାଯାଇପାରେ। ତେବେ ତିବ୍ବତୀୟ ବୌଦ୍ଧ ଧର୍ମରେ ଦଲାଇ ଲାମା ସବୁଠାରୁ ସମ୍ମାନିତ ଏବଂ ସ୍ୱୀକୃତ ଧାର୍ମିକ ନେତା। ତିବ୍ବତୀୟ ପରମ୍ପରା ଅନୁଯାୟୀ, ଜଣେ ବରିଷ୍ଠ ବୌଦ୍ଧ ସନ୍ନ୍ୟାସୀଙ୍କ ଆତ୍ମା ତାଙ୍କ ମୃତ୍ୟୁ ପରେ ଏକ ଶିଶୁ ଶରୀରରେ ପୁନର୍ଜନ୍ମ ପାଏ। ବର୍ତ୍ତମାନର ୧୪ତମ ➪ପୃଷ୍ଠା-୬

### ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକ୍‌କୁ ଇଲମ

## ଟ୍ରେନ୍ ହାଇଜାକ, ୨୧୪ ଯାତ୍ରୀ ପଣବନ୍ଦୀ

- ନିଜକୁ ଦାୟୀ କଲା ବଲୁଚ୍ ଲିବରେସନ୍ ଆର୍ମି
- ଉଦ୍ଧାର ଉଦ୍ୟମ ହେଲେ ସବୁ ପଣବନ୍ଦୀଙ୍କୁ ହତ୍ୟା କରିବାକୁ ଧମକ
- ୩୦ ଯବାନଙ୍କୁ ହତ୍ୟା ସହ ଡ୍ରୋନ୍ ନଷ୍ଟ କଲା ବିଏଲ୍‌ଏ



**ଇସଲାମାବାଦ, ୧୧।୩:** ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ବେଶ୍ ଆତ୍ମସନ୍ତୁଷ୍ଟି ଲାଭ କରିଆସିଥିବା ପାକିସ୍ତାନରେ ଆଜି ଦେଶ ଇତିହାସର ସବୁଠାରୁ ବଡ଼ ଅପରାଧର ସମ୍ମୁଖୀନ ହେବାକୁ ପଡ଼ିଛି। ବଲୁଚିସ୍ତାନର ବିଚ୍ଛିନ୍ନତାବାଦୀ ସଂଗଠନ ବଲୁଚ୍ ଲିବରେସନ ଆର୍ମି (ବିଏଲ୍‌ଏ) ଆଜି ଏକ ଯାତ୍ରୀଭର୍ତ୍ତି ଟ୍ରେନକୁ ଅପହରଣ କରିନେଦବା ସହ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଜଣେ ସେନା ଯବାନଙ୍କ ସମେତ ୨୧୪ ଜଣ ଯାତ୍ରୀଙ୍କୁ ପଣବନ୍ଦୀ ରଖାଯାଇଥିବା କୁହାଯାଇଛି।

ଅପହରଣ ସମୟରେ ଉକ୍ତ ଟ୍ରେନ୍‌ରେ ପାଖାପାଖି ୫୦୦ ଯାତ୍ରୀ ଥିଲେ। ତେବେ ପାକିସ୍ତାନ ଆର୍ମି ପକ୍ଷରୁ ଅପରେସନ୍ ଆରମ୍ଭ କରାଯିବା ପରେ ପାଖାପାଖି ୩ ଶହ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ଦାବି କରାଯାଇଛି। କିନ୍ତୁ ଏହା ପୂର୍ବରୁ ବିଏଲ୍‌ଏର ଆତଙ୍କୀମାନେ ୩୦ ଜଣ ପାକିସ୍ତାନୀ ସୈନିକଙ୍କ ହତ୍ୟା କରିଥିବା ଦାବି କରିଥିଲେ। ଏଥିସହ ଆହୁରି ଆକାଶମାର୍ଗରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସକାଶେ ଉଦ୍ୟମ ହୋଇଥିବାରୁ ବିଏଲ୍‌ଏର ସଦସ୍ୟମାନେ ଗୋଟିଏ ଡ୍ରୋନ୍‌କୁ ବି ନଷ୍ଟ କରିଦେଇଛନ୍ତି। ଅଧିକନ୍ତୁ ଅପହରଣ ପରେ ବିଏଲ୍‌ଏ ଏକ ବୟାନ ଜାରି କରିଥିଲା ଯେପ ଏଥିରେ ଶାହବାଜ୍ ସରକାରଙ୍କୁ ଧମକ ଦେଇଛି ଯେ ଏହି ଘଟଣାରେ ଯାତ୍ରମାନଙ୍କୁ ମୁକୁଳାଇବା ସକାଶେ ଯଦି ପାକିସ୍ତାନ ଆର୍ମି କୌଣସି ପ୍ରକାର ପଦକ୍ଷେପ ନିଏ, ତା'ହେଲେ ପଣବନ୍ଦୀ ଥିବା ସମସ୍ତ ଟ୍ରେନ୍ ଯାତ୍ରୀଙ୍କୁ ହତ୍ୟା କରାଯିବ। ଅବଶ୍ୟ ଏହି ଧମକର ପ୍ରଭାବ ଶାହବାଜ୍ ସରକାରଙ୍କ ଉପରେ ପଡ଼ିନାହିଁ ଏବଂ ପାକିସ୍ତାନ ଆର୍ମି ପକ୍ଷରୁ ପଣବନ୍ଦୀମାନଙ୍କୁ ଉଦ୍ଧାର କରିବା ସକାଶେ ପଦକ୍ଷେପ ନିଆଯାଉଛି।

ସେହିପରି ବିଏଲ୍‌ଏ ଏହାକୁ ନିଜ ସଂଗଠନର ସବୁଠାରୁ ବଡ଼ ଅପରେସନ୍ ବୋଲି କହିବା ସହ ମସକଫ୍, ଧାଦର ଓ ବୋଲାନ୍ ମଧରେ ଏହି ଅପହରଣ କରାଯାଇଛି। ସେଠାରେ ➪ପୃଷ୍ଠା-୬

## ୧୦୩ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ



**ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଓ ଗଜପତି ଜିଲ୍ଲା ପୁଲିସ ଆଜି ୫ଟି ଥାନାଞ୍ଚଳରେ ଚଢ଼ାଉ କରି ପ୍ରାୟ ୧୦୩ କ୍ୱିଣ୍ଟାଲ୍ ଓଜନର ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ବେପାରୀମାନେ ଜଙ୍ଗଲରେ ଗାତ ଖୋଳି ଗଞ୍ଜେଇ ରଖି ଚୋରା ଚାଲାଣ କରୁଥିଲେ। କନ୍ଧମାଳ ଜିଲ୍ଲାର ଗୋଛାପଡ଼ା ଥାନା ପୁଲିସ କାଟ୍ରିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ବୁଡ଼େଣିପଙ୍କ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରିଥିଲା। ସେଠାରୁ ୩୬୭୫ କେଜି ଗଞ୍ଜେଇ ପୁଲିସ ଜବତ କରିଛି। ଫୁଲବାଣୀ ସଦର ଥାନା ଅନ୍ତର୍ଗତ ବିଲବାଡ଼ି ପଞ୍ଚାୟତ ନିକିନିଣ୍ଡା ଗ୍ରାମ ଜଙ୍ଗଲରୁ ୧୪୪୦ କିଲୋ, ତୁମୁଡିବନ୍ଧ ଥାନା କୁର୍ଥାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବାନିମିଲା ଜଙ୍ଗଲରୁ ୬୧୫ କିଲୋ ଗଞ୍ଜେଇ ଜବତ ହୋଇଛି। ଏଥିସହ ବ୍ରାହ୍ମଣୀଗାଁ ଥାନା ପଡ଼ିକିଆ ନିକଟସ୍ଥ ରାଜନଗର ଜଙ୍ଗଲରୁ ୨୫୫୫ କିଲୋ ଓଜନର ଗଞ୍ଜେଇ ଜବତ କରାଯାଇଥିବା ଜଣାପଡ଼ିଛି।

ସେହିପରି ଗଜପତି ଜିଲ୍ଲାର ଆର. ଉଦୟଗିରି ଥାନା ପୁଲିସ ସୀମା ରିଧିମା ଗାଁ ନିକଟରେ ଚଢ଼ାଉ କରି ୨୦ କୁଇଣ୍ଟାଲ ୨୦ କିଲୋ ୨୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଥିଲା। ଏହି ସମସ୍ତ ଘଟଣାରେ ପୁଲିସ ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରିବା ସକାଶେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଗଞ୍ଜେଇ ବେପାରୀମାନେ ପୁଲିସ୍ ଆଖିରେ ଧୂଳି ଦେବା ସକାଶେ ଜଙ୍ଗଲ ମଧରେ ଥିବା ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ଗାତ ଖୋଳି ଏହି ଗଞ୍ଜେଇ ମହଜୁଦ ରଖିବା ସହ ବିଭିନ୍ନ ସମୟରେ ଚୋରା ଚାଲାଣ କରୁଥିବା ନେଇ ➪ପୃଷ୍ଠା-୬

### ବିଷ ଇଞ୍ଜେକ୍‌ସନ ଦେଇ ବିଜେପି ନେତାଙ୍କୁ ହତ୍ୟା

**ପ୍ରୟାଗରାଜ, ୧୧।୩:** ଉତ୍ତର ପ୍ରଦେଶର ସମ୍ବଲ ଜିଲ୍ଲାରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଏଠାକାର ଜଣେ ବିଜେପି ନେତାଙ୍କୁ ବିଷ ଇଞ୍ଜେକ୍‌ସେନ୍ ଦେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ନେତା ଜଣଙ୍କ ସମ୍ବଲର ଗନୌର ଅଞ୍ଚଳର ଗୁଲଫାମ ସିଂହ ଯାଦବ ବୋଲି ଜଣାପଡ଼ିଛି। ସୂଚନାନୁସାରେ ଗତକାଲି ସେ ଦ୍ୱିପ୍ରହର ପ୍ରାୟ ୧ଟା ସମୟରେ ଜୁନାୱାରୀ ବ୍ଲକ ଅଞ୍ଚଳର ଦଫ୍‌ତରା ହିମାଚଳ ଗାଁରେ ତାଙ୍କ ଘରେ ଖଟିଆରେ ବସିଥିଲେ। ତେବେ ଏହି ସମୟରେ କିଛି ଯୁବକ ବାଇକ୍‌ରେ ଆସି ତାଙ୍କୁ ବିଷ ଇଞ୍ଜେକ୍ସନ ଦେଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ସେମାନଙ୍କ ବୟାନ ଅନୁସାରେ ➪ପୃଷ୍ଠା-୬

## ୨୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି



**ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ):** ଆସନ୍ତା ୨୪ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସୂଚନା ଅନୁସାରେ ୨୪ ତାରିଖ ଅପରାହ୍ନ ୧ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ରାଷ୍ଟ୍ରପତି। ପୂର୍ବ ଯୋଜନା ଅନୁସାରେ କଣ୍ଟିଲୋ ନିଳମାଧବଙ୍କୁ ଦର୍ଶନ କରିବେ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା। ଏହି ଦର୍ଶନ ପରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ଭୁବନେଶ୍ୱର ଫେରିବେ। ୨୫ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେବେ। ଏହାପରେ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ସନ୍ଧ୍ୟାରେ ଦିଲ୍ଲୀ ଫେରିବେ। ତେବେ ରାଷ୍ଟ୍ରପତିଙ୍କ ଏହି ୨ ଦିନିଆ ରହଣି ପାଇଁ ସୁରକ୍ଷା ବ୍ୟବସ୍ଥା, ଅସ୍ଥାୟୀ ରହଣି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ଠିକ ଭାବରେ କରିବାକୁ ଜିଲ୍ଲାପାଳ, ଏସପି କଣ୍ଟିଲୋ ନୀଳମାଧବଙ୍କ ମନ୍ଦିରକୁ ଯାଇ ତଦାରଖ କରିଛନ୍ତି। କଣ୍ଟିଲୋ ପଲଟନ୍ ପଡିଆରେ ରାଷ୍ଟ୍ରପତିଙ୍କ ହେଲିକପ୍ଟର ଅବତରଣ କରିବ। ଏହାପରେ ସେ ନୀଳମାଧବଙ୍କ ଦର୍ଶନ ପାଇଁ ଯିବେ। ୨୫ ତାରିଖରେ ରେଭେନ୍ସା ମହାବିଦ୍ୟାଳୟ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ପରେ କଟକର ଅନେକ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ଦିଲ୍ଲୀ ଫେରିବେ।



**କାନ ଡେରିଥା**

ବିଧାନସଭାରେ ହଟଗୋଳ
କରି
କୋଟିକୋଟି ଟଙ୍କା ସାରୁଛ
ଦଳ ଦଳ ମଧ୍ୟେ ହୋ ହାଲ୍ଲା
କରି
ଜନ ଭାବନାକୁ ଖେଳୁଛ
ପ୍ରସଙ୍ଗକୁ ପରା ଡ଼ରୁଛ...
ଲଣ୍ଠନ ଦେଖାଇ ସବୁ
ଭୁଲାଇଲେ
ଲୋକେ ଭୁଲିଯିବେ ଭାବୁଛ

■ ଦେବାଶିଷ

# ବିଜେପି ସରଳତା ପାଇଁ ଲଣ୍ଠନ ଦେଖାଉଛନ୍ତି ଦାଗୀ ନେତା

**ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ):** ରାଜ୍ୟରେ ନୂଆ ସରକାରଙ୍କ ସରଳତାର ସୁଯୋଗ ନେଇ ୨୫ ବର୍ଷ ଧରି କ୍ଷମତା ଉପଭୋଗ କରିଥିବା ବିଜେଡି ନେତାମାନେ କେବଳ ସରକାରଙ୍କୁ ବିରୋଧ କରୁନାହାନ୍ତି, ଏବେ ରାଜ୍ୟର ନୂଆ ସରକାରଙ୍କୁ ଲଣ୍ଠନ ଦେଖାଇବା ଆରମ୍ଭ କରିଛନ୍ତି। ତେବେ ଏହି ଲଣ୍ଠନ ଦେଖାଉଥିବା ନେତାଙ୍କ ମଧରେ ଅନେକ ଦାଗୀ ନେତା ଥିବାରୁ ଲଣ୍ଠନ ଏବେ ସେମାନଙ୍କ ପାଇଁ ବୁମେରାଂ ହୋଇଛି।

ଆଜି ବିଧାନସଭାରେ ହାତରେ ଲଣ୍ଠନ ଧରି ମୁଖ୍ୟମନ୍ତ୍ରୀଙ୍କୁ ଖୋଜୁଥିବା ନେତାଙ୍କ ମଧରେ ଆଗରେ ରହିଥିଲେ ବିଧାୟକ ଡକ୍ଟର ଅରୁଣ ସାହୁ ଓ ଅନନ୍ତ ନାରାୟଣ ଜେନା। ଏମାନଙ୍କ ସହିତ ଆଉ କିଛି ବରିଷ୍ଠ ଓ କନିଷ୍ଠ ବିଧାୟକମାନେ ବି ରହିଥିଲେ। ତେବେ ବିଧାନସଭାରେ ଦିନରେ ଲଣ୍ଠନ ଧରି ବୁଲିବା ଏକ ଅଜବ ଘଟଣା। ଗଣମାଧମରେ ଏହା ପ୍ରସାରିତ ହେଲା ପରେ ଏବେ ଅରୁଣ-ଅନନ୍ତ ଭଳି ନେତା କେଉଁ ମୁହଁରେ ଲଣ୍ଠନ ଧରି ବୁଲୁଛନ୍ତି, ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

ଏହି ଦୁଇ ନେତାଙ୍କ ନାମ ପରି ହତ୍ୟାକାଣ୍ଡଠାରୁ ଆରମ୍ଭକରି ରାଜଧାନୀରେ ପ୍ରେମଜନିତ ହତ୍ୟାକାଣ୍ଡ



ସହ ଯୋଡ଼ି ହୋଇଥିଲା। ଏମାନଙ୍କ ସହିତ ପାଳି ଧରିଥିବା କିଛି ନେତା ବି ଚିଟ୍‌ଫଣ୍ଡ ଦୁର୍ନୀତିରେ ଛନ୍ଦି ହୋଇଛନ୍ତି। ବିଧାନସଭାକୁ ଅଚଳ କରି ନିଜର ପ୍ରଚାର ପାଇଁ ଦିନରେ ଲଣ୍ଠନ ଧରି ବୁଲିବା ଶୋଭନୀୟ

### ୨୫ ବର୍ଷ ଧରି ଲୋକଙ୍କୁ ଦେଖାଉଥିଲେ, ଏବେ ସରକାରଙ୍କୁ

ନୁହେଁ ବୋଲି ଏବେ ସାଧାରଣରେ ମତ ପ୍ରକାଶ ପାଉଛି। ଏମାନଙ୍କ ପାଇଁ ଗରିବ ଲୋକଙ୍କ ଟିକସ ପଇସାରୁ ଦୈନିକ କୋଟି କୋଟି ଟଙ୍କା ବ୍ୟୟ ହେଉଥିବାବେଳେ ଏମାନେ ଏବେ ନିଜ କାମ ଛାଡ଼ି ଲୋକଙ୍କୁ ଲଣ୍ଠନ ଦେଖାଇବା ଆରମ୍ଭ କରିଛନ୍ତି।

ହେଉଥିବା ଆଲୋଚନା ଅନୁଯାୟୀ, ୨୫ ବର୍ଷ ଧରି କ୍ଷମତାରେ ରହିବା ପରେ ବିଜେଡି ନେତାମାନେ ଏବେ ବି ନିଜକୁ ଶାସନରେ ଥିବା ଭାବୁଛନ୍ତି। ସେଭଳି କୌଣସି କାରଣ ନଥାଇ ଗୃହକୁ ଅଚଳ କରୁଛନ୍ତି। ବିଜୁବାବୁଙ୍କ ଉପରେ ଆଲୋଚନା ପାଇଁ ମୁଲତବି ପ୍ରସ୍ତାବ ଦେଉଛନ୍ତି। ଯେତେବେଳେ ଆଲୋଚନା ପାଇଁ ଅନୁମତି ମିଳୁଛି, ସେତେବେଳେ ହଟ୍ଟଗୋଳ କରି ଗୃହକୁ ଅଚଳ କରିଦେଉଛନ୍ତି। ଏହି ପ୍ରସଙ୍ଗ ଏବେ ବିଜେଡିକୁ କାଠଗଡ଼ାରେ ଛିଡା କରିଥିବାବେଳେ ସେଥିରୁ ବର୍ତ୍ତିବା ପାଇଁ ନେତାଏ ଲଣ୍ଠନ ଧରି ବୁଲୁଛନ୍ତି।

ରାଜ୍ୟରେ କ୍ଷମତାରେ ଥିବା ସମୟରେ ଖଣିଠାରୁ ପାଣି, ଚିଟଫଣ୍ଡଠାରୁ ବ୍ଲାକରୋଜ ପର୍ଯ୍ୟନ୍ତ ସବୁଥିରେ ଲୋକଙ୍କୁ ଲଣ୍ଠନ ଦେଖାଇଲେ। ବଡ଼ ଠାକୁରଙ୍କ ନାଁରେ ଗାଁ ଗାଁରେ ଚାଉଳ ମାଗି ବୁଲିଲେ। ବିଜେଡି ନେତାମାନେ ➪ପୃଷ୍ଠା-୬



## ପାଗଳ ମାଙ୍କଡ଼ କାମୁଡ଼ାରେ ୫ରୁ ଉର୍ଦ୍ଧ୍ୱ ଆହତ



**ସାଲେପୁର,୧୧।୩ (ସଂଚାର ବ୍ୟୁରୋ):** ଏହି କିଛିଦିନ ହେବ ରାମକୃଷ୍ଣପୁର ପଞ୍ଚାୟତରେ ପାଗଳ ମାଙ୍କଡ଼ର ଦୌରାତ୍ମ୍ୟ ବଢ଼ିଚାଲିଛି। ପାଗଳ ମାଙ୍କଡ଼ କାମୁଡ଼ାରେ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିବାବେଳେ ଅନ୍ୟ କେତେକ ଏବେ ମଧ୍ୟ ଚିକିତ୍ସିତ ହେଉଥିବା ଜଣାଯାଇଛି। ପାଗଳ ମାଙ୍କଡ଼ ଭୟରେ ଲୋକମାନେ ଘରୁ ପଦାକୁ ବାହାରିବା ସୁରକ୍ଷିତ ମଣୁନାହାଁନ୍ତି। ଏହି ପାଗଳ ମାଙ୍କଡ଼କୁ କାବୁ କରି ଜଙ୍ଗଲରେ ଛାଡିବାପାଇଁ ସ୍ଥାନୀୟ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ପ୍ରକାଶ ଯେ ଏହି କିଛି ଦିନ ହେବ ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତରେ ଏକ ପାଗଳ ମାଙ୍କଡ଼ର ଆକ୍ରମଣରେ ୫ଜଣ ଆହତ ହୋଇଛନ୍ତି। ବାଲିସମଳା ଗ୍ରାମର ସୀତା ଚାଳିଆ, ଶୈଳବାଳା ଦାସ, ସ୍ୱପ୍ନାପ୍ରିୟା ବର୍ଦ୍ଧନ, ହୀରାପୁର ଗ୍ରାମର ହେମଲତା ମହାନ୍ତି, ରୁଦ୍ର ସାମଲ ଏହି ମାଙ୍କଡ଼ କାମୁଡ଼ାରେ ଆହତ ହୋଇ ଚିକିତ୍ସିତ ହେଉଥିବାବେଳେ ଏମାନଙ୍କ ମଧ୍ୟରୁ କେତେକ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାଯାଇଛି। ମାଙ୍କଡ଼ଟି ହଠାତ୍ ଲୋକମାନଙ୍କ ଉପରେ ଆକ୍ରମଣ କରି ରକ୍ତାକ୍ତ କରିପକାଉଥିବାରୁ ମାଙ୍କଡ଼କୁ ନେଇ ଏହି ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ମାଙ୍କଡ଼ ଭୟରେ। ଛୋଟ ଛୋଟ ପିଲାମାନେ ବିଦ୍ୟାଳୟ ଯିବାକୁ ସୁରକ୍ଷିତ ମଣୁନାହାଁନ୍ତି। ତେଣୁ ପ୍ରଶାସନ ଏହି ପାଗଳ ମାଙ୍କଡ଼କୁ କାବୁ କରି ଜଙ୍ଗଲରେ ଛାଡିବା ସହ ଗ୍ରାମବାସୀଙ୍କୁ ସୁରକ୍ଷା ଦେବାପାଇଁ ସରକାରଙ୍କ ନିକଟରେ ଦାବି ହୋଇଛି।

## ରାସ୍ତା ଅବରୋଧ ହଟାଇବାକୁ ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

**ଆଳି,୧୧।୩ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଅର୍ଗଳ ପଂଚାୟତ ଦୁଇ ତିନି ନମ୍ବର ୱାଡର ସରକାରୀ ରାସ୍ତାକୁ ଅବରୋଧ କରିଛନ୍ତି କିଛି ଲୋକ।ଏହି ପ୍ରତିବାଦରେ ଗ୍ରାମର ଯୁବଗୋଷ୍ଠି ମାନେ ଅବରୋଧ ହଟାଇବା ପାଇଁ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ପହଞ୍ଚି ତହସିଲଦାରଙ୍କୁ ଏକ ଦାବି ପତ୍ର ଦେଇଛନ୍ତି। ଉକ୍ତ ରାସ୍ତାରେ ଯାତାୟାତ ଓ ଜାନବାହନ ଚଳାଇବା ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଗ୍ରାମବାସୀ। ଅର୍ଗଳ ୱାଡ଼ର ଗମନା ଗମନ ସୁବିଧା ନିମନ୍ତେ ଢ଼ଳେଇ ରାସ୍ତା ନିର୍ମାଣ ହୋଇଛି। କିନ୍ତୁ କିଛି ଅସାଧୁ ମୁଷ୍ଟିମେୟ ଲୋକ ଭିନ୍ନ ଭାବରେ କରୁଛନ୍ତି ରାସ୍ତା ଅବରୋଧ, ଢ଼ଳେଇ ରାସ୍ତାକୁ ଲାଗି ବାଡ଼ ବସାଇବା ରାସ୍ତାରେ ଦୀର୍ଘ ଦିନ ଧରି ବାଲି ଗୋଡି ଜମାକରିବା, ଅଳିହା ଆବର୍ଜନା ପକାଇବା ଗୋରୁ ବାନ୍ଧିବା ରାସ୍ତାକୁ ମଡାଇ ପାହାଚ କରିବା ଦ୍ୱାରା ଜରୁରୀ କାଳୀନ ସେବାରେ ଆମ୍ବୁଲାନ୍ସ ଓ ଦମକଳ ଯାନ ବାହାନ ଚଳାଚଳ ରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏମିତିକି ବର୍ଷ ବର୍ଷ ଧରି ଏ ଭଳି ଅବରୋଧ କରୀ ଆସୁଥିଲେ ମଧ୍ୟ ପ୍ରଶାସନ ପାଖରେ ଅଭିଯୋଗ କଲେ ତାହାର ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏବେ ଲିଖିତ ଅଭିଯୋଗ ପରେ ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଖୁସିବେକ୍ତ କରିଛନ୍ତି । ଏହି ଅବରୋଧ ହଟାଇବା ପାଇଁ ସାମିଲ ଥିଲେ ଆଶିଷ କୁମାର ଦାସ, ଶୁକଦେବ ନାୟକ, ତିଲୋଚନ ବେହେରା, ସୁଶାନ୍ତ ନାୟକ, ସରଜ୍ ନାୟକ ପ୍ରମୁଖ। ଅନ୍ୟ ପଟେ ତହସିଲଦାର ଶାନ୍ତି ସରୂପ ମିଶ୍ର କହିଛନ୍ତି ଫିଲ୍ଡ ରିପୋର୍ଟ ଆସିଲେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ।



## ମହିଳା ଦିବସରେ ବିଶ୍ୱ ରେକର୍ଡରେ ସ୍ଥାନ ପାଇଲା କେନ୍ଦ୍ରାପଡ଼ା ସାଂସ୍କୃତିକ ଦଳ




**କେନ୍ଦ୍ରାପଡ଼ା,୧୧।୩ (ସଂଚାର ବ୍ୟୁରୋ):** ବିଶ୍ୱମହିଳା ଦିବସ ଉପଲକ୍ଷେ ଆସାମ ଗୌହାଟି ଜ୍ୟୋତିଚିତ୍ରବନ ଫିଲ୍ମ ସିଟି ଠାରେ ଟ୍ୟାଲେଣ୍ଟ ପ୍ରୋଜେକ୍ଟ ଓ ଅନ୍ତରଜାତୀୟ ବିଶ୍ୱ ରେକର୍ଡ଼ ଅଫ ୟୁନିଭର୍ସ ଓ ନାରୀଶକ୍ତି ଟ୍ରଷ୍ଟ ଅଫ ଇଣ୍ଡିଆ ପକ୍ଷରୁ ଆୟୋଜିତ କଳାପ୍ରଦର୍ଶନ ଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଲୋକକଳା ପରିବେଷଣ କାର୍ଯ୍ୟକ୍ରମରେ ଓଡିଶା କେନ୍ଦ୍ରାପଡ଼ାର କଳାକାରମାନେ ବିଶ୍ୱ ରେକର୍ଡ଼ରେ ସ୍ଥାନ ପାଇଲେ । କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ କଳା ଅନୁଷ୍ଠାନ ରୟାଲ ଡ୍ୟାନ୍ସ ଏକାଡେମୀର ଛାତ୍ରୀ କୃଷ୍ଣା ବେହେରା, ଟୁନି ମଲ୍ଲିକ, କାବ୍ୟା ମଣ୍ଡଳ, ନିମିଶା ପ୍ରିୟଦର୍ଶିନୀ, ଓଡିଶୀ ନୃତ୍ୟ ଗୁରୁ ଶୁଭଶ୍ରୀ ସାହୁ (ଜଟଣୀ ) ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ବିଶ୍ୱରେକର୍ଡ଼ ୟୁନିଭର୍ସରେ ସ୍ଥାନ ପାଇଲେ । କେନ୍ଦ୍ରାପଡ଼ା ଜିଲ୍ଲାସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ଏହି ସାଂସ୍କୃତିକ ନୃତ୍ୟ ଦଳ ସଫଳତା ଆଣିଛି ରାଜ୍ୟପାଇଁ । ରୟାଲ ଡ୍ୟାନ୍ସ ଏକାଡେମୀ ସମ୍ପାଦକ ପ୍ରତିଷ୍ଠାତା ମହେଶ ପାଢ଼ୀଙ୍କ ନେତୃତ୍ୱରେ ଏହି ପାଞ୍ଚ ଜଣିଆ ସାଂସ୍କୃତିକ ଦଳ ସଫଳତାର ଶ୍ରେୟ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ଏହି ସଫଳତା ପାଇଁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଛି ।

# ଖାଦ୍ୟ ସାମଗ୍ରୀ ପରିବର୍ତ୍ତେ ବିକ୍ରି ହେଉଛି ଜହର

## ବିଭିନ୍ନ ଦୋକାନରେ ଖାଦ୍ୟ ବିକ୍ରି ଯାଞ୍ଚ୍ ଦାବି

**ଡେରାବିଶ,୧୧।୩ (ସଂଚାର ବ୍ୟୁରୋ):** ଡେରାବିଶ ଅଞ୍ଚଳରେ ଦୈନିକ ନିତ୍ୟ ବ୍ୟବହାର ଖାଦ୍ୟ ସାମଗ୍ରୀରେ ମିଶୁଛି ଜହର। ଦୋକାନରେ ମିଳୁଥିବା ବିଭିନ୍ନ ଖାଦ୍ୟ ଏବେ ଅପମିଶ୍ରିତ ଭାବେ ବିକ୍ରି ହେଉଛି। କେତେକ ସମୟରେ ବ୍ୟସ୍ତତା କାରଣରୁ କିଣୁଥିବା ଜିନିଷର ଏକ୍ସପାୟାର ତାରିଖ ନଦେଖି ଦେକାନରୁ କିଣି ନେଉଥାଉ। ଏହାର କିଛି ଫାଇଦା ଉଠାଉଛନ୍ତି କିଛି ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ଦୋକାନୀ। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ କୁସୁନୁପୁରୁ ଅଞ୍ଚଳରେ।

ସୂଚନା ଯୋଗ୍ୟ କି ଉକ୍ତ ଅଞ୍ଚଳର କୁସୁନୁପୁରୁ ସରକାରୀ ବିଦ୍ୟାଳୟ ନିକଟରେ ଏକ ଦୋକାନ ଅଛି। କିନ୍ତୁ ଉକ୍ତ ଦୋକାନରେ ଏକ୍ସପାୟାର ନଥିବା ଖାଦ୍ୟ ସାମଗ୍ରୀ ତଥା ଚକୋଲେଟ, ବିସକୁଟ, କେକେ ସହିତ ଥଣ୍ଡା ପାନ୍ୟ ଜଳ ରଖି ବିକ୍ରି କରୁଥିବାର ଦେଖିବାକୁ ମିଳିଛି। ଅଧିକାଂଶ ସମୟରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟକୁ ଯାଆସ କରିବା ସମୟରେ ବିଭିନ୍ନ ପ୍ରକାରର ଖାଦ୍ୟ ଦ୍ରବ୍ୟ କିଣି ନେଇଥାନ୍ତି। ଏଥି ସହିତ ଏହା କଟକ ଚାନ୍ଦବାଲି ମୁଖ୍ୟ ରାଜପଥ ହୋଇଥିବାରୁ ଅନେକ ବାଟୋଇମାନେ ଅଧିକାଂଶ ସମୟରେ ଏହି ଦୋକାନରେ ଅଟକି ଏକ୍ସପାୟାର ନଥିବା ଦ୍ରବ୍ୟ ଅଜାଣତରେ କିଣି ନେଇଥାନ୍ତି । ଅନୁରୂପ ଭାବେ ମଙ୍ଗଳବାର ଦୁଇଜଣ ପଥଚାରି ଉକ୍ତ ଦୋକାନରେ ଅଟକିଯାଇ ଥଣ୍ଡା ପାନୀୟ ଜଳ କିଣି ପିଇଥିଲେ । କୌଣସି କାରଣରୁ ସନ୍ଦେହ ହେବାରୁ ଦୁଇଟି ଯାକ ଥଣ୍ଡା ପାନୀୟ ଜଳର ଏକ୍ସପାୟାର ତାରିଖ ଦେଖିଥିଲେ। ବିଡମ୍ବନାର ବିଷୟ ଦୁଇଟି ଯାକ ବୋତଲର ଏକ୍ସପାୟାର ତାରିଖ ଶେଷ ହୋଇଯାଇଥିଲା। ଏ ବାବଦରେ ପଥଚାରି ଉକ୍ତ ଦୋକାନୀକୁ ଜଣେଇବାରୁ ଉକ୍ତ ଦୋକାନୀ ଜଣଙ୍କ ନିଜ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ପଥଚାରିଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ଖାଦ୍ୟ ସୁରକ୍ଷା ବିଭାଗ କେନ୍ଦ୍ରାପଡ଼ାକୁ ଅଭିଯୋଗ କରିବା ପରେ ଖାଦ୍ୟ ନିରାପତ୍ତା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସତ୍ୟାସତ ପରଖିବା ସହ ତଦନ୍ତ ଆରମ୍ଭ କରିଥିବାର ଦେଖିବାକୁ ମିଳିଛି ।

ଅନ୍ୟପକ୍ଷରେ ଖାଲି ଏହି ଗୋଟିଏ ଦୋକାନ ନା ଏହି ଅଂଚଳର ଆଉ କେତୋଟି ଦୋକାନରେ ଏହିପରି ଏକ୍ସପାୟାର ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଯଦି ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀ ଗୁରୁତର ଭାବେ ନ ନିଅନ୍ତି ତେବେ ଆଗାମୀ ଦିନରେ ଅନେକ ଧନ ଜୀବନ କ୍ଷତି ହେବାନେଇ ସ୍ପଷ୍ଟ ବାରି ହେଉଛି ।



## ମୁଖ୍ୟମନ୍ତ୍ରୀ ଓ ଆଇନ୍‌ମନ୍ତ୍ରୀଙ୍କୁ ସାକ୍ଷାତ କଲେ ଅରିନ୍ଦମ୍



**ସାଲେପୁର,୧୧।୩ (ସଂଚାର ବ୍ୟୁରୋ):** ସାଲେପୁରରେ ଥିବା ଅତିରିକ୍ତ ଦୌରାଜଜ୍‌ଙ୍କୁ ଏସ୍.ସି.ଏସ୍.ଟି. କେସ୍ ଗୁଡ଼ିକର ପରିଚାଳନା କ୍ଷମତା ପ୍ରଦାନ କରାଯାଇନଥିବାରୁ ମାହାଙ୍ଗା, ସାଲେପୁର ଓ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ କେସ୍ କଟକ କୋର୍ଟରେ ଚାଲୁଅଛି। ଫଳରେ ଏହି କେସ୍‌ରେ ଅନ୍ତର୍ଭୁକ୍ତ ଥିବା ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସବୁ ସମସ୍ୟାକୁ ଆଖିଆଗରେ ରଖି ଆଜି ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଆଇନ୍ ମନ୍ତ୍ରୀଙ୍କୁ ସାକ୍ଷାତ କରି ସାଲେପୁରରେ ଥିବା ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କୁ ଏସ୍. ସି.ଏସ୍.ଟି. କେସ୍ ଗୁଡିକୁ ପରିଚାଳନା କରିବା ନିମନ୍ତେ କ୍ଷମତା ଦେବାପାଇଁ ଲିଖିତ ଭାବେ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ଆଇନ୍‌ମନ୍ତ୍ରୀ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବାର ଶ୍ରୀ ରାୟ ପ୍ରକାଶ କରିଛନ୍ତି।

## ନିମ୍ନମାନର କାର୍ଯ୍ୟ ଅଭିଯୋଗ ପରେବି କାର୍ଯ୍ୟାନୁଷ୍ଠାନ ଶୂନ

### ଗେହ୍ଲାପୁଅ ହୋଇ ରହିଛନ୍ତି ଯନ୍ତ୍ରୀ

### ଭିଜିଲାନ୍ସ ତଦନ୍ତ ପାଇଁ ଦାବି



**ଆଳି,୧୧।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି-ମହୁ ପୂର୍ତ୍ତ ବିଭାଗର ରାସ୍ତାକାମରେ ବ୍ୟାପକ ଅନିୟମିତତା ସହ ନିମ୍ନ ମାନର କାର୍ଯ୍ୟ ହେଇଥିବାର ଅଭିଯୋଗ ହୋଇଥିଲା। ଯାହା ଫଳରେ ଏହି ଖବର ଗଣମାଧ୍ୟମରେ ଶିରୋନାମା ପାଲଟିଥିଲା। ଅଭିଯୋଗ କରି ଗ୍ରାମବାସୀ ନୟାନ୍ତ ହୋଇ ଥିବା ବେଳେ ଗୋଟିଏ ସପ୍ତାହ ବିତିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏମିତି କି ଆଗରୁ ଯେପରି କାର୍ଯ୍ୟ ଚାଲୁଥିଲା ଏବେବି ସେହି ପରି କାର୍ଯ୍ୟ ଚାଲୁଛି। ଯେମିତିକି ପକ୍କା ରାସ୍ତାନିର୍ମାଣରେ ୪ଇଞ୍ଚ ଢ଼ଳେଇ ସ୍ଥାନରେ ୩ଇଞ୍ଚ ଢ଼ଳେଇ କରାଯିବା ସହ ନିମ୍ନମାନର ସିମେଣ୍ଟ ବ୍ୟବହୃତ ହୋଇ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏମିତିକି ରାସ୍ତା ନିର୍ମାଣ ପରେ ଝାଡୁ ମାରିଲେ ସିମେଣ୍ଟ ବହାରିଯାଉଥିବା ମଧ୍ୟ ଲୋକେ କହିଛନ୍ତି। ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବ ସରକାରରେ ବିଭାଗର ଗେହ୍ଲା ପୁଅ ସାଜିଥିବା ଆଳି ଡିଭିଜନର ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ଠିକାଦାର ମନମାନିରେ କାମ ଚାଲୁଥିବା ଅଭିଯୋଗ ହେଉଛି। ଯାହା ଫଳରେ ଅତିଷ୍ଠ ହୋଇ ଗଲେଣି ଗ୍ରାମବାସୀ। ଏଠି ପ୍ରଶ୍ନଉଠେ କାହା ଛତ୍ରଛାୟାରେ ରହିଛନ୍ତି ଯନ୍ତ୍ରୀ। ଯନ୍ତ୍ରୀଙ୍କ ନାମରେ ବାରମ୍ବାର ଅଭିଯୋଗ ଆସିଥିଲେ ମଧ୍ୟ କାହିଁକି ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅନ୍ୟପଟେ ଗ୍ରାମବାସୀ ଏହି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସାରା ରାଜ୍ୟରେ ପିଶି ଖୋରଙ୍କ ଉପରେ ଭିଜିଲାନ୍ସ ଛାଟ ବାଜୁଥିବା ବେଳେ, ଆଳି ଓ ମହୁ ପୂର୍ତ୍ତ ବିଭାଗର ନିମ୍ନମାନର କାର୍ଯ୍ୟ ଗୁମର ଖୋଲି ଭିଜିଲାନ୍ସ ଗେହ୍ଲା ପୁଅଙ୍କ ଉପରେ ଛାଟ ଲଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେପଟେ ଖୁବ ଶୀଘ୍ର ତଦନ୍ତ ନହେଲେ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ମାଙ୍କଡ଼ ଆକ୍ରମଣରେ ଛାତ୍ର ଗୁରୁତର

**କେନ୍ଦ୍ରାପଡ଼ା,୧୧।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣତିଆ ପଂଚାୟତ ରେ ଦେଖିବାକୁ ମିଳିଛି ମାଙ୍କଡ଼ ଉପଦ୍ରବର ଭୟଙ୍କର ଚିତ୍ର। ମଙ୍ଗଳବାର ସୁରଜ କୁମାର ସାମଲ ନାମକ ସପ୍ତମ ଶ୍ରେଣୀ ଛାତ୍ର ସକାଳୁ ଟିଉସନ ପାଇଁ ଘରୁ ବାହାରି ଯାଉଥିବା ବେଳେ କାଇସାଇ ବଜାରରେ ହଟାତ ଏକ ମାଙ୍କଡ଼ ଆକ୍ରମଣ କରିଥିଲା । ପିଲାଟିକୁ ତଳେ ପକାଇ ଗଡେଇ ପଡେଇ କାମୁଡି ପିଲାଟିର ଶରୀରରେ ବିଭିନ୍ନ ଜାଗାରେ କ୍ଷତ ବିକ୍ଷତ କରିଥିଲା । ପରେ ଲୋକମାନେ ପାଟିକରି ଘଉଡ଼ାଇବା ପରେ ମାଙ୍କଡ଼ଟି ପଳାଇଯାଇଥିଲା। ପରେ ପିଲାଟିକୁ ନେଇ ସ୍ଥାନୀୟ ଇନ୍ଦୁପୁର ମେଡ଼ିକାଲରେ ଚିକିତ୍ସା କରାଯାଇଥିଲା। ସୂଚନା ମୁତାବକ ଗତ ଦୁଇ ତିନି ଦିନ ମଧ୍ୟରେ ବହୁ ଲୋକଙ୍କୁ ଆକ୍ରମଣ କରିଲାଣି ମାଙ୍କଡଟି। ଏହି ବିଷୟରେ ଖବର ପାଇ କେନ୍ଦ୍ରାପଡା ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଦୁଇଟି ମାଙ୍କଡ଼କୁ କାବୁ ଟ୍ରାଙ୍କୁଲାଇଜର କରିଛନ୍ତି। ଏହି ବିଷୟରେ ପଚାରିବାରୁ କେନ୍ଦ୍ରାପଡା ବନ ବିଭାଗ ଅଧିକାରୀ କହିଛନ୍ତି କି ସେଇ ଜାଗାରୁ ଆଗରୁ ମଧ୍ୟ ପାଞ୍ଚୋଟି ମଙ୍କଡ଼କୁ ଧରି ଅନ୍ୟତ୍ର ଜଙ୍ଗଲରେ ଛଡା ଯାଇଥିଲା। ଏହି ଘଟଣା ବାରମ୍ବାର ହେବା ଫଳରେ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି।

## ୬ଷ୍ଠ ସାଗର ବେଳା ମହୋତ୍ସବ ଉଦ୍‌ଘାଟିତ

**ରାଜନଗର,୧୧।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ୬ଷ୍ଠ ସାଗରବେଳା ମହୋତ୍ସବ ଗତକାଲି ସଂଧ୍ୟାରେ ଉଦ୍‌ଘାଟିତ ହୋଇଛି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ସାଗରବେଳା ମହୋତ୍ସବକୁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ପ୍ରାକୃତିକ ସମ୍ବଳ ଓ ମାନବ ସମ୍ବଳର ବିକାଶରେ ରାଜନଗର ବିକାଶ ଅଙ୍ଗାଙ୍ଗୀ ଭାବେ ଜଡିତ। ରାଜନଗର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ, ପରମ୍ପରା ଓ ପରିବେଶ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ମହୋତ୍ସବ ପ୍ରମୁଖ ମାଧ୍ୟମ ବୋଲି କହିଥିଲେ। ଏଥିସହ ସାଗରବେଳା ମହୋତ୍ସବ ଏ କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ନେବାରେ ସଫଳ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ।

ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡଃ. ଅଭୟ କୁମାର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟ ବକ୍ତା ଭାବେ ଦିବ୍ୟ ଜୀବନ ସଂଘ ଓଡିଶାର ସ୍ୱାମୀ ଶ୍ରୀନିବାସ ନନ୍ଦ ସରସ୍ୱତୀ, ସଂମାନିତ ଅତିଥି ଭାବେ ରାଜନଗର ନିର୍ବାଚନ ମଣ୍ଡଳୀ ବିଜେପି ନେତା ଲଳିତ କୁମାର ବେହେରା ଯୋଗଦେଇ ଭିତରକନିକାର ପ୍ରାକୃତିକ ବିଭବ ଆମକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ବୋଲି କହିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଡଃ. ଅଭୟ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାସଚିବ ପ୍ରଫେସର ସତ୍ୟବାଦୀ ଜେନା ବିବରଣୀ ପାଠ କରିଥିଲେ। ସଂଗଠନ ସଂପାଦକ ଡଃ. ଧରଣୀଧର ରାଉତ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।







## ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି

**ମହାକାଳପଡ଼ା,୧୧।୩ (ସଂଚାର ବ୍ୟୁରୋ):** ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଆଜି ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ଗ୍ରୀଷ୍ମପ୍ରବାହର ମୁକାବିଲା କରିବାରେ କ'ଣ କ'ଣ ପଦକ୍ଷେପ ନିଆଯିବା ଦରକାର ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକମାନଙ୍କୁ ସତର୍କତା ଜରିଆରେ ସଚେତନତା ପାଇଁ ମଧ୍ୟ ଆଲୋଚନା କରିଥିଲେ ଅଧିକାରୀ। ଆଗକୁ ଆସୁଥିବା ଗ୍ରୀଷ୍ମ ପ୍ରବାହରେ ଲୋକମାନେ କିପରି ସଚେତନ ହେବେ ଓ ଅଂଶୁଘାତରୁ ରକ୍ଷା ପାଇ ପାରିବେ ସେ ସମ୍ପର୍କରେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ବିଡ଼ିଓ। ଏହି ଆଲୋଚନାରେ ତହସିଲଦାର ଶିବ ମଲ୍ଲିକଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ମାଟି ଚୋରିକୁ କେନ୍ଦ୍ରକରି ବିବାଦ

## ହୋମଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ



**କେନ୍ଦ୍ରାପଡା,୧୧।୩ (ସଂଚାର ବ୍ୟୁରୋ):** ଇଟାଭାଟି ପାଇଁ ବେଆଇନ୍ ମାଟି ଖନନକୁ ବିରୋଧ କରିବାରୁ ଜମି ମାଲିକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଆକ୍ରମଣର ଶିକାର ହୋଇଥିବା ସନ୍ତୋଷ ମଲିକ୍ ଜଣେ ହୋମଗାର୍ଡ ବୋଲି ଜଣାପଡିଛି। ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଇଟାଭାଟି ନିକଟରୁ ଉଦ୍ଧାର କରିଛନ୍ତି। ସନ୍ତୋଷଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ସନ୍ତୋଷଙ୍କ ଜମିରୁ କିଛି ଲୋକ ମାଟି ଉଠାଇ ଇଟା ତିଆରି କରୁଥିବା ସେ ଖବର ପାଇଥିଲେ । ମଙ୍ଗଳବାର ପୂର୍ବାହ୍ନ ସମୟରେ ଘଟଣା ସମ୍ପର୍କରେ ଖବର ନେବା ପାଇଁ ସନ୍ତୋଷ ଜମି ନିକଟକୁ ଯାଇଥିଲେ । ସେଠାରେ ମାଟି ଉଠାଉଥିବା କିଛି ଲୋକଙ୍କ ସହ ତାଙ୍କର ବଚସା ହୋଇଥିଲା । ତେବେ ମାଟି ଉଠାଉଥିବା ଲୋକ ଏକାଠି ହୋଇ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ । ସନ୍ତୋଷ ଲହୁଲୁହାଣ ହୋଇ ଇଟାଭାଟି ନିକଟରେ ପଡି ରହିଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଛନ୍ତି ।

### ଆକ୍ସନ ମୋଡ୍‌ରେ କେନ୍ଦ୍ରାପଡ଼ା ପ୍ରଶାସନ

## ବେଆଇନ୍ ଇଟାଭାଟିରେ ଚଢ଼ିଲା ବୁଲଡୋଜର



**କେନ୍ଦ୍ରାପଡ଼ା,୧୧।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଏବେ ଆକ୍ସନ ମୁଡ୍‌ରେ। ଚୋରା ବାଲି ମାଫିଆ ଏବଂ ବେଆଇନ୍ ଇଟାଭାଟି ଉପରେ ଅତର୍କିତ ଚଢ଼ାଉ କରିବା ସହ ଇଟା ଭାଟି ଉପରେ ବୁଲ୍‌ଡୋଜର ଚଢ଼ାଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ପଦାର୍ଥ ଓ ବାଲିର ଅବୈଧ ଉଠାଣ ଓ ଚୋରା ଚାଲାଣ ଏବଂ ଅବୈଧ ଇଟା ଭାଟିର ନିର୍ମାଣକୁ ରୋକିବା ପାଇଁ ଉପ ଜିଲ୍ଲାପାଳ, ତହସିଲଦାର ଏବଂ ଆଇଆଇସିଙ୍କୁ ନେଇ ସାତ ଗୋଟି ଏନଫୋର୍ସମେନ୍ଟ ଟିମ ଗଠନ କରାଯାଇଥିଲା । କେନ୍ଦ୍ରାପଡ଼ାଠାରେ ଅବସ୍ଥାପିତ ଖଣି ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡା, ଗରଦପୁର, ରାଜକନିକା ଏବଂ ମହାକାଳପଡ଼ା ତହସିଲ ଅନ୍ତର୍ଗତ ୧୯ ଗୋଟି ଇଟା ଭାଟି ଉପରେ ଚଢାଉ କରାଯାଇ ୩ ଗୋଟି ଟ୍ରାକ୍ଟର ଗରଦପୁର ତହସିଲରୁ ଜବତ କରାଯାଇଛି। ଉପ-ଜିଲ୍ଲାପାଳ ଶ୍ରୀ ଅରୁଣ କୁମାର ନାୟକ ଏବଂ କେନ୍ଦ୍ରାପଡା ତହସିଲଦାର ଶ୍ରୀ ତାପସ ଦେହୁରୀଙ୍କ ନେତୃତ୍ୱରେ କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଗରାପୁର ଆରଆଇ ସର୍କଲରେ ଥିବା ଇଟାଭାଟି ଉପରେ ମିଳିତ ଚଢାଉ କରାଯାଇଥିଲା । ବିଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୨,୪୭,୦୦୦ ଟଙ୍କା ଜୋରିମାନା ଆଦାୟ ହେବା ସହ ଆଜି ପର୍ଯ୍ୟନ୍ତ ସମୁଦାୟ ୭,୪୭,୦୦୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରାଯାଇଛି । ଚୋରା ଚାଲାଣ କାର୍ଯ୍ୟରୁ ବିରତ ନ ହେଲେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ ଚେତାବନୀ ଶୁଣାଇଛନ୍ତି। ଜନସାଧାରଣ ଜିଲ୍ଲା ପ୍ରଶାସନକୁ ସାହାଯ୍ୟ ଓ ସହଯୋଗ କରିବେ ବୋଲି ଜିଲ୍ଲାପାଳ ଗଣମାଧ୍ୟମର ପ୍ରତିନିଧିମାନଙ୍କ ମାଧ୍ୟମରେ ଆଶାବ୍ୟକ୍ତ କରିଛନ୍ତି ।

### କେନାଲ ତାଡି ହେଉଛି ରାସ୍ତା କାମ

# ହଜାର ଏକରରୁ ଉର୍ଦ୍ଧ୍ୱ ଚାଷ ଜମିକୁ ମିଳିବନି ପାଣି !



**ଡେରାବିଶ,୧୧।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ୧୧ ନମ୍ବର କେନାଲରୁ ମାଟି ତାଡି ରାସ୍ତାକାମ କରୁଛନ୍ତି ଠିକାଦାର । ଯାହା ଫଳରେ କେନାଲର ଗଭୀରତା ବଢ଼ି ଯାଉଛି । କେନାଲରୁ ଚାଷ ଜମିକୁ ପାଣି ଯିବା ପାଇଁ ବସିଥିବା ଶୋଠର ଉଚ୍ଚତା ବଢ଼ିଯିବା ଫଳରେ ଚାଷ ଜମିକୁ ପାଣି ଯାଉନାହିଁ । ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ପରିମାଣରେ ପାଣି ନ ଆସିବା ଓ କେନାଲରୁ ଜେସିବି ସାହାଯ୍ୟରେ ମାଟି ତାଡି ସେହି ମାଟିକୁ ରାସ୍ତା କାମରେ ଲଗାଇବା ଦ୍ୱାରା ୧୧ ନମ୍ବର କେନାଲ ଉପରେ ନିର୍ଭର କରୁଥିବା ଶହ ଶହ ଚାଷୀ ଏବେ ଚାଷ କେମିତି ହେବ ବୋଲି ନିରାଶ ପ୍ରକାଶ କରୁଛନ୍ତି।ତେବେ ହଜାର ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ଏହି କେନାଲ ଉପରେ ନିର୍ଭର କରୁଥିବା ବେଳେ ଜଳସେଚନ ବିଭାଗର ଖାମଖିଆଲି ମନୋଭାବ ଓ ଉପରିସ୍ଥ ଅଧିକାରୀଙ୍କ ସହ ଠିକାଦାରଙ୍କ ମଧୁଚନ୍ଦ୍ରିକାରୁ ଏହି କେନାଲ ଉପରେ ନିର୍ଭର କରୁଥିବା ଚାଷୀଙ୍କ ଏପରି ଦୁଃଅବସ୍ଥା ହେଉଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି।

ତେବେ ଚାନ୍ଦୋଳ ସବ ଡିଭିଜନ ଛତା ଜଳସେଚନ ବିଭାଗ ଅଧୀନରେ ଏହି କେନାଲ ଚାନ୍ଦୋଳରୁ ପଲେଇ, ବିଶୋକ ବାଘିଲ, ଓଲଢ଼ି, ଫକୀରାବାଦରୁ ମନ୍ତ୍ରୀପଡା ନୂଆଗାଁ କୁରଜଙ୍ଗା ଦେଇ ଯାଇଥିବା ବେଳେ ଛତା ଡିଭିଜନ ଅଫିସରରୁ ମାତ୍ର ପାଞ୍ଚ ଶହ ମିଟର ହେବ । ତେବେ କିପରି ଏହି କେନାଲରୁ ଉଠୁଥିବା ମାଟି ଉପରେ କାହାର ନଜର ପଡୁନି ତାକୁ ନେଇ ଆଲୋଚନା ହେବାର ଲାଗିଛି । ଚାଷ ଜମିକୁ ଜଳ ସେଚନର ସୁବିଧା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଜଳସେଚନ ବିଭାଗର ଚେଇଁ ଶୋଇବା ନୀତି ଓ ଉପରିସ୍ଥ ଅଧିକାରୀଙ୍କ ନିଜ ସ୍ୱାର୍ଥ ପାଇଁ ଚାଷୀକୁଳ ଆଜି ତ୍ରାହି ତ୍ରାହି ଡାକୁଥିବା ଶୁଣିବାକୁ ମିଳୁଛି । ତେବେ ଯଦି ଏଥିପରି କାର୍ଯ୍ୟ ପ୍ରତି ରାଜ୍ୟ ସରକାର ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଦୃଷ୍ଟି ନ ଦିଅନ୍ତି ଆଗାମୀ ଦିନରେ ହଜାର ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ପାଣି ଅଭାବରୁ ପଡିଆ ପଡିବ ବୋଲି ଅଞ୍ଚଳବାସୀ କହୁଛନ୍ତି ।

## କ୍ଷେତ ପୋଖରୀ ଖନନ ଦୁର୍ନୀତିର ତଦନ୍ତ

**ରାଜନଗର,୧୧।୩ (ସଂଚାର ବ୍ୟୁରୋ):** ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କେନ୍ଦ୍ରପଡା ଜିଲ୍ଲାରେ କ୍ଷେତ ପୋଖରୀ ଖନନ ଯୋଜନାରେ ଦୁର୍ନୀତି ହୋଇଛି। ଆଜି ଲୋକାୟୁକ୍ତ କାର୍ଯ୍ୟାଳୟର ଅନୁସନ୍ଧାନ ପକ୍ଷ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ରାଜନଗର ବ୍ଲକରେ ଆଜି ତଦନ୍ତ ହୋଇଥିବା ବେଳେ ଜିଲ୍ଲାରେ ୩ ଦିନ ଧରି ଏହି ତଦନ୍ତ ଚାଲିବ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ କେନ୍ଦ୍ରପଡା ଜିଲ୍ଲାର ୯ ଟି ବ୍ଲକରେ ୨୦୨୦ -୨୧ ଆର୍ଥିକ ବର୍ଷରେ ମୃତ୍ତିକା ସଂରକ୍ଷଣ ବିଭାଗ ସହାୟତାରେ ମନରେଗା ଯୋଜନାରେ ୨୫୬ ଟି କ୍ଷେତ ପୋଖରୀ ଖନନ କରଯାଇଥିଲା। ସରକାରଙ୍କ ନୀତି ନିୟମକୁ ଉଲାଘନ କରି ପୋଖରୀ ଖନନ ସ୍ଥାନରେ ସୂଚନା ଫଳକ ନମାରି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଶ୍ରମିକ ମାନଙ୍କୁ ନିଯୋଜିତ ନକରି ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ନେଇ ଗରଦପୁରର ପବିତ୍ର କୁମାର ପାଣି ଲୋକାୟୁକ୍ତଙ୍କ ନିକଟରେ କେଶ ନମ୍ବର ଖଣ ୨୮୦ /୨୦୨୩ରେ ମାମଲା ରୁଜୁ କରିଥିଲେ। ୧୧ ତାରିଖ ଠାରୁ ୧୩ ତାରିଖ ଯାଏଁ ୩ ଦିନ ଧରି କେନ୍ଦ୍ରପଡା ଜିଲାର ୯ ଟି ବ୍ଲକରେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ପାଇଁ ମାନ୍ୟବର ଲୋକାୟୁକ୍ତ କାର୍ଯ୍ୟଳୟର ଅନୁସନ୍ଧାନ ପକ୍ଷ ନିର୍ଦ୍ଦେଶ ଦେଇଥିଲେ। ଆଜି ଠାରୁ ତଦନ୍ତ ଆରମ୍ଭ ହୋଇଛି।

## ଅଗ୍ନିକାଣ୍ଡ ଜଳିଗଲା ୩ ବଖରା, ଗୃହମୁଖ୍ୟ ଗୁରୁତର



**ପଟ୍ଟାମୁଣ୍ଡାଇ,୧୧।୩ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଲୁରିଆ ପଞ୍ଚାୟତ ମହଲକଣ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଛପର ଘର ସମେତ ଆସବାବପତ୍ର ସମ୍ପୂର୍ଣ୍ଣ ଭସ୍ମିଭୂତ ହୋଇଯାଇଛି। ପ୍ରକାଶ ଯେ ବଲୁରିଆ ମହଲକଣ ଗ୍ରାମର ବିଶ୍ୱଜିତ ରାଉତ (ବୁଢ଼ା) ଓ ତାଙ୍କ ପତ୍ନୀ ଜୟଶ୍ରୀ ଶୋଇଥିବାବେଳେ ହଠାତ ଅତ୍ୟଧିକ ଗରମ ହେବାରୁ ବିଶ୍ୱଜିତ ଘର ବାହାରକୁ ଆସି ତାଙ୍କର ବାସଗୃହ ଜଳୁଥିବା ଦେଖିବାକୁ ପାଇଥିଲେ । ଏହା ଦେଖି ସେ ପାଟି କରିବାରୁ ସାହିପଡିଶାମାନେ ପହଁଚି ପୋଖରୀରୁ ପାଣି ବୋହି ଆଣି ନିଆଁ ଲିଭାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ । ନିଜେ ବିଶ୍ୱଜିତ ଗୋଟିଏ ସିଡ଼ି ସାହାଯ୍ୟରେ ପିଢା ଉପରକୁ ଚଢି ଯାଇ ଛପର ଉଲାରୁ ଥିବା ସମୟରେ ଅସାବଧାନତାବଶତଃ ସିଡ଼ିରୁ ଖସି ତଳେ ପଡିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଅଗ୍ନିକାଣ୍ଡରେ ବିଶ୍ୱଜିତଙ୍କ ପତ୍ନୀ ଜୟଶ୍ରୀଙ୍କ ଗୋଡ଼ ମଧ୍ୟ ପୋଡିଯାଇଛି।

# ବିଜେଡ଼ି ଏବେ ବି ତାମିଲ ଛାପରୁ ମୁକ୍ତ ହୋଇନି: ଅନିଲ

● ସୀମାନିର୍ଦ୍ଧାରଣ କରାଗଲେ ଓଡ଼ିଶାର ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ବଢ଼ିବ
● ବିଜେଡି ୨୦୨୪ ବିଧାନସଭା ନିର୍ବାଚନ ହାରିବା ପରେ ଏବେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ମୁହାଁ



**ଭୁବନେଶ୍ୱର,୧୧।୩ (ସଂଚାର ବ୍ୟୁରୋ):** ଦେଶରେ ଇଣ୍ଡି ମେଣ୍ଟର କିଛି ରାଜନୈତିକ ଦଳ ମାନେ ଡିଲିମିଟେସନକୁ ନେଇ ଅଯଥାରେ ମିଥ୍ୟାପ୍ରଚାର କରୁଛନ୍ତି, ବିବାଦୀୟ ବୟାନ ଦେଇ ଲୋକଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସୀମାନିର୍ଦ୍ଧାରଣ ପ୍ରକ୍ରିୟା ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବ। ସାରା ଦେଶ ଡିଲିମିଟେସନ ସପକ୍ଷରେ ଥିବା ବେଳେ ତାମିଲନାଡୁର ଶାସକ ଦଳ ଡିଏମକେ ସେମାନଙ୍କର ଚିରାଚରିତ ବିଭାଜନକାରି ଏଜେଣ୍ଡାକୁ ଆଗକୁ ନେବା ପାଇଁ ଚେଷ୍ଟା କରୁଛନ୍ତି। ଏବେ ଏଥିରେ ବିଜୁ ଜନତା ଦଳ ମଧ୍ୟ ସାମିଲ ହେବା ପ୍ରମାଣିତ କରୁଛି ଯେ ଏବେ ବି ବିଜୁ ଜନତା ଦଳ ତାମିଲ ଛାପରୁ ମୁକ୍ତି ପାଇନାହିଁ। ୨୦୨୪ ବିଧାନସଭା ନିର୍ବାଚନ ହାରିବା ପରେ ଏବେ ବିଜେଡି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ମୁହାଁ ହୋଇଛି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଅନିଲ ବିଶ୍ୱାଳ କହିଛନ୍ତି। ଓଡ଼ିଶା ରାଜନୀତିକୁ ତାମିଲକରଣର କରିବାର ଅପଚେଷ୍ଟାର ଜବାବ ଚଳିତ ନିର୍ବାଚନରେ ଓଡ଼ିଶାର ଲୋକେ ଦେଇଥିଲେ। ଆଜି ନବୀନ ବାବୁ ବିଧାନସଭା ନଯାଇ ଘରେ ରହି ତାମିଲନାଡୁର ଶାସକଦଳ ଡିଏମକେର ଜଣେ ମନ୍ତ୍ରୀ ଓ ଜଣେ ସାଂସଦଙ୍କୁ ଭେଟିବା ପ୍ରମାଣିତ କରୁଛି ଯେ ନବୀନ ବାବୁ ଏବେ ବି ତାମିଲଛାପରୁ ମୁକ୍ତି ପାଇପାରିନାହାନ୍ତି। ଡିଲିମିଟେସନ କରାଗଲେ ଓଡ଼ିଶାର ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ବଢ଼ିବ। ଦେଶର ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟକରିସାରିଛନ୍ତି ଯେ ସମସ୍ତ ରାଜ୍ୟର ଲୋକସଭା ଆସନ ସଂଖ୍ୟା ବଢ଼ିବ ପଛେ କାହାର କମିବ ନାହିଁ। ତେଣୁ ଡିଲିମିଟେସନ ବିରୋଧରେ ଅପପ୍ରଚାର କରି କିଛି ରାଜନୈତିକ ଦଳ ଏହାର ବିରୋଧ କରି ଏହାକୁ ରୋକିବା ପାଇଁ ଚେଷ୍ଟା କରୁଛନ୍ତି। ଓଡ଼ିଶା ସବୁବେଳେ ଜାତୀୟ ସ୍ରୋତରେ ସାମିଲ ରହିଆସିଛି। ଦେଶରେ ଡିଏମକେ ଭଳି ଦଳମାନେ ସବୁବେଳେ ଜାତୀୟ ସ୍ରୋତର ବିରୋଧରେ ଯାଇଛନ୍ତି। ବିଜୁ ଜନତା ଦଳ ସେମାନଙ୍କ ସହିତ ହାତ ମିଳାଇଛି କି, ଏନେଇ ବିଜେଡି ସ୍ପଷ୍ଟିକରଣ ଦେବା ଉଚିତ୍ ବୋଲି ଶ୍ରୀବିଶ୍ୱାଳ କହିଛନ୍ତି।

# ପୁଲିସ ପଞ୍ଝାରେ ମନ୍ଦିର ଲୁଟେରା ଗ୍ୟାଙ୍ଗ୍

● ମାଷ୍ଟର୍‌ମାଇଣ୍ଡ୍ ସମେତ ୩ ଗିରଫ
● ଚୋରି ପାଇଁ ବ୍ଲଗ୍ ଓ ଗୁଗ୍‌ଲର ସହାୟତା
● ସାପ ଭୟରେ ଶିବମନ୍ଦିରରେ ପଶୁନଥିଲେ

**ନୟାଗଡ଼,୧୧।୩ (ସଂଚାର ବ୍ୟୁରୋ) :** ଟାଉନ ଥାନା ପୁଲିସକୁ ଆଜି ମିଳିଛି ବଡ଼ ସଫଳତା। ସାରା ରାଜ୍ୟର ବିଭିନ୍ନ ମନ୍ଦିରରୁ ଚୋରି କରି ପୁଲିସ ଆଖିରୁ ନିଦ ହଜାଇଦେଇଥିବା ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି। ଏହି ମାମଲାର ମାଷ୍ଟରମାଇଣ୍ଡ ସମେତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରିଛି ପୁଲିସ । ନୟାଗଡ଼ ଏସପି ଏସ୍. ସୁଶ୍ରୀ କହିଛନ୍ତି, "ଗିରଫ ହୋଇଥିବା ଲୁଟେରାମାନେ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧୀନ ଅଇଁଲାଚୁଆଁ ଗାଁର ସୁଶାନ୍ତ କର୍ମୀ (୨୭), ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅଧୀନ ଗଡ଼ଭିତର ଭାଁର ଲକ୍ଷ୍ମୀନାରାୟଣ ନାୟକ (୩୪), ସାହିଲ ପାତ୍ର (୨୬), ବଲାଙ୍ଗୀର ଥାନା ଅଧୀନ ବ୍ରାହ୍ମଣୀପଡ଼ା ଗାଁର ଗୌରହରି ମହାନ୍ତି। ଏମାନଙ୍କ ନିକଟରୁ ପୋଲିସ ଠାକୁର ପିନ୍ଧିଥିବା ୮ଟି ଚିତା (୩୨ ଗ୍ରାମ), ରୁପା






ମୁକୁଟ, ରୁପା ନାଗ ସାପ, ନାକ ଚଣା, ଚିତା (୧୫୦୦ ଗ୍ରାମ), ଗୋଟିଏ ମୋବାଇଲ ଫୋନ, ଦୁଇଟି ଲୁହା ରଡ୍, ବ୍ୟାଗ୍, ୪୦ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଅଇଁଲାଚୁଆଁ ଗାଁର ସୁଶାନ୍ତ ହିଁ ମୁଖ୍ୟ ଅଭିଯୁକ୍ତ । ସୁଶାନ୍ତ ନାଁରେ କେବଳ ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୧ ଟି ମାମଲା ରହିଥିବାବେଳେ ସାହିଲ ନାଁରେ ଗୋଟିଏ ଓ ଲକ୍ଷ୍ମୀନାରାୟଣ ନାଁରେ ୩ଟି ମାମଲା ରହିଛି ।" ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଓ ଟାଉନ ଥାନା ଇନ୍ସପେକ୍ଟର ରଶ୍ମୀ ରଂଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପୁଲିସର ସୂଚନା ଅନୁସାରେ, ଗୁଗଲରେ ଗୋଟିଏ ଗୋଟିଏ ଜିଲ୍ଲା ସମ୍ପର୍କରେ ଅନୁସନ୍ଧାନ କରିବା ସହ ସେଠାରେ ଥିବା ପ୍ରସିଦ୍ଧ ମନ୍ଦିରର ଇତିହାସକୁ ସୁଶାନ୍ତ ଭଲ ଭାବେ ପଢ଼େ। ଏହାପରେ ଜିପିଏସ ବ୍ୟବହାର କରି ସେଠାରେ ପହଞ୍ଚିଥାଏ। ଏହା ପୂର୍ବରୁ ମନ୍ଦିରରେ ପ୍ରବେଶ ଓ ପ୍ରସ୍ଥାନ ପଥକୁ ଭଲ ଭାବେ ଯାଞ୍ଚ୍ କରୁଥିଲା ସୁଶାନ୍ତ। ସିସିଟିଭିକୁ ଫାଙ୍କିବା ପାଇଁ ସେ ମୁହଁରେ କପଡ଼ା ବାନ୍ଧୁଥିଲା। ଠାକୁରଙ୍କୁ ମୁଣ୍ଡିଆ ମାରି ନିଜ କାମ ପାଇଁ ଭୁଲ ମାଗିବା ପରେ ସେ ଚୋରି କରୁଥିଲା। ମନ୍ଦିରରେ କଳାକନା ବୁଲାଇ ସାରିବା ପରେ ସେ ସେଠାରୁ ବେଶ୍ ଆରାମରେ ଖସିଯାଉଥିଲା। ଏହାପରେ ଚୋରି ସାମଗ୍ରୀକୁ ସେ ଗିରଫ ହୋଇଥିବା ଏହି ୩ ଜଣଙ୍କୁ ଦେଉଥିଲା। ସାପ ଭୟରେ ଶିବ ମନ୍ଦିରରୁ ଚୋରି କରୁନଥିଲା ବୋଲି ପଚରାଉଚରାବେଳେ ପୁଲିସ ଜାଣିବାକୁ ପାଇଛି ଯେ, ସୁଶାନ୍ତ ସବୁ ମନ୍ଦିରରୁ ଚୋରି କରୁଥିଲା। ମାତ୍ର ଶିବ ମନ୍ଦିରକୁ ପ୍ରବେଶ କରୁନଥିଲା। ଶିବ ଲିଙ୍ଗ ନିକଟରେ ଥିବା ସାପକୁ ସେ ବହୁତ ଭୟ କରୁଥିଲା । ଫଳରେ ସେଠାରୁ ସେ ଚୋରି କରିବାକୁ ଆଦୌ ସାହସ କରିପାରୁନଥିଲା । ମାତ୍ର ଅନ୍ୟ ଯେତେକ ମନ୍ଦିରରୁ ସେ ଚୋରି କରୁଥିଲା, ସବୁଠି ଠାକୁରଙ୍କୁ ଭୁଲ ମାଗୁଥିଲା, ତେଣୁ ପାପ ହେବନି ବୋଲି ତାର ଧାରଣା ଥିଲା। ବିଭିନ୍ନ ଜିଲ୍ଲାର ପୋଲିସ ତାକୁ ଖୋଜୁଥିବାବେଳେ ନୟାଗଡ଼ ପୋଲିସ ତାକୁ ଗିରଫ କରିବାକୁ ସକ୍ଷମ ହୋଇଛି।"

# ଦ୍ୱାଦଶ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

## ଇଂରାଜୀ କୋର୍ ପରୀକ୍ଷାର୍ଥୀଙ୍କୁ ଦିଆଗଲା ଇଲେକ୍ଟିଭ୍ ପ୍ରଶ୍ନପତ୍ର

**ବଡ଼ସାହି,୧୧।୩(ସଂଚାର ବ୍ୟୁରୋ):** ସିବିଏସଇ ଦ୍ୱାଦଶ ପରୀକ୍ଷାରେ ୩୨ ଛାତ୍ରଛାତ୍ରୀଙ୍କ ବଦଳିଗଲା ପ୍ରଶ୍ନପତ୍ର। ଇଂରାଜୀ କୋର୍ ବିଷୟ ବଦଳରେ ପରୀକ୍ଷାର୍ଥୀଙ୍କୁ ଦିଆଗଲା ଇଂରାଜୀ ଇଲେକ୍ଟିଭ ପ୍ରଶ୍ନ । ଫଳରେ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଆଦର୍ଶ ବିଦ୍ୟାଳୟର ୩୨ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଏବେ ଅନ୍ଧାରରେ । ଏନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ବ୍ଲକ ଟିଟିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସେଣ୍ଟରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଡ଼ସାହିର ଦ୍ୱାଦଶ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଆଜି ଇଂରାଜୀ ପରୀକ୍ଷା ଥିଲା। ବଡ଼ସାହି ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଇଂରାଜୀ କୋର୍ ବିଷୟରେ ପରୀକ୍ଷା ଦେଇଥାନ୍ତେ। ହେଲେ ସେମାନଙ୍କୁ ଦିଆଯାଇଥିଲା ଇଂରାଜୀ ଇଲେକ୍ଟିଭ ପ୍ରଶ୍ନ। ଯାହା ଦେଖି ଛାତ୍ରଛାତ୍ରୀଙ୍କ ମୁଣ୍ଡ ଗୋଳ ହୋଇଯାଇଥିଲା। କାରଣ ଇଂରାଜୀ କୋର ଓ ଇଲେକ୍ଟିଭ ବିଷୟ ସମ୍ପୂର୍ଣ୍ଣ ଅଲଗା। ଯେଉଁଥିପାଇଁ ଛାତ୍ରଛାତ୍ରୀମାନେ କାନ୍ଦିକାନ୍ଦି ପରୀକ୍ଷା ହଲରୁ ବାହାରିଥିଲେ। ଏଥିଯୋଗୁ ୩୨ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧାରକୁ ଠେଲି ହୋଇଯାଇଛି। ଅନ୍ୟପଟେ ବଡ଼ସାହି ଓଏଭି କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ ଏପରି ହୋଇଛି ବୋଲି କହିଛନ୍ତି ସେଣ୍ଟର ପଡ଼ିଥିବା ଓଏଭି, ଟିଟିଆର ପ୍ରିନସିପାଲ କହିଛନ୍ତି । ବଡ଼ସାହି ଓଏଭି ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣରେ ତ୍ରୁଟି ରହିଛି । ସେମାନଙ୍କ ଆଡମିଟ କାର୍ଡରେ ମଧ୍ୟ ଇଂରାଜୀର ଇଲେକ୍ଟିଭ ବିଷୟ ରହିଥିଲା । ସେହି ଅନୁସାରେ ସେମାନଙ୍କୁ ପ୍ରଶ୍ନପତ୍ର ଦିଆଯାଇଥିଲା ବୋଲି ସେ କହିଛନ୍ତି । ସେପଟେ ଏନେଇ ବଡ଼ସାହି ଓଏଭି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଦନ୍ତା ଆକ୍ରମଣରେ ଜଣେ ମୃତ



**ଅନୁଗୋଳ,୧୧।୩(ସଂଚାର ବ୍ୟୁରୋ):** ପୁଣି ମାତିଲା ଦନ୍ତା । ଆକ୍ରମଣରେ ଜଣେ ମୃତ। ମୃତକ ଅନୁଗୋଳ ବନାଞ୍ଚଳ ଅନ୍ତର୍ଗତ କରତପଟା ସେକ୍ସନ ଧୋକୁଟା ହରିଜନ ସାହିର ବିଜୟ ନାଏକ । ସୂଚନାନୁସାରେ ଗତକାଲି ରାତିରେ ଘର ପଛପଟକୁ ଯାଇଥିବା ବେଳେ ତାଙ୍କୁ ଦଳି ଦେଇଛି ଦନ୍ତା। ଗତ ୬ ତାରିଖରେ ଶଙ୍ଖପୁର ଅଞ୍ଚଳର ଜଣଙ୍କୁ ମାରିଥିଲା ଦନ୍ତା । ଗାଁ ଆଖପାଖରେ ୬ ହାତୀ ଚଳପ୍ରଚଳ କରୁଥିବା ସୂଚନା ମିଳିଛି । ବନବିଭାଗ ଡ୍ରୋନ ସାହାଯ୍ୟରେ ଦନ୍ତାର ଗତିବିଧି ଉପରେ ନଜର ରଖିଛି । ଦନ୍ତା ଆକ୍ରମଣ ଯୋଗୁ ଆତଙ୍କିତ ଅଛନ୍ତି ସ୍ଥାନୀୟ ଅଧିବାସୀ । ଜଙ୍ଗଲକୁ ଚାଲିଯାଇଥିଲା ।

## ଆଜିଠୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

**ଭୁବନେଶ୍ୱର,୧୧।୩ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ପଞ୍ଚମବେଦର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ପଞ୍ଚମବେଦ ସମ୍ମାନ-୨୦୨୫ ତଥା ଅମୀୟ ପଟ୍ଟନାୟକ ସ୍ମୃତି ସମ୍ମାନ-୨୦୨୫ ଆସନ୍ତା ମାର୍ଚ୍ଚ ୧୨ ରୁ ୧୬ ତାରିଖ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ମାର୍ଚ୍ଚ ୧୨ ତାରିଖ ଉଦ୍‌ଘାଟନୀ ସନ୍ଧ୍ୟାରେ ଲାବଣ୍ୟ ଥିଏଟର, ଭୁବନେଶ୍ୱର ନାଟକ "ଭକ୍ତ ରାମଦାସ୍" ମଞ୍ଚସ୍ଥ କରିବେ। ଏତଦ୍‌ବ୍ୟତୀତ ୧୩ ମାର୍ଚ୍ଚରେ ଉତ୍ତରପୁରୁଷ, ଭୁବନେଶ୍ୱରର ନାଟକ "ନାରୀର କଙ୍କାଳ", ୧୪ ମାର୍ଚ୍ଚରେ ପଞ୍ଚଧ୍ୱନି ନାଟ୍ୟ ପରିଷଦ, ଭୁବନେଶ୍ୱର ନାଟକ "ନମସ୍ୟା ଶ୍ୟାମଳୀ", ୧୫ ମାର୍ଚ୍ଚରେ ବାଗ୍‌ଦେବୀ ଲିଟରେଚର ଟ୍ରଷ୍ଟ, ଭୁବନେଶ୍ୱର ନାଟକ "ଜାତି ନନ୍ଦିଘୋଷ" ଓ ୧୬ ମାର୍ଚ୍ଚ ଉଦ୍‌ଯାପନୀ ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ନାଟ୍ୟଶାଳା, ପୁରୀ ନାଟକ "ଗାନ୍ଧୀ ଭୂମିକାରେ" ପରିବେଷଣ କରିବେ। ୧୬ ମାର୍ଚ୍ଚ ଉଦ୍‌ଯାପନୀ ସନ୍ଧ୍ୟାରେ ଅମୀୟ ପଟ୍ଟନାୟକ ସ୍ମୃତି ସମ୍ମାନ-୨୦୨୫ରେ ସମ୍ମାନିତ ହେବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ଶ୍ରୀ ଦେବାନନ୍ଦ ନାୟକ (ସୋନି)। ସେହି ସନ୍ଧ୍ୟାରେ ପଞ୍ଚମବେଦନ ସମ୍ମାନ-୨୦୨୫ରେ ସମ୍ମାନିତ ହେବେକୃଷ୍ଣଚରଣ ସିଂହ (ସଙ୍ଗଠକ ଓ ସଙ୍ଗୀତ ନିର୍ଦ୍ଦେଶକ), ଅଶୋକ ବହିଦାର, (ବିଶିଷ୍ଟ ନାଟ୍ୟକାର) କୈଳାସ ପାଣିଗ୍ରାହୀ (ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା), ରତିକାନ୍ତ ବେହେରା (ନାଟ୍ୟ ସଙ୍ଗଠକ, ନିର୍ଦ୍ଦେଶକ ଓ ଅଭିନେତା) ଓ ସୁକାନ୍ତି ମହାପାତ୍ର (ବରିଷ୍ଠ ଅଭିନେତ୍ରୀ) ।

# ଗୋଚାଲାଣ ବେଳେ ପୁଲିସ୍‌ର ଏନକାଉଣ୍ଟର, ୨ ମାଫିଆ ଗିରଫ

**ସମ୍ବଲପୁର,୧୧।୩ (ସଂଚାର ବ୍ୟୁରୋ) :** ପୁଣି ସମ୍ବଲପୁରରେ ଏନକାଉଣ୍ଟର। ଆଜି ସକାଳୁ ସକାଳୁ ୨ ବେଆଇନ ଗୋଚାଲାଣକାରୀଙ୍କ ମାଫିଆଙ୍କୁ ପୁଲିସ ଏନକାଉଣ୍ଟର କରିଛି। ସମ୍ବଲପୁର ସିଟି ଷ୍ଟେସନ ଅଞ୍ଚଳରେ ଏହି ଏନକାଉଣ୍ଟର ହୋଇଥିବା ବେଳେ ଏଥିରେ ପଶ୍ଚିମବଙ୍ଗର ୨ ଜଣ ଗୋମାଫିଆ ଆହତ ହୋଇଛନ୍ତି। ଜଣଙ୍କ ବାମଗୋଡ଼ ଏବଂ ଜଣଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି । ସକାଳ ପାଖାପାଖି ୫ଟା ୩୫ ମିନିଟ ସମୟରେ ଏହି ଏନକାଉଣ୍ଟର ହୋଇଛି । ସମ୍ବଲପୁର ଅତିରିକ୍ତ ଏସପି ଶଶାଙ୍କ ଶେଖର ବେଉରାଙ୍କ ସୂଚନା ଅନୁସାରେ, ଆଜି ଭୋର ପ୍ରାୟ ୫ଟା ୩୫ ମିନିଟ ସମୟରେ ସମ୍ବଲପୁର ସିଟି ଷ୍ଟେସନ ନିକଟରେ ଏକ ଗୋରୁ ବୋଝେଇ ଟ୍ରକକୁ ଗୋଚାଲାଣକାରୀ ଏକ କାରରେ ଏସକର୍ଟ୍ କରି ନେଉଥିବା ଖବର ପୁଲିସ ଜାଣିବାକୁ ପାଇଥିଲା। ରାଜସ୍ଥାନ ନମ୍ବର ଥିବା ଏକ ଟ୍ରକରେ ପ୍ରାୟ ୨୫ରୁ ୩୦ଟି ଗାଈକୁ ଲୋଡ଼ କାରି ଟ୍ରକକୁ ଏକ କାରରେ ଏସକର୍ଟ କରି ନିଆଯାଉଥିଲା। ଏନେଇ ପୁଲିସ ଗୋରୁ ବୋଝେଇ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ଗୋଚାଲାଣକାରୀଙ୍କ ପକ୍ଷରୁ ୩ ରାଉଣ୍ଡ ଗୁଳି ଫାୟାରିଂ କରାଯାଇଥିଲା। ଏହାର ଜବାବରେ ପୋଲିସ ୫ ରାଉଣ୍ଡ ଫାୟାରିଂ କରଥିଲା। ଏଭଳି କିଛି ସମୟ ପୁଲିସ ଓ ଅଭିଯୁକ୍ତ ଗୋଚାଲାଣକାରୀଙ୍କ



ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଗୁଳି ବିନିମୟରେ ୨ ଅଭିଯୁକ୍ତଙ୍କ ଆଣ୍ଠୁ ତଳେ ଗୁଳି ବାଜିଛି । ଜଣକର ବାମ ଗୋଡ଼ ଆଣ୍ଠୁ ତଳେ ଓ ଜଣକର ଡାହାଣ ଆଣ୍ଠୁ ତଳେ ଗୁଳି ବାଜିଛି ।ଗୋଚାଲାଣକାରୀଙ୍କ ମାଫିଆଙ୍କ ଆଣ୍ଠୁ ତଳେ ଗୁଳି ବାଜିଥିବା ବେଳେ ଉଭୟଙ୍କୁ ଆହତ ଅବସ୍ଥାରେ ବୁର୍ଲା ଭୀମସାର ମେଡିକାଲରେ ଭର୍ତ୍ତି କରାଯାଇଛି । ସେଠାରେ ସେମାନଙ୍କ ଚିକିତ୍ସା କରାଯାଉଛି। ବର୍ତ୍ତମାନ ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡିଛି । ଉଭୟଙ୍କ ପାଖରୁ ପୋଲିସ ୨ଟି ଦେଶୀ ବନ୍ଧୁକ ଓ ୪ଟି ଗୁଳି ଜବତ କରିଛି । ଉଭୟ ଅଭିଯୁକ୍ତ ପଶ୍ଚିମବଙ୍ଗ ହାୱଡ଼ା ଜିଲ୍ଲାର ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ଏକ ହ୍ୟୁଣ୍ଡାଇ କାର (ଡବ୍ଲ୍ୟୁବି୧୪ଏଏ ୧୨୩୨) ଜବତ ହୋଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

# ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା



**ଖୋର୍ଦ୍ଧା,୧୧।୩(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ସ୍ଥାନୀୟ ଜଟଣୀର ତରାବୋଇଠାରେ ଥିବା ସ୍କିଲ୍ ଡେଭଲପ୍‌ମେଣ୍ଟ୍ ଇନଷ୍ଟିଚ୍ୟୁଟ୍ ଅଡିଟୋରିଅମରେ ଜିଲ୍ଲାପାଳ ଚଞ୍ଚଳ ରଣାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଗ୍ରାମାଞ୍ଚଳର ମହିଳାଙ୍କ ଲୁକ୍କାୟିତ ଦକ୍ଷତା ଲୋକଲୋଚନକୁ ଆଣିବା ସହ ସେମାନଙ୍କର ବାର୍ଷିକ ଆୟ ୧ ଲକ୍ଷରୁ ଅଧିକ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଖୋର୍ଦ୍ଧା ଜିଲ୍ଲାରେ ୩୦ରୁ ୪୦ ହଜାର ଟଙ୍କା ଆୟ ଥିବା ପୋଟେନସିଆଲ ଲକ୍ଷପତି ଦିଦିଙ୍କୁ ୫୮୦୦୦ ବୋଲି ଚିହ୍ନଟ କରାଯାଇଛି। ସେହିପରି ବାର୍ଷିକ ଲକ୍ଷେ ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରୁଥିବା ମା'ଙ୍କ ସଂଖ୍ୟା ୨୧ରୁ ଊର୍ଦ୍ଧ୍ୱ ଥିବା ଜଣାପଡ଼ିଛି। କର୍ମଶାଳାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ଟାଙ୍ଗୀ ଓ ଜଟଣୀ ବିଡିଓ ଉପସ୍ଥିତ ଥିଲେ। କର୍ମଶାଳାରେ ବାଣପୁର, ଚିଲିକା, ଜଟଣୀ, ବୋଲଗଡ ଓ ବେଗୁନିଆ ବ୍ଲକର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଓ ଲକ୍ଷପତି ଦିଦିମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲ୍ଲା ଓଡ଼ିଶା ଜୀବିକା ମିଶନ୍‌ର ପ୍ରକଳ୍ପ ପରିଚାଳିକା ପ୍ରେମସି ନାୟକ ସ୍ୱାଗତ କରିବା ସହ କର୍ମଶାଳା ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ବିଭିନ୍ନ ଜୀବିକାଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ କିପରି ମହିଳାମାନଙ୍କୁ ସ୍ୱାମ୍ବଲମ୍ବୀ କରାଯାଇପାରିବ, ସେନେଇ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ରଣା ମହିଳାମାନଙ୍କୁ ଉଦବୋଧନ ଦେଇ ସେମାନେ କିପରି ନିଜେ ଅର୍ଥନୀତିକ ସ୍ୱାବଲମ୍ବୀ ହେବା ସହ ପରିବାର ଓ ଦେଶକୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବେ, ସେନେଇ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଲକ୍ଷପତି ଦିଦିମାନେ ସେମାନଙ୍କ ସଫଳତାର କାହାଣୀ ଉପସ୍ଥାପନ କରିଥିବା ବେଳେ ପରିଶେଷରେ ଉପମୁଖ୍ୟ ନିର୍ବାହୀ ଅଧିକାରୀ ରାଜଗୋପାଳ ଦାସ ଧନ୍ୟବାଦ ଦେଇଥିଲେ।

# ୨୪ରେ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ




**ଭୁବନେଶ୍ୱର,୧୧।୩ (ସଂଚାର ବ୍ୟୁରୋ):** ବର୍ଷ ବର୍ଷ ଧରି ସରକାରଙ୍କ ବହୁବିଧ ଯୋଜନାକୁ ବ୍ଲକ ସ୍ତରରୁ ସଚିବାଳୟ ପର୍ଯ୍ୟନ୍ତ ଅକ୍ଲାନ୍ତ ଶ୍ରମଶକ୍ତି ଦେଇ ସଫଳ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରି ଆସୁଛୁ, କାହାର ୮ ଘଣ୍ଟା ପରିଶ୍ରମ ବେଳେ ଆମର ୧୨ ଘଣ୍ଟାରୁ ଅଧିକ ପରିଶ୍ରମ, ସେଥିରେ ପୁଣି କିଛି ଅଧିକାରୀଙ୍କ ଆମ ପ୍ରତି ଅସମ୍ମାନ ଓ ଅବିଚାର, କଥା କଥାକେ ଚାକିରିରୁ ଛଟେଇ କରିବାର ଧମକ, ଖାଲି ଧମକ ନୁହେଁ ନାନା ଆଳରେ ଛଟେଇ ବି କରୁଛନ୍ତି, ପ୍ରତିଦାନରେ ହାତଟେକା ସ୍ୱଳ୍ପ ପରିମାଣର ପାରିଶ୍ରମିକ, ତାହା ପୁଣି ଦୁଇ ପ୍ରକାର ର - ନିଯୁକ୍ତି ତୃତୀୟ ପକ୍ଷ ଦ୍ୱାରା, କିନ୍ତୁ ପାରିଶ୍ରମିକ ଡେଲି ୱେଜେସ୍ ଓ ଆଉଟସୋର୍ସିଙ୍ଗ ଭଳି ଦୁଇ ପ୍ରକାରର। ଏ ନିୟମ କିଏ, କାହିଁକି ଓ କେବେ ହେଲା ବ୍ୟବସ୍ଥାର ବଡ ପଣ୍ଡାମାନେ କହି ପାରୁନାହାନ୍ତି। ଅତୀତରେ ନା ସରକାରୀ ଗାଇଡଲାଇନ ଆଧାରରେ,ନା କିଛି ନୀତି ନିୟମରେ ପଛ ଦ୍ୱାର ଦେଇ ଆଉହକ ଚାକିରି କରିଥିବା ଲକ୍ଷାଧିକ କର୍ମଚାରୀଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ" ଗୋଟିଏ ବାକ୍ୟରେ ଲେଖିଦେଇ ସ୍ଥାୟୀ କଲେ, ଆକାଶ ଛିଣ୍ଡି ପଡିଲାନି, ସେହିପରି ବିନା ନିଯୁକ୍ତି ପରୀକ୍ଷାରେ ବିନା କୌଣସି ଧାର୍ଯ୍ୟ ନିୟମରେ ଡେଲି ୱେଜେସରେ ଚାକିରି କରୁଥିବା ହଜାର ହଜାର କର୍ମଚାରୀଙ୍କୁ ୧୯୯୭ମସିହା ଅର୍ଥ ବିଭାଗ ବିଜ୍ଞପ୍ତି କ୍ରମରେ ସ୍ଥାୟୀ କରାଗଲା, ମେଦିନୀ ଫାଟିଗଲା ନାହିଁ, କିନ୍ତୁ ବର୍ଷ ବର୍ଷ ଧରି ସକଳ ଯୋଜନାର ଅସଲ ଚାବିକାଠିମାନଙ୍କୁ ବିଭିନ୍ନ ଆଳରେ ଗୋତି ଶ୍ରମିକଠାରୁ ଆହୁରି ହୀନ ହେୟ ଅବସ୍ଥାରେ କାମ କରେଇ ନେଉଥିବା ବେଳେ, ତୃତୀୟ ପକ୍ଷ ବା ସର୍ଭିସ ପ୍ରୋଭାଇଡ଼ର ଏଜେନ୍ସି ଦ୍ୱାରା ନିଯୁକ୍ତି ଦିଆଯାଇଥିବାରୁ ସେମାନଙ୍କୁ କୌଣସି ହାଲତରେ ନ୍ୟାୟ ଦିଆଯିବ ନାହିଁ, ସେମାନଙ୍କୁ ଘରୋଇ ଗୋଲାମ ଭାବେ ଚାବୁକ ମାରି ଭୟ ଆଶଙ୍କା ଭିତରେ ରଖାଯିବ କିଭଳି ନ୍ୟାୟ ? କିଭଳି ଗଣତନ୍ତ୍ର ? କିଭଳି ରାଜ୍ୟ ? କିଭଳି ନିୟମ ? କିଭଳିପ୍ରଶାସନ ? ଏ ହିନ ଓ ଶୋଷଣକାରୀ ମାନସିକତା ପରିହାର କରି ଓଡିଶା ରାଜ୍ୟର ଅସହାୟ ଶିକ୍ଷିତ ଯୁବ ବର୍ଗଙ୍କୁ ତଥାକଥ ମଣିଷ ତିଆରି ଆଇନ ର ସଂଶୋଧନ କରି ତୁରନ୍ତ ସ୍ଥାୟୀ କରିବା ସହ ଅନ୍ୟାୟ ଓ ଅବିଚାରିତ ଭାବେ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଏବଂ ଆଉଟସୋର୍ସିଂ ଓ ଡେଲି ଓ ଏଜେସ କୁ ଏକ କରି ଦରମା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ପାଇଁ ଆଜି ସାମ୍ବାଦିକ ସମ୍ମିଳନୀ ରେ ଓଡିଶା ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ଦାବି କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ମହାସଂଘର, ମହାସଚିବ ହେମନ୍ତ ବସ୍ତିଆ, ସାଧାରଣ ସମ୍ପାଦକ,ମାନସ ଦାଶ ଗୌତମ ମହାରଣ୍ୟ, ପୂର୍ବ ମିଶ୍ର, ପ୍ରତାପ ନାଥ, ସଚିତ୍ର ଦାଶ, ଦୀପକ ପାଣି, ତାପସ ମିଶ୍ର, ବାମଦେବ ସାହୁ, ସନ୍ତୋଷ ସିଂହ ଦିବ୍ୟଲୋଚନ ସ୍ୱାଇଁ ଶାଗର ସ୍ୱାଇଁ, ସହେଲୁର ରହେମାନ, ବିଶ୍ୱଜିତ ନାଥ, ଚିତ୍ତ ମହାନ୍ତି, ଗୁରୁ ଶତପଥି, ପ୍ରଭାସ ଭଞ୍ଜ ପ୍ରମୁଖ ଶହ ଶହ କର୍ମଚାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ



**ଭୁବନେଶ୍ୱର,୧୧।୩ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଯୋଗଦେଇ ଓଡ଼ିଆ ଭାଷାର ଗୌରବମୟ ପରମ୍ପରା ଓ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ପଛରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭୂମିକା ସମ୍ପର୍କରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ଭାବେ ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦାନ କରି ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ବିଭିନ୍ନ ଆଧାର ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଆ ଭାଷାର ବିଭବ ଓ ବୈଶିଷ୍ଟ ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଉପସ୍ଥିତ ରହି ଓଡ଼ିଆ ଭାଷାର ପ୍ରଥିତଯଶା ସାହିତ୍ୟିକଙ୍କ କୃତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବିଭାଗୀୟ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟତମ ଅଧାପିକା ସୁଶ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ, ଅଧାପକ ଡ. ଅଜୟ କୁମାର ବିଶ୍ୱାଳ, ଓଡ଼ିଆ ଭାଷାର ବିଭିନ୍ନ ଦିଗ ସମ୍ପର୍କରେ ଅଭିମତ ରଖିଥିଲେ। ଓଡ଼ିଆ ବିଭାଗ ଛାତ୍ରୀ ପ୍ରୀତିପ୍ରତୀକ୍ଷା ଜେନା ଧନ୍ୟବାଦ ଅର୍ପଣ କରିଥିବାବେଳେ ବିଶ୍ୱବିଦ୍ୟାଳୟର ଡ. ଧୀରଜ କୁମାର ମହାପାତ୍ର, ଡ. ଶମ୍ଭୁ ଶୋଭରା, ଡ. ଆଶିଷ ମହାପାତ୍ର, ଡ. ନିଳାଦ୍ରୀ କଲ୍ୟାଣ ଦାସ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମହିଳାମାନେ ସମୃଦ୍ଧ ହେଲେ ସମାଜ ଶୃଙ୍ଖଳିତ ହେବ: ଜଷ୍ଟିସ ରଥ



**ଭୁବନେଶ୍ୱର,୧୧।୩ (ସଂଚାର ବ୍ୟୁରୋ):** ନାରୀ କେବେ ଦୁର୍ବଳ କିମ୍ବା ଅବହେଳିତା ନୁହଁନ୍ତି। ସେମାନେ ସବଳା ଓ ଶକ୍ତିମୟୀ। ମା' ହିଁ ଘରର ମେରୁଦଣ୍ଡ। ସେ ହିଁ ପରିବାରକୁ ଏକାଠି ରଖିପାରେ, ପରିବାରର ସଦସ୍ୟଙ୍କୁ ଆଗକୁ ବଢ଼ିବାରେ ସହଯୋଗ କରିପାରେ। ତେଣୁ ମହିଳାମାନେ ସମୃଦ୍ଧ ହେଲେ ସମାଜ ଶୃଙ୍ଖଳିତ ଓ ସୁସଂଗଠିତ ହୋଇପାରିବ ବୋଲି ଅବସରପ୍ରାପ୍ତ ବିଚାରପତି ତଥା ଶ୍ରୀମନ୍ଦିର ରତ୍ନଭଣ୍ଡାର କମିଟିର ଅଧ୍ୟକ୍ଷ ବିଶ୍ୱନାଥ ରଥ କହିଛନ୍ତି।

ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଓଡ଼ିଶା ମହିଳା ମହୋତ୍ସବ-୨୦୨୫ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜଷ୍ଟିସ ରଥ କହିଛନ୍ତି ଯେ, ଯୁଗେ ଯୁଗେ ମହିଳାମାନେ ପୂଜ୍ୟା। ସେ ଘରର ଚାବିକାଠି ସମ୍ଭାଳିବା ସହ ପରିବାରର ଯାବତୀୟ କାର୍ଯ୍ୟ କରିଥାନ୍ତି। ସେ ହିଁ ପରିବାରକୁ ସଜାଡ଼ିବା ସହ ସମାଜକୁ ଶୃଙ୍ଖଳିତ ଓ ଆଗକୁ ବଢ଼ିବାରେ ପ୍ରମୁଖ ଭୂମିକା ନେଇଥାନ୍ତି। ଶିକ୍ଷାର ମହାସ୍ରୋତରେ ମହିଳମାନେ ସାମିଲ୍ ହୋଇ ଦେଶର ସମସ୍ତ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ବିକାଶର ଧାରାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି।

ଟ୍ରଷ୍ଟର ଅଧକ୍ଷା ସମାଜସେବୀ ନିବେଦିତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସବିତା ଆଚାର୍ଯ୍ୟ ଓ କଲିକତା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସ୍ମୃତି ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ "ସମ୍ବାଦ ଶତରୂପା" ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଆଲୋଚକ ଭାବେ ଡଃ ଜୟଶ୍ରୀ ମହାପାତ୍ର, ସଖୁବୀନ୍ଦର କୌର, କୁମ୍‌କୁମ୍ ଦେବୀ, ବିଷ୍ଣୁପ୍ରିୟା ସାହୁ, ସ୍ୱାତୀ ଦାଶ, ଅନୁସୟା ରଥ ଓ ସ୍ମରଣିକା ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ୧୬ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଡଃ ଜୟଶ୍ରୀ ମହାପାତ୍ର, ସରିତା ପଣ୍ଡା, ଚିତ୍ରଲେଖା ମହାନ୍ତି, ଶର୍ମିଳା ସାହୁ, ସ୍ମୃତି ମିଶ୍ର, ସ୍ୱାତୀ ଦାଶ, ଅପର୍ଣ୍ଣା ମିଶ୍ର, ସନ୍ଧ୍ୟା ପଟ୍ଟନାୟକ, ଆରତୀ ପଟେଲ, ସୁମିତ୍ରା ମହାପାତ୍ର, କନକଲତା ସୂତାର, ଡଃ ପିନାକ୍ଷୀ ବାଗ, ସ୍ମିତା ମହାନ୍ତି, ସ୍ମରଣିକା ମହାନ୍ତି, ନିବେଦିତା ଶତପଥୀ ଓ ସସ୍ମିତା ସେନାପତି ପ୍ରମୁଖ।

## ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ ଚିନ୍ତନ ବୈଠକ

# ଚାଷ ଓ ଚାଷୀଙ୍କ ବାସ୍ତବ ସ୍ଥିତି ଅନୁଧ୍ୟାନ ପାଇଁ ହେବ ଟାସ୍କଫୋର୍ସ



**ଭୁବନେଶ୍ୱର,୧୧।୩ (ସଂଚାର ବ୍ୟୁରୋ):** ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ଆମ ଅର୍ଥନିତିର ମୁଖ୍ୟ ଆଧାର। ଶତକଡ଼ା ୬୫ ଭାଗରୁ ଅଧିକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜୀବିକା ନିର୍ବାହ ପାଇଁ କୃଷି ଉପରେ ନିର୍ଭରଶୀଳ। କୃଷି ଓ କୃଷକର ପ୍ରଗତୀ ନହେଲେ ରାଜ୍ୟରେ ପ୍ରଗତୀ ହେବା ଅସମ୍ଭବ। କିନ୍ତୁ ଗତ ବିଜେଡ଼ି ସରକାରର ୨୪ ବର୍ଷ କୁଶାସନ, କେନ୍ଦ୍ର ବିଜେପି ସରକାରର ୧୧ ବର୍ଷ ଓ ରାଜ୍ୟ ବିଜେପି ସରକାରର ୯ ମାସ ସ୍ଥାଣୁ ଶାସନକାଳରେ ଚାଷୀକୂଳ ଘୋର ଦୁର୍ଦ୍ଦଶାରେ ଗତି କରୁଛନ୍ତି। ଯଦ୍ୱାରା ଗତ ୨୫ ବର୍ଷ ମଧ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଫସଲହାନି ଓ ଋଣଭାରରେ ଆତ୍ମହତ୍ୟା କରିଛନ୍ତି। ୧୦ଲକ୍ଷ ହେକ୍ଟରୁ ଅଧିକ ଚାଷଜମି ପଡ଼ିଆ ପଡ଼ିଛି। ଚାଷରୁ ଚାଷୀ ମୁହଁ ମୋଡ଼ିଲେଣି। ୩୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଟିଏ ନାହିଁ। କୃଷିଭିତିକ ଶିଳ୍ପ ଗୋଟିଏ ନାହିଁ। ଭାଗଚାଷୀଙ୍କ ସମସ୍ୟା କହିଲେ ନସରେ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀ ଲାଭ ପାଇବା ପରିବର୍ତ୍ତେ ଘରୋଇ ବୀମା କମ୍ପାନୀ ଓ ସରକାର ମାଲାମାଲ ହେଉଛନ୍ତି। ଚଳିତ ଥର ଧାନ କ୍ରୟ ବ୍ୟବସ୍ଥା ବହୁଆଡ଼ମ୍ବରେ ଲଘୁକ୍ରିୟା ହୋଇଛି। ମିଲରର ପକେଟରେ ସରକାର। ପ୍ରତ୍ୟେକ ମଣ୍ଡିରେ ୫ କେଜିରୁ ୧୫ କେଜି ପର୍ଯ୍ୟନ୍ତ କଟଣୀ ଛଟଣୀ କରାଯାଉଛି। ୮୦୦ ଟଙ୍କା ଇନପୁଟ ସହାୟତା କେବଳ ପ୍ରଚାର ସର୍ବସ୍ୱ। ମିଲର ଓ ସରକାରଙ୍କ ମଧୁଚନ୍ଦ୍ରିକାରେ ଚାଷୀ ଧାନ କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କା ପାଇବା ପରିବର୍ତ୍ତେ ୨୦୦୦ ରୁ ୨୨୦୦ ଟଙ୍କାରେ ଅଭାବୀ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଆୟୋଜିତ କିଷାନ ଚିନ୍ତନ ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଯୋଗଦେଇ ଚାଷୀମାନଙ୍କ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଯେଉଁଭଳି ଭାବରେ ବୈମାତୃକ ମନୋଭାବ ଏବଂ ଅଣଦେଖା କରିଚାଲିଛନ୍ତି ଏହା ଆମ ରାଜ୍ୟର ପ୍ରଗତୀ ପଥରେ ଶୁଭଙ୍କର ନୁହେଁ। ରାଜ୍ୟର ପ୍ରତି ବ୍ଲକ ଓ ଜିଲ୍ଲାସ୍ତରକୁ ଯାଇ ଏକ ସଶକ୍ତ କୃଷି ନୀତି କଂଗ୍ରେସ ପକ୍ଷରୁ ପ୍ରଣୟନ କରାଯିବ ସେଥିପାଇଁ ଖୁବ ନିକଟରେ ଏକ ଟାସ୍କଫୋସ କମିଟି ଗଠନ ହେବ ବୋଲି କହିବା ସହ କଂଗ୍ରେସ ଦଳର ପ୍ରମୁଖ ସଂଗଠନ କିଷାନ କଂଗ୍ରେସ ସଂଗଠନକୁ ତୃଣମୁଳ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ଅଧିକ କ୍ରୀୟାଶିଳ କରାଯାଇ ସରକାରର ଚାଷୀମାରଣ ନୀତି ବିରୁଦ୍ଧରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ଶ୍ରୀ ଦାସ କହିଥିଲେ। ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଚିନ୍ତନ ବୈଠକରେ ଅଖିଳ ଭାରତ କିଷାନ କଂଗ୍ରେସ ଜାତୀୟ ସଂଯୋଜକ ତଥା ଓଡ଼ିଶା କିଷାନ କଂଗ୍ରେସ ପ୍ରଭାରୀ ଚେରୁକ ଶ୍ରୀନିବାସ ରେଡି କିଷାନ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ଏବଂ ସଂଗଠନ ଜରିଆରେ ମୋଦି ସରକାରର ଚାଷୀଙ୍କ ପ୍ରତି ଉଦାସିନତା ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନାତ୍ମକ କାର୍ଯ୍ୟ ପନ୍ଥା ଗ୍ରହଣ କରିବାକୁ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ।

## ରାନ୍ୟାଙ୍କ ବନ୍ଧୁକୁ ଗିରଫ କଲା ପୁଲିସ



ନୂଆଦିଲ୍ଲୀ, ୧୧ ।୩: ଦୁବାଇରୁ ସୁନା ଚୋରା ଚାଲାଣ ଅଭିଯୋଗରେ ଅଭିଯୁକ୍ତ ଅଭିନେତ୍ରୀ ରାନ୍ୟା ରାଓଙ୍କ ବିଷୟରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆଣିଛି। ସୁନା ଚୋରା ଚାଲାଣ ମାମଲାରେ ପୋଲିସ ରାନ୍ୟା ରାଓଙ୍କ ବନ୍ଧୁ ତରୁଣ ରାଜୁଙ୍କୁ ଗିରଫ କରିଛି। ତାଙ୍କ ଉପରେ ସୁନା ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ତରୁଣ ରାଜୁ ବେଙ୍ଗାଲୁରୁର ଏକ ବ୍ୟବସାୟୀ ପରିବାରରୁ ଆସିଛନ୍ତି। ସେ ସହରରେ ଏକ ହୋଟେଲ ଚେନ୍‌ର ମାଲିକ। ରାଜୁଙ୍କୁ ରବିବାର ରାତିରେ କୋରାମଙ୍ଗଲାର ଜାତୀୟ ଖେଳ ଗ୍ରାମରେ ଥିବା ତାଙ୍କ ବାସଭବନରେ ବିଚାରପତିଙ୍କ ସମ୍ମୁଖରେ ହାଜର କରାଯାଇଥିଲା ଏବଂ ତାଙ୍କୁ ଚାରି ଦିନ ପାଇଁ ଡିଆରଆଇ ହେପାଜତକୁ ପଠାଯାଇଥିଲା। ସୂଚନା ଅନୁଯାୟୀ, ରାଜୁ ଦୁବାଇରେ ରାନ୍ୟାଙ୍କ ସହିତ ଥିଲା। ପୋଲିସ ସନ୍ଦେହ କରୁଛି ଯେ ସେ ସୁନା କିଣାବିକାରେ ମଧ୍ୟ ରାନ୍ୟାଙ୍କୁ ସାହାଯ୍ୟ କରୁଥିଲେ। ସୂଚନାଯୋଗ୍ୟ, ବେଙ୍ଗାଲୁରୁରେ ରାନ୍ୟା ରାଓଙ୍କୁ କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୪.୫୬ କୋଟି ଟଙ୍କା ମୂଲ୍ୟର ୧୪ କିଲୋଗ୍ରାମ ସୁନା ବାର୍ ସହିତ ଗିରଫ କରାଯାଇଥିଲା। ସେ ଏକ ଚୋରା ଚାଲାଣ ନେଟୱାର୍କର ଅଂଶ ଥିଲେ ଏବଂ ଦୁବାଇରୁ ବେଙ୍ଗାଲୁରୁକୁ ସାମଗ୍ରୀ ଚୋରାଚାଲାଣ ପାଇଁ ବିପୁଳ କମିଶନ ନେଉଥିଲେ। ସେ ଗୋଟିଏ କିଲୋଗ୍ରାମ ସୁନା ଚୋରା ଚାଲାଣ ପାଇଁ ପ୍ରାୟ ୪-୫ ଲକ୍ଷ ଟଙ୍କା ନେଉଥିଲେ।

## ମରିସସ ରାଷ୍ଟ୍ରପତିଙ୍କୁ ବିଶେଷ ଉପହାର ଦେଲେ ମୋଦି



ପୋର୍ଟ ଲୁଇସ,୧୧ ।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୋର୍ଟ ଲୁଇସରେ ମରିସସ ରାଷ୍ଟ୍ରପତି ଧରମ ଗୋଖୁଲଙ୍କୁ ଭେଟି ମହାକୁମ୍ଭର ପବିତ୍ର ଗଙ୍ଗା ଜଳ ପ୍ରଦାନ କରିଛନ୍ତି। କୁମ୍ଭ ୨୬ ଫେବୃଆରୀରେ ଶେଷ ହୋଇଥିଲା ଏବଂ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ୬୬ କୋଟିରୁ ଅଧିକ ତୀର୍ଥଯାତ୍ରୀ ଏକତ୍ରିତ ହୋଇଥିଲେ, ଯାହା ବିଶ୍ୱର ସବୁଠାରୁ ବଡ଼ ମାନବ ସମାଗମ କରିଥିଲା। ଡିସେମ୍ବରରେ ଗୋଖୁଲଙ୍କୁ ସର୍ବସମ୍ମତିକ୍ରମେ ମରିସସର ନୂତନ ରାଷ୍ଟ୍ରପତି ଭାବରେ ନିର୍ବାଚିତ କରାଯାଇଥିଲା। ସେ ପୃଥ୍ୱୀରାଜସିଂହ ରୂପନଙ୍କ ସ୍ଥାନ ନେବେ, ଯାହାଙ୍କ କାର୍ଯ୍ୟକାଳ ଡିସେମ୍ବର ୨, ୨୦୨୪ରେ ଶେଷ ହେଉଛି। ପୂର୍ବତନ ଶିକ୍ଷା ମନ୍ତ୍ରୀ ଗୋଖୁଲ ଜଣେ ପ୍ରତିଷ୍ଠିତ ରାଜନେତା ଯାହାଙ୍କର ଶିକ୍ଷା, ଜନସେବା ଏବଂ ରାଜନୀତି ଭଳି କ୍ଷେତ୍ରଗୁଡ଼ିକରେ ଭଲ କ୍ୟାରିଅର ରହିଛି। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ରାଜ୍ୟ ଭୋଜିର ମଧ ଆୟୋଜନ କରୁଛନ୍ତି। ଏହା ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦି ପୋର୍ଟ ଲୁଇସର ସାର୍ ସିୱୁସାଗୁର ରାମଗୁଲାମ ବୋଟାନିକାଲ ଗାର୍ଡେନରେ ମରିସସର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ପ୍ରତିଷ୍ଠାତା ପିତା ସାର୍ ସିୱୁସାଗୁର ରାମଗୁଲାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ମରିସସର ପୂର୍ବତନ ରାଷ୍ଟ୍ରପତି ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଆନେରୁଦ ଜଗନ୍ନାଥଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନଡ୍ଡାଙ୍କୁ ଖାର୍ଗେଙ୍କ ଉପଦେଶ

ନୂଆଦିଲ୍ଲୀ,୧୧ ।୩: ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ମଙ୍ଗଳବାର (୧୧ ମାର୍ଚ୍ଚ, ୨୦୨୫) କେନ୍ଦ୍ରମନ୍ତ୍ରୀ ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ଅଧକ୍ଷ ଜେପି ନଡ୍ଡାଙ୍କ ଉପରେ ପାଲଟା ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ ଗୃହର ନେତା, ଯିଏ ବିରୋଧୀ ଦଳଗୁଡ଼ିକୁ ତାଲିମ ପାଇଁ ପରାମର୍ଶ ଦେଉଛନ୍ତି, ତାଙ୍କୁ ହିଁ ଏହାର ଆବଶ୍ୟକତା ଅଛି କାରଣ ତାଙ୍କ ନିଜ ସଦସ୍ୟ ଏବଂ ମନ୍ତ୍ରୀମାନେ ଠିକ ସମୟରେ ଗୃହକୁ ଆସୁନାହାଁନ୍ତି। ଯେତେବେଳେ ରାଜ୍ୟ ସଭାର କାର୍ଯ୍ୟ ଆରମ୍ଭ ହେଲା, ଉପାଧକ୍ଷ ହରିବଂଶ ଗୃହର ଟେବୁଲ ଉପରେ ଆବଶ୍ୟକୀୟ କାଗଜପତ୍ର ରଖୁଥିଲେ। ସମାନ କ୍ରମରେ, ସେ ଜାତୀୟ ଖାଦ୍ୟ ପ୍ରାଦ୍ୟୋଗିକି ଉଦ୍ୟମଶୀଳତା ଏବଂ ପରିଚାଳନା ସଂସ୍ଥାନ ପରିଷଦର ନିର୍ବାଚନ ପାଇଁ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କ ନାମ ଡାକିଥିଲେ, କିନ୍ତୁ ସେ ଗୃହରେ ଉପସ୍ଥିତ ନଥିଲେ। ବିରୋଧୀ ଦଳର ସଦସ୍ୟମାନେ ଏହାକୁ ବିରୋଧ କରିଥିଲେ ଏବଂ କହିଥିଲେ ଯେ ମନ୍ତ୍ରୀଙ୍କ ଅନୁପସ୍ଥିତି ଲଜ୍ଜାର ବିଷୟ। ମଲ୍ଲିକାର୍ଜ୍ଜୁନ ଖାର୍ଗେ କହିଛନ୍ତି ଯେ ଗୃହର ନେତା ଜେପି ନଡ୍ଡା ସୋମବାର ପରାମର୍ଶ ଦେଇଥିଲେ ଯେ ବିରୋଧୀ ଦଳ ନେତା ଏବଂ ବିରୋଧୀ ଦଳ ସଦସ୍ୟମାନଙ୍କୁ ଗୃହର ନିୟମ ବିଷୟରେ ତାଲିମ ଦିଆଯିବା ଉଚିତ। ସେ କହିଲେ, 'ମୁଁ ଆପଣଙ୍କୁ ପଚାରୁଛି।' ଆପଣ କାହିଁକି ତାଲିମ ନେଉନାହାଁନ୍ତି? ଆପଣଙ୍କର ଲୋକମାନେ ଠିକ ସମୟରେ ଆସନ୍ତି ନାହିଁ ମନ୍ତ୍ରୀମାନେ ମଧ ଆସନ୍ତି ନାହିଁ ଏହା ଲଜ୍ଜାର ବିଷୟ। ସୋମବାର ବିରୋଧୀ ଦଳଗୁଡ଼ିକ ରାଜ୍ୟ ସଭାରେ ଭୋଟର ତାଲିକାରେ ହେରଫେର ଏବଂ ଲୋକ ସଭା ଆସନର ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ହଙ୍ଗାମା କରିଥିଲେ ଏବଂ ମୁଲତବୀ ନିୟମ ଅନୁଯାୟୀ ଏହି ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ପାଇଁ ଅଧକ୍ଷଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିବା ପରେ ଉଚ୍ଚସଦନରୁ ଚାଲିଯାଇଥିଲେ। ଜେପି ନଡ୍ଡା ବିରୋଧୀ ସଦସ୍ୟଙ୍କ ଏହି ଆଚରଣକୁ ନିନ୍ଦା କରିଥିଲେ ଏବଂ ବିରୋଧୀ ଦଳ ନେତାଙ୍କ ସମେତ ସମସ୍ତ ସଦସ୍ୟଙ୍କ ପାଇଁ ଏକ ରିଫ୍ରେସର୍ କୋର୍ସ କରିବା ପାଇଁ ଅଧକ୍ଷଙ୍କୁ ଅନୁରୋଧ କରିଥିଲେ। ସେ କହିଥିଲେ, 'ଆମେ ଆଲୋଚନା ପାଇଁ ପ୍ରସ୍ତୁତ।' କ୍ଷଣସ୍ଥାୟୀ ଆଲୋଚନା ପାଇଁ ବ୍ୟବସ୍ଥା ଅଛି ଏବଂ ଦୀର୍ଘକାଳୀନ ଆଲୋଚନା ପାଇଁ ମଧ ବ୍ୟବସ୍ଥା ଅଛି। ସେମାନେ (ବିରୋଧୀ) ନିୟମ ପଢ଼ନ୍ତି ନାହିଁ।

## ଦଳିତ ଗର୍ଭବତୀ ମହିଳାଙ୍କୁ ବଳାତ୍କାର, କନଷ୍ଟେବଲ୍ ଗିରଫ

**ଜୟପୁର,୧୧ ।୩:** ଏକ ମାମଲାରେ ବୟାନ ରେକର୍ଡ କରିବା ବାହାନା ଦେଖାଇ ଜଣେ କନଷ୍ଟେବଲ୍ ଦଳିତ ଗର୍ଭବତୀ ମହିଳାଙ୍କୁ ବଳାତ୍କାର କରିଛନ୍ତି। ଏପରି କି ମହିଳାଙ୍କ ୩ ବର୍ଷର ପୁଅ ସମ୍ମୁଖରେ ବଳାତ୍କାର କରିବା ପରେ ଏନେଇ କାହାରିକୁ କହିଲେ ସ୍ୱାମୀଙ୍କୁ ଜେଲରେ ପୂରାଇ ଦେବାକୁ ଧମକ ଦେଇଥିଲେ। ପରେ ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ଜୟପୁର ସାଙ୍ଗନେର ପୋଲିସ ସମ୍ପୃକ୍ତ କନଷ୍ଟେବଲଙ୍କୁ ଗିରଫ କରିଛି। ଅଭିଯୁକ୍ତ କନଷ୍ଟେବଲ୍ ହେଉଛନ୍ତି ସାଙ୍ଗନେର ପୋଲିସ ଷ୍ଟେଶନରେ କାର୍ଯ୍ୟରତ ଭାଗରାମ। ଅଭିଯୁକ୍ତଙ୍କୁ ରବିବାର ଗିରଫ କରାଯିବା ସହ ପରବର୍ତ୍ତୀ ତଦନ୍ତ ଚାଲିଛି ବୋଲି ସାଙ୍ଗନେର ଆସିଷ୍ଟାଣ୍ଟ ପୋଲିସ କମିଶନର(ଏସିପି) ବିନୋଦ କୁମାର ଶର୍ମା କହିଛନ୍ତି। ଏହି ଘଟଣା ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଘଟିଥିବାରୁ ମହିଳାଙ୍କ ସୁରକ୍ଷାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ପ୍ରଶ୍ନ ଉଠାଇଛନ୍ତି। ସୂଚନା ଅନୁସାରେ, ପଡ଼ୋଶୀଙ୍କ ସହ ଗଣ୍ଡଗୋଳ ଘଟଣାରେ ଅଭିଯୋଗକାରୀ ଥାନାରେ ଶୁକ୍ରବାର ଏକ ଅଭିଯୋଗ କରିଥିଲେ। ଶନିବାର ଅଭିଯୋଗକାରୀ ତଥା ପୀଡ଼ିତାଙ୍କ ସ୍ୱାମୀ କାମକୁ ଯାଇଥିବାବେଳେ ଅଭିଯୁକ୍ତ କନଷ୍ଟେବଲ ଭାଗରାମ ଉକ୍ତ ମାମଲାରେ ବୟାନ ରେକର୍ଡ ପାଇଁ ମହିଳାଙ୍କୁ ଫୋନ କରି ଏକ ହୋଟେଲକୁ ଡାକିଥିଲେ। ମହିଳା ଜଣକ ଗର୍ଭବତୀ ଥିବାରୁ ତାଙ୍କୁ ଏବଂ ତାଙ୍କ ୩ବର୍ଷର ପୁଅକୁ ଅଭିଯୁକ୍ତ କନଷ୍ଟେବଲ ମୋଟର ସାଇକେଲରେ ହୋଟେଲକୁ ନେଇଥିଲେ। ସେଠାରେ ମହିଳାଙ୍କୁ ଏକ ରୁମ୍‌କୁ ନେଇ ବୟାନ ରେକର୍ଡ କରିବା ପରିବର୍ତ୍ତେ ମହିଳାଙ୍କୁ ତାଙ୍କ ପୁଅ ସମ୍ମୁଖରେ ବଳାତ୍କାର କରିଥିଲେ। ମହିଳା ଏହାକୁ ବିରୋଧ କରିବାରୁ ଘଟଣା ସମ୍ପର୍କରେ କାହାରିକୁ ଜଣାଇଥିଲେ ତାଙ୍କ ସ୍ୱାମୀଙ୍କୁ ଜେଲରେ ପୂରାଇଦେବେ ବୋଲି ଧମକ ଦେଇଥିଲେ। ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବା ସହ ଅଭିଯୁକ୍ତ ଭାଗରାମଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଏସିପି ଶର୍ମା କହିଛନ୍ତି।

## ଟେମ୍ପୋ ଟ୍ରାଭେଲର ଦୁର୍ଘଟଣାଗ୍ରସ୍ତ, ୩ ମୃତ, ୧୦ ଗୁରୁତର

**ଜମ୍ମୁ କଶ୍ମୀର,୧୧ ।୩:** ରିୟାସୀ ଜିଲ୍ଲାର ମାହୋର ନିକଟରେ ଏକ ମିନି ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଅତିକମରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି। ରିୟାସୀର ଜଣେ ବରିଷ୍ଠ ପୋଲିସ ଅଧିକାରୀ ପରମବୀର ସିଂ ଦୁର୍ଘଟଣା ବିଷୟରେ ସୂଚନା ଦେଇଛନ୍ତି । ଖବର ମୁତାବକ, ଦୁର୍ଘଟଣା ମାହୋର ଗଙ୍ଗୋଟରେ ହୋଇଛି । ଜମ୍ମୁ ସାଙ୍ଗଲୀକୋଟ ଯାଉଥିବା ଏକ ଟେମ୍ପୋ ଟ୍ରାଭେଲର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସମସ୍ତ ଆହତଙ୍କୁ ତୁରନ୍ତ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ଗୁରୁତର ଭାବେ ଆହତଙ୍କୁ ସରକାରୀ ମେଡିକାଲକୁ ରେଫର କରାଯାଇଛି । ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ସ୍ଥାନୀୟ ଅଧିକାରୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ତେବେ ଦୁର୍ଘଟଣାର କାରଣ ଏଯାଏଁ ଜଣାପଡିନାହିଁ। ଜିଲ୍ଲା ପ୍ରଶାସନ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଆହତଙ୍କୁ ଯଥା ସମ୍ଭବ ସହାୟତା କରାଯିବ ବୋଲି ଆଶ୍ୱାସନା ଦେଇଛି । ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶ ବସ୍ତିରେ କାରରେ ଥିବା ଯାତ୍ରୀ ଅଯୋଧାରୁ ଗୋରଖପୁର ଯାଇଥିଲେ। ଏହି ସମୟରେ ଭୁଲ ଦିଗରୁ ଆସୁଥିବା ଏକ କଣ୍ଟେନର ସହ କାର୍ ସାମ୍ନାସାମ୍ନି ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କଣ୍ଟେନର ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କଟରରେ କାରକୁ କାଟି ମୃତକଙ୍କୁ ଏବଂ ଗୁରୁତରଙ୍କୁ ବାହାର କରିଥିଲା । ଏହା ସହିତ ଆହତଙ୍କୁ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା ।

## ସାଇବର ଅପରାଧୀଙ୍କ କାଳ ସାଜିଛି 'ପ୍ରତିବିମ୍ବ ମଡ୍ୟୁଲ୍'

# ୬ ହଜାରରୁ ଊର୍ଦ୍ଧ୍ୱ ଅପରାଧୀ ଗିରଫ

ନୂଆଦିଲ୍ଲୀ,୧୧ ।୩: ସାଇବର ଅପରାଧିଙ୍କ ପାଇଁ କାଳ ସାଜିଛି 'ପ୍ରତିବିମ୍ବ ମଡ୍ୟୁଲ୍' । ସେମାନଙ୍କୁ ଖୋଜି ବାହାର କରୁଛି ଏହି ମଡ୍ୟୁଲ। କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟର ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇ୪ସି) ପକ୍ଷରୁ 'ପ୍ରତିବିମ୍ବ ମଡ୍ୟୁଲ୍' କାର୍ଯ୍ୟକାରୀ ହେଉଛି। ଏହା ମାଧ୍ୟମରେ ଏବେ ସୁଦ୍ଧା ୬,୦୪୬ ଅପରାଧି ଗିରଫ ହୋଇଛନ୍ତି। କେନ୍ଦ୍ର ସରକାର ମଙ୍ଗଳବାର ସଂସଦରେ ଏହି ସୂଚନା ଦେଇଛନ୍ତି। ଏହି ମଡ୍ୟୁଲ ଅପରାଧୀଙ୍କ ଠିକଣାର ତଲାସ କରିଥାଏ। ଗୃହ ରାଜ୍ୟ ମନ୍ତ୍ରୀ ବି.ସଞ୍ଜୟ କୁମାର ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି। ସେ କହିଛନ୍ତି କି ସାଇବର ଅପରାଧ ଡାଟା ସେୟାର ଓ ବିଶ୍ଲେଷଣ ପାଇଁ ଆଇନ ପ୍ରବର୍ତ୍ତନ ଏଜେନ୍ସି (ଲ' ଏନଫୋର୍ସମେଣ୍ଟ ଏଜେନ୍ସି) ଅନୁସାରେ, ସମନ୍ୱୟ ନାମକ ପ୍ଲାଟଫର୍ମ ଆରମ୍ଭ କରାଯାଇଛି। ଏହି ଅପରାଧ ଓ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ପ୍ରଦେଶ ଗୁଡ଼ିକରେ ସାଇବର ଅପରାଧର ଅଭିଯୋଗରେ ସାମିଲ ଅପରାଧିଙ୍କ ମଧ୍ୟରେ ଅନ୍ତରାଷ୍ଟ୍ରୀୟ ସଂପର୍କର ଆଧାରରେ ବିଶ୍ଲେଷଣ କରିଥାଏ।
କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ପ୍ରତିବିମ୍ବ ଅପରାଧିଙ୍କ ଠିକଣାକୁ ମ୍ୟାପ୍‌ରେ ଦର୍ଶାଇ ଥାଏ, ଯାହାକି ତାକୁ କ୍ଷେତ୍ରାଧିକାର ଅଧିକାରୀଙ୍କୁ ତାଙ୍କ ଠିକଣାର ସୂଚନା ମିଳି ପାରିବ। ସେ କହିଛନ୍ତି କି , ଏହି ମଡ୍ୟୁଲର ସାହାଯ୍ୟରେ ୬,୦୪୬ ଅଭିଯୁକ୍ତଙ୍କ ଗିରଫଦାରୀ ହୋଇଛି ଏବଂ ୩୬,୨୯୬ ସାଇବର ଯାଞ୍ଚ ସହାୟତା ଅନୁରୋଧ ପ୍ରାପ୍ତ ହୋଇଛି। ମନ୍ତ୍ରୀ କହିଛନ୍ତି , ମନ୍ତ୍ରଣାଳୟ ଆଇ୪ସିର ସ୍ଥାପନା ଦେଶରେ ସବୁ ପ୍ରକାରର ସାଇବର ଅପରାଧରେ ସମନ୍ୱୟ ଉପାୟରେ ବର୍ତ୍ତିବା ପାଇଁ କରିଛି। ସଞ୍ଜୟ କୁମାର କହିଛନ୍ତି, ରାଜ୍ୟ/ସଂଘ ରାଜ୍ୟ କ୍ଷେତ୍ର ପୁଲିସର ଯାଞ୍ଚ ଅଧିକାରୀଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟର ସାଇବର ଫୋରେନ୍ସିକ ସହାୟତା ପ୍ରଦାନ କରିବା ପାଇଁ ନୂଆ ଦିଲ୍ଲୀରେ ଆଇ୪ସିର ପାର୍ଟ ଭାବେ ରାଷ୍ଟ୍ରୀୟ ସାଇବର ଫୋରେନ୍ସିକ ଲାବ୍‌ର ସ୍ଥାପନା କରାଯାଇଛି। ଏବେସୁଦ୍ଧା ରାଷ୍ଟ୍ରୀୟ ସାଇବର ଫୋରେନ୍ସିକ ଲାବ୍ ସାଇବର ଅପରାଧର ସହ ସମ୍ବନ୍ଧିତ ପାଖାପାଖି ୧୧,୮୩୫ ମାମଲାରେ ରାଜ୍ୟ/ ସଂଘ ରାଜ୍ୟ କ୍ଷେତ୍ରର ଆଇନ ପ୍ରବର୍ତ୍ତନ ଏଜେନ୍ସିଙ୍କୁ ନିଜର ସେବା ପ୍ରଦାନ କରିଛି। ଉଲ୍ଲେଖନୀୟ ଯେ ସରକାର ସୋମବାର ଲୋକସଭାରେ ସାଇବର କ୍ରାଇମ୍‌କୁ ନେଇ ପ୍ରମୁଖ ସୂଚନା ଦେଇଥିଲେ। ଏଥିରେ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ୨୦୨୪ ସୁଦ୍ଧା କାର୍ଡ , ଅନଲାଇନ୍ ମାଧ୍ୟମରେ ଓ ଡିଜିଟାଲ ପେମେଣ୍ଟ ଠକେଇ କାରଣରୁ ଲୋକଙ୍କୁ ମୋଟ ୧୦୭ କୋଟି ଟଙ୍କାର କ୍ଷତି ହୋଇଛି। ଅର୍ଥ ରାଜ୍ୟ ମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ପ୍ରଶ୍ନର ଲିଖିତ ଉତ୍ତରରେ ଏହା ଶ୍ରୀ କୁମାର କହିଛନ୍ତି। ସମଗ୍ର ଆର୍ଥିକ ବର୍ଷ ୨୦୨୩-୨୪ରେ ଏହିପରି ସ୍କାମ୍‌ରେ ୧୭୭ କୋଟି ଟଙ୍କାର କ୍ଷତି ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।



## ମରିସସ୍ ପ୍ରତିଷ୍ଠାତା ଓ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ମୋଦିଙ୍କ ଶ୍ରଦ୍ଧାଞ୍ଜଳି



**ପୋର୍ଟ ଲୁଇସ୍,୧୧ ।୩:** ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମରିସସ୍ ଗସ୍ତରେ ଥିବା ବେଳେ ଆଜି ଦେଶର ଦୁଇ ପ୍ରମୁଖ ଦିବଂଗତ ନେତାଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୋଦି ପାମ୍ପଲମୋସେସ୍ଥିତ ସାର୍ ସିୱିସାଗର୍ ରାମଗୁଲାମ ବୋଟାନିକ୍ ଗାର୍ଡେନ୍‌ରେ ମରିସସ୍‌ର ପ୍ରାଣପ୍ରତିଷ୍ଠାତା ସାର୍ ସିୱିସାଗର୍ ରାମଗୁଲାମ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଅନିରୁଦ୍ଧ ଜଗନ୍ନାଥଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସମୟରେ ସେଠାକାର ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ମରିସସ୍‌ର ପ୍ରଗତି ଏବଂ ଭାରତ ସହ ଉକ୍ତ ଦେଶର ସମ୍ପର୍କ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣରେ ଦୁଇ ଦିବଂଗତ ନେତାଙ୍କ ଯୋଗଦାନକୁ ମନେ ପକାଇଥିଲେ। ମାଲ୍ୟାର୍ପଣ ସମାରୋହ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ଶ୍ରୀ ରାମଗୁଲାମ ଉକ୍ତ ଐତିହାସିକ ଉଦ୍ୟାନରେ 'ଏକ୍ ପେଡ୍ ମା' କେ ନାମ' ପଦକ୍ଷେପ ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏ ସମ୍ପର୍କରେ ଶ୍ରୀ ମୋଦି ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ' ଆକାଉଣ୍ଟ୍‌ରେ ସୂଚନା ଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଆରମ୍ଭ ହୋଇଥିବା ଏକ ପେଡ୍ ମା' କେ ନାମ୍' ଅଭିଯାନରେ ୧୩୬ଟି ଦେଶରେ ସାଢ଼େ ୨୭ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ ହୋଇପାରିଛି। ଏଥି ମଧ୍ୟରୁ ମୋଦି ଦୁଇଟି ଦେଶରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ମରିସସ୍‌ରେ ଶ୍ରୀ ମୋଦି ପହଞ୍ଚିବା ପରେ ସେଠାରେ ତାଙ୍କୁ ସ୍ୱାଗତ କରିବା ସକାଶେ ଶ୍ରୀ ରାମଗୁଲାମ୍‌ଙ୍କ ସହ ଉପପ୍ରଧାନମନ୍ତ୍ରୀ, ମରିସସ୍‌ର ପ୍ରଧାନ ବିଚାରପତି, ନ୍ୟାସନାଲ୍ ଆସେମ୍ବ୍ଲିର ବାଚସ୍ପତି, ବିରୋଧୀଦଳ ନେତା, ବୈଦେଶିକ ବ୍ୟାପାର ମନ୍ତ୍ରୀ, କ୍ୟାବିନେଟ୍ ସଚିବ ଓ ଗ୍ରାଣ୍ଡ୍ ପୋର୍ଟ ଡିଷ୍ଟ୍ରିକ୍ଟ କାଉନ୍‌ସିଲ୍‌ର ଅଧ୍ୟକ୍ଷ ପ୍ରମୁଖ ପହଞ୍ଚିଥିଲେ। ସିୱିସାଗର ରାମଗୁଲାମ୍ ବୋଟାନିକାଲ୍ ଗାର୍ଡେନ୍ ପୂର୍ବରୁ ଶ୍ରୀ ମୋଦି ଗୟାନାଠାରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପୂର୍ବତନ ରାଷ୍ଟ୍ରପତିଙ୍କୁ ବିମାନବନ୍ଦରରୁ ଗିରଫ କଲା ପୁଲିସ



ମାନିଲା,୧୧ ।୩: ଫିଲିପାଇନ୍ସର ପୂର୍ବତନ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କୁ ଗିରଫ କରାଯାଇଛି। ମାନବତା ବିରୋଧୀ ଅପରାଧ ମାମଲାରେ ଦୁତେର୍ତ୍ତେଙ୍କୁ ଗିରଫ କରାଯାଇଛି। ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ଗିରଫ ନିର୍ଦ୍ଦେଶ ଦେବା ପରେ ଫିଲିପାଇନ୍ସ ପୋଲିସ ମଙ୍ଗଳବାର ପୂର୍ବତନ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କୁ ମାନିଲା ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗିରଫ କରିଛି। ଫିଲିପାଇନ୍ସ ସରକାର ପୂର୍ବତନ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କ ଗିରଫଦାରୀ ସମ୍ପର୍କରେ ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ଅପରାଧ ଅଦାଲତ ଡୁଟେର୍ଟେଙ୍କ ବିରୋଧରେ ୱାରେଣ୍ଟ ଜାରି କରିଥିଲା। ଏହା ପରେ, ତାଙ୍କୁ ଗିରଫ କରାଯାଇଥିଲା। ଅନ୍ତର୍ଜାତୀୟ ଅପରାଧ ଅଦାଲତର ମୁଖ୍ୟାଳୟ ନେଦରଲାଣ୍ଡର ରାଜଧାନୀ ହେଗରେ ରହିଛି। ଏହି କୋର୍ଟ ୨୦୦୨ ମସିହାରେ ଉଦଘାଟନ ହୋଇଥିଲା। କିଛି ପରିସ୍ଥିତିରେ ନରସଂହାର, ମାନବତା ବିରୋଧୀ ଅପରାଧ ଏବଂ ଯୁଦ୍ଧ ଅପରାଧ ଭଳି ଅପରାଧ ପାଇଁ ବ୍ୟକ୍ତିବିଶେଷଙ୍କ ତଦନ୍ତ ଏବଂ ଦଣ୍ଡବିଧାନ କରିବାର କ୍ଷମତା ଅନ୍ତର୍ଜାତୀୟ ଅପରାଧ ଅଦାଲତର ଅଛି।

## ବାଂଲାଦେଶ ସେନା ମୁଖ୍ୟକୁ ହଟାଇବା ପାଇଁ ଏକାଠୀ ହେବା ବେଳେ ଧରାପଡ଼ିଲେ



**ନୂଆଦିଲ୍ଲୀ,୧୧ ।୩:** ବାଂଲାଦେଶ ସେନା ଭିତରେ ବିଦ୍ରୋହ। ଦେଶର ସେନା ମୁଖ୍ୟଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ବାଂଲାଦେଶର ଜଣେ ବରିଷ୍ଠ ସେନା ଅଧିକାରୀ ଷଡ଼ଯନ୍ତ୍ର କରୁଥିବା ଜଣାପଡ଼ିବା ପରେ ତାଙ୍କ ଉପରେ କଡ଼ା ନଜର ରଖାଯାଇଛି। କ୍ୱାର୍ଟମାଷ୍ଟର ଜେନେରାଲ ବାଂଲାଦେଶ ଲେଫ୍ଟନାଣ୍ଟ ଜେନେରାଲ ଫଜୁର ରେହମାନ ସେନା ମୁଖ୍ୟ ୱାକର ଉଜ ଜମାନଙ୍କୁ ପଦରୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏକଥା ସେନା ମୁଖ୍ୟଙ୍କୁ ଜଣାପଡ଼ିବା ପରେ ସେ ଫଜରୁ ରେହମାନଙ୍କୁ ନଜରବନ୍ଦୀ କରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନଇ ଜାତୀୟ ଗଣମାଧ୍ୟମ ଇଣ୍ଡିଆଟୁଡେରେ ଖବର ପ୍ରକାଶ ପାଇଛି। ୱାକର ଉଜ ଜମାନଙ୍କୁ ଅଜଣାତରେ ତାଙ୍କ ବିରୋଧରେ ବୈଠକ ଡକାଯାଉଥିବା ଜଣାପଡ଼ିବା ପରେ ସେନା ମୁଖ୍ୟ ଏଭଳି ପଦକ୍ଷେପ ନେଇଥିଲେ। ଫଜୁର ରେହମାନ ପାକିସ୍ତାନ ସମର୍ଥନକାରୀ। ଜମାତ ନେତାଙ୍କ ପ୍ରତି ତାଙ୍କର ସମବେଦନା ରହିଛି। ଲେଫ୍ଟନାଣ୍ଟ ଜେନେରାଲ ଫୈଜୁର ରହମାନ ମାର୍ଚ୍ଚ ପ୍ରଥମ ସପ୍ତାହରେ ପ୍ରମୁଖ ଡିଭିଜନାଲ କମାଣ୍ଡର (ଜିଓସି) ମାନଙ୍କର ଏକ ବୈଠକ ଡାକିଥିଲେ। ସେନା ମୁଖ୍ୟଙ୍କ ସଚିବାଳୟ ଏହି ବୈଠକ ବିଷୟରେ ସୂଚନା ପାଇବା ପରେ ଉଚ୍ଚ ଅଧିକାରୀମାନଙ୍କୁ ଏକ ଚେତାବନୀ ପଠା ଯାଇଥିଲା। ଏହାପରେ, ଉଚ୍ଚ ସେନାଧିକାରୀମାନେ ଏହି ବୈଠକରୁ ଓହରି ଯାଇଥିଲେ। ୨୦୨୫ର ପ୍ରଥମ ଦୁଇ ମାସରେ, ଲେଫ୍ଟନାଣ୍ଟ ଜେନେରାଲ ଫୈଜୁର ରହମାନ ଜମାତ ନେତା ଏବଂ ପାକିସ୍ତାନୀ କୂଟନୀତିଜ୍ଞଙ୍କ ସହ ଅନେକ ବୈଠକ କରିଥିଲେ। ବାଂଲାଦେଶ ସେନା ମୁଖ୍ୟଙ୍କୁ ଏହି ବୈଠକ ବିଷୟରେ ଜଣାପଡ଼ିଯାଇଥିଲା, ଏହାପରେ ସେ ସତର୍କ ହେବା ସହ ତାଙ୍କ ଉପରେ ନଜର ରଖିଥିଲେ।

## ଅଭିନେତ୍ରୀ ସୌନ୍ଦର୍ଯ୍ୟାଙ୍କ ମୃତ୍ୟୁର ୨୨ ବର୍ଷ ପରେ ରୁଜୁ ହେଲା ମାମଲା

**ନୂଆଦିଲ୍ଲୀ,୧୧ ।୩:** ଅମିତାଭ ବଚ୍ଚନଙ୍କ ଫିଲ୍ମ ସୂର୍ଯ୍ୟବଂଶମ ଆପଣ ମାନେ ନିଶ୍ଚୟ ଦେଖିଥିବେ । ଟିଭିରେ ଏହି ଫିଲ୍ମଟି ଏତେ ଥର ପ୍ରସାରିତ ହୋଇଛି ଯେ, ଆପଣ ମାନେ ଏହାର ପ୍ରତିଟି ଦୃଶ୍ୟକୁ ମନେ ରଖିଥିବେ । ଏହି ଫିଲ୍ମରେ ଅମିତାଭଙ୍କ ସହ ଅଭିନେତ୍ରୀ ସୌନ୍ଦର୍ଯ୍ୟା ତାଙ୍କ ପ୍ରେମିକା ଭାବରେ ଅଭିନୟ କରିଥିଲେ । ସୌନ୍ଦର୍ଯ୍ୟା ସାଉଥ୍ ସିନେମାର ଜଣେ ଚର୍ଚ୍ଚିତ ଅଭିନେତ୍ରୀ ଥିଲେ। ସେ ଅନେକ ତେଲୁଗୁ ସିନେମାରେ ମଧ ଅଭିନୟ କରିଛନ୍ତି । କିନ୍ତୁ ହିନ୍ଦି ଇଣ୍ଡଷ୍ଟ୍ରୀରେ ସେ ସୂର୍ଯ୍ୟବଂଶମ ମାଧମରେ ବହୁ ପରିଚିତ ହୋଇଥିଲେ। ସୌନ୍ଦର୍ଯ୍ୟାଙ୍କର ସେତେବେଳେ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେହି ସମୟରେ ଅଭିନେତ୍ରୀ ଗର୍ଭବତୀ ଥିଲେ । ହେଲେ ଏହି ଅଭିନେତ୍ରୀଙ୍କ ମୃତ୍ୟୁର ବହୁ ବର୍ଷ ପରେ ଟଲିଉଡ୍‌ର ବରିଷ୍ଠ ଅଭିନେତା ମୋହନ ବାବୁଙ୍କ ବିରୋଧରେ ଏବେ ମାମଲା ଦାଖଲ ହୋଇଛି । ତାଙ୍କ ଉପରେ ସୌନ୍ଦର୍ଯ୍ୟାଙ୍କ ମୃତ୍ୟୁରେ ସାମିଲ ହୋଇଥିବା ଅଭିଯୋଗ ହୋଇଛି । ଅଭିନେତ୍ରୀ ସୌନ୍ଦର୍ଯ୍ୟାଙ୍କର ୧୭ ଅପ୍ରେଲ୍ ୨୦୦୪ରେ ପ୍ରାଇଭେଟ ପ୍ଲେନ କ୍ରାସରେ ମୃତ୍ୟୁ ହୋଇଥିଲା। ରିପୋର୍ଟ ମୁତାବକ ସେତେବେଳେ ସେ କରିମନଗରରେ ଭାରତୀୟ ଜନତା ପାର୍ଟି ଏବଂ ତେଲୁଗୁ ଦେଶମ ପାର୍ଟି ପାଇଁ ରାଜନୈତିକ ପ୍ରଚାରରେ ସାମିଲ ହେବା ପାଇଁ ଯାଉଥିଲେ । ଏଥିରେ ତାଙ୍କ ଭାଇର ବି ମୃତ୍ୟୁ ହୋଇଥିଲା।

## କାନ୍ଦିବାରୁ ୨ ଶିଶୁକନ୍ୟାଙ୍କୁ ମାରିଦେଲା ମା'



**ଡେରାଡୁନ୍,୧୧ ।୩:** ଜନ୍ମ ହେଲା ପରେ ପ୍ରଥମେ ଯେବେ ପିଲାଟିଏ କାନ୍ଦିଥାଏ ତାକୁ କୋଳରେ ଧରି ହସିଥାଏ ଜଣେ ମା' । ମାତୃତ୍ୱକୁ ଜୀବନର ସବୁଠୁ ବଡ ଖୁସି ବୋଲି ଭାବେ । ହେଲେ ଆମେ ଜଣେ ଏମିତି ମା' କଥା କହିବୁ ଯିଏ ପିଶାଚୀ ପାଲଟି ଯାଇଛି । ନିଜ ହାତରେ ଦୁଇ ଦୁଇଟି ଜୀବନକୁ ଶେଷ କରି ଦେଇଛି । ୧୦ ମାସ ୧୦ ଦିନ ଗର୍ଭରେ ରଖି ଯେଉଁ ଜୀବନକୁ ଦୁନିଆ ଦେଖାଇଥିଲା ତାଙ୍କୁ ନିଜ ହାତରେ ତଣ୍ଟି ଚିପି ହତ୍ୟା କରିଛି । ଉତ୍ତରାଖଣ୍ଡ ହରିଦ୍ୱାରରୁ ଆସିଛି ଏପରି ଚାଞ୍ଚଲ୍ୟ କର ଘଟଣା । ପୋଲିସ ଉକ୍ତ ମହିଳାଙ୍କୁ ଗିରଫ କରିଥିବା ଜଣାପଡିଛି । ୬ ମାସର ଦୁଇ ଯମଜ ଶିଶୁକନ୍ୟା ସବୁବେଳେ କାନ୍ଦୁଥିଲେ । ଯାହା ଜନ୍ମକଲା ମା'କୁ ବିବ୍ରତ କରୁଥିଲା । ସେ ରାତି ସାରା ଶୋଇ ପାରୁନଥିଲେ। ଏ ନେଇ ଅନେକ ଥର ସ୍ୱାମୀକୁ ଅଭିଯୋଗ କରିଥିଲେ। ହେଲେ ତାଙ୍କ ସ୍ୱାମୀ ଶୁଣିନଥିଲେ । ଏହାପରେ ଦୁହିଁଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା । ପିଲାଙ୍କ କାନ୍ଦ ଏତେ ଅସହ୍ୟ ହେଲା ଯେ ପିଶାଚୀ ପାଲଟିଗଲା ଜନ୍ମଦାତ୍ରୀ। ଘଟାଇଲା ନୃଶଂସ କାଣ୍ଡ । ଦୁଇ ଜାଆଁଳା ଶିଶୁକନ୍ୟାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା । ପ୍ରଥମେ ତକିଆ ମାଡି ଦୁଇ ଶିଶୁକନ୍ୟାଙ୍କୁ ହତ୍ୟା ଉଦ୍ୟମ କରିଥିଲା । ସେମାନେ ଜୋରରେ କାନ୍ଦିବାରୁ ଓଢଣୀରେ ତଣ୍ଟି ଚିପି ହତ୍ୟା କରିଥିଲା । ଏହା ପରେ ଦୁଇ ଶିଶୁକନ୍ୟାଙ୍କୁ ଡାକ୍ତରଖାନା ଆଣି ତାଙ୍କ ଦେହ ଭଲ ନଥିବା କହିଥିଲେ। ସେଠାରେ ଡାକ୍ତରୁ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ । ଉତ୍ତରାଖଣ୍ଡ ହରିଦ୍ୱାର ଜିଲ୍ଲା ଧିରୱାଲରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଆଲୋଡନ ଖେଳାଇ ଦେଇଛି । ମହିଳାଙ୍କ ସ୍ୱାମୀ ମହେଶ ହତ୍ୟା ଆଶଙ୍କା କରି ଥାନାରେ ଏତଲା ଦେଇଥିଲେ । ପ୍ରଥମେ ଶିବାଙ୍ଗୀ ପୋଲିସକୁ ଭୂଆଁ ବୁଲାଇଥିଲେ । ପିଲାଙ୍କୁ ଶୁଆଇବା ପରେ ବାହାରକୁ ଯାଇଥିଲି ଆସିକି ଦେଖେ ତ ଦୁଇ ଶିଶୁ ଅଚେତ ଅବସ୍ଥାରେ ପଡିଥିବା କହିଥିଲେ । ମାତ୍ର ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତ ମା' ଶିବାଙ୍ଗୀ ସଲକାନ (୨୦)ଙ୍କୁ ପୋଲିସ ଗିରଫ କରିଛି । ବିଏନଏସ ଧାରା ୧୦୩ (୧)ରେ ଜୱାଲପୁର ପୋଲିସ ଷ୍ଟେସନରେ ମାମଲା ରୁଜୁ ହୋଇଛି ।

## ସାଉଦୀରେ ଶାନ୍ତି ବୁଝାମଣା ବୈଠକ ବେଳେ ଆକ୍ରମଣ

### ମସ୍କୋ ଉପରେ ଡ୍ରୋନ୍ ବର୍ଷା କଲା କୀବ୍

**ନୂଆଦିଲ୍ଲୀ,୧୧ ।୩:** ଋଷ୍-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଥମିବାର ନାଁ ଧରୁନାହିଁ । ଶାନ୍ତି ବୁଝାମଣା ପାଇଁ ଆଲୋଚନା ଚାଲିଥିଲେ ମଧ୍ୟ ଯୁଦ୍ଧବିରାମ ଲାଗି ପାରୁନାହିଁ । ଏହାରି ଭିତରେ ଋଷ୍ ଉପରେ ବଡ଼ ହମଲା କରିଛି ୟୁକ୍ରେନ୍ ସେନା । କିଛି ଦିନ ପୂର୍ବରୁ କୀବ୍ ଉପରେ ହୋଇଥିବା ଆକ୍ରମଣର ଜବାବ ଦେଇଛି । ଗତକାଲି ରାତିରେ ଜେଲେନସ୍କି ସେନା ପ୍ରଚଣ୍ଡ ପ୍ରହାର କରିଛି । ଋଷ୍ ରାଜଧାନୀ ମସ୍କୋ ଉପରେ ପ୍ରାୟ ୩୩୦ଶହରୁ ଅଧିକ ଡ୍ରୋନ୍ ମାଡ଼ କରିଛି । ଦୁଇ ଦେଶ ମଧ୍ୟରେ ତିନି ବର୍ଷ ହେଲା ଲାଗି ରହିଥିବା ଯୁଦ୍ଧରେ ଏହା ସବୁଠାରୁ ବଡ଼ ହମଲା ବୋଲି କୁହାଯାଉଛି । ଋଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ମୁତାବକ, ୟୁକ୍ରେନ୍ ସେନା ବିଶେଷ କରି ରାଜଧାନୀ ମସ୍କୋକୁ ଟାର୍ଗେଟ୍ କରି ଘନ ଘନ ଡ୍ରୋନ୍ ମାଡ଼ କରିଛି। ଋଷ୍ ସେନା ପ୍ରାୟ ୯୧ ଡ୍ରୋନକୁ ଆକାଶମାର୍ଗରୁ ମାରି ଖସାଇ ଦେଇଛି । ଏହାଛଡ଼ା ୟୁକ୍ରେନ ସୀମାକୁ ଲାଗି କରିଥିବା କୁର୍କ କ୍ଷେତ୍ରରେ ୧୨୬ ଡ୍ରୋନକୁ ଅଟକାଇଛି ଋଷର ଆଣ୍ଟି ବାଲଷ୍ଟିକ୍ ମିସାଇଲ୍ ସିଷ୍ଟମ। ମିଳିଥିବା ସୂଚନା ଅନୁଯାୟୀ, ୟୁକ୍ରେନ ଏହି ଏୟାର ଷ୍ଟ୍ରାଇକ୍‌ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି । ଡ୍ରୋନ୍ ମାଡ଼ରେ ଏକାଧିକ ବିଲ୍ଡିଂ ମାଟି ସମାଧି ନେଇଛି ବୋଲି ସ୍ଥାନୀୟ ମେୟର କହିଛନ୍ତି। ଋଷ୍ ସେନା କୀବ୍ ଉପରେ କରିଥିବା ପ୍ରହାରର ଜବାବ ଦେଇଛି ୟୁକ୍ରେନ । ମଙ୍ଗଳବାର ୟୁକ୍ରେନ ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି, ଋଷ୍ ସେନା ପ୍ରଥମେ ଆକ୍ରମଣ କରିଥିଲା। ବାଲଷ୍ଟିକ୍ ମିସାଇଲ୍ ମାଡ଼ କରିଥିବା ଅଭିଯୋଗ ପରେ ଏହି ଡ୍ରୋନ୍ ଆକ୍ସନ ହୋଇଛି ।



## ଓଲଟିଲା ବସ୍, ୧୨ ମୃତ, ୪୫ ଆହତ

**ଜୋହାନ୍ସବର୍ଗ,୧୧ ।୩:** ସାଉଥ ଆଫ୍ରିକା ଜୋହାନ୍ସବର୍ଗ ସହରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏଠାରେ ହାଇୱେରେ ଏକ ବସ୍ ଓଲଟିବା ଯୋଗୁଁ ଅତିକମରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାରେ ୪୫ ଜଣ ଆହତ ହୋଇଛନ୍ତି । ସୂଚନା ମିଳିବା ପରେ ଘଟଣା ସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ଦୁର୍ଘଟଣା ଜୋହାନ୍ସବର୍ଗର ମୁଖ୍ୟ ଓଆର ଟେମ୍ବୋ ବିମାନବନ୍ଦର ନିକଟ ରାସ୍ତାରେ ହୋଇଛି । ଜୋହାନ୍ସବର୍ଗର ପୂର୍ବରେ ଥିବା ଟାଉନସିପ କେଟଲହୋଙ୍ଗରୁ ଲୋକଙ୍କୁ ନେଇ ଯାଉଥିଲେ । ଦୁର୍ଘଟଣା ସ୍ଥଳରୁ ୧୨ ଜଣଙ୍କ ମୃତଦେହ ଉଦ୍ଧର କରାଯାଇଥିଲା । ଏଥିରେ ୯ ଜଣ ପୁରୁଷ ଏବଂ ୩ ଜଣ ମହିଳା ସାମିଲ ରହିଛନ୍ତି । ଆହତଙ୍କୁ ଉଦ୍ଧାର କରାଯାଇ ହସପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ବସକୁ କ୍ରେନ ସହାୟତାରେ ସିଧା କରାଯାଇଛି। ତେବେ ଦୁର୍ଘଟଣାର କାରଣ ଏଯାଏଁ ଜଣାପଡିନାହିଁ । ପୋଲିସ ଘଟଣାର ଯାଞ୍ଚ କରୁଛି ।



# ଚାମ୍ପିଅନ୍ସ ଟ୍ରଫି ଧରି ସ୍ୱଦେଶ ଫେରିଲା ଟିମ୍ ଇଣ୍ଡିଆ





## ରୋହିତ ବାହିନୀକୁ ସ୍ୱାଗତ କଲେ ଫ୍ୟାନ୍ସ

ନୂଆଦିଲ୍ଲୀ, ୧୧।୩: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଜିତି ସ୍ୱଦେଶ ଫେରିଛି ଟିମ୍ ଇଣ୍ଡିଆ। ଏୟାରପୋର୍ଟରେ ଟିମକୁ ଭବ୍ୟ ସ୍ୱାଗତ କରାଯାଇଛି। ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ରୋହିତ ଶର୍ମା ଅଲଗା ଅଲଗା ମୁମ୍ବାଇ ପହଞ୍ଚିଛନ୍ତି। ସେହିପରି ହେଡ କୋଚ ଗୌତମ ଗମ୍ଭୀର, ହର୍ଷିତ ରାଣା ଦିଲ୍ଲୀ ପହଞ୍ଚିଛନ୍ତି। ଅକ୍ଷୟ ପଟେଲ ଅହମଦାବାଦ ପହଞ୍ଚିଛନ୍ତି। ଅକ୍ଷର ପଟେଲ ଏବଂ ରବିନ୍ଦ୍ର ଜାଡେଜା ଚେନ୍ନାଇ ପହଞ୍ଚିଛନ୍ତି।

ଭାରତୀୟ ଟିମର କିଛି ଖେଳାଳି ଦୁବାଇରୁ ସିଧା ମୁମ୍ବାଇରେ ପହଞ୍ଚିଛନ୍ତି। ଏହି ଫ୍ଲାଇଟ କିଛି ସମୟ ପୂର୍ବରୁ ମୁମ୍ବାଇରେ ପହଞ୍ଚିଛି। ଭାରତୀୟ ଟିମ୍ ଏମିରେଟ୍ସର ବିମାନ ନମ୍ବର ଇକେ ୫୦୮ରେ ଯାତ୍ରା କରି ମୁମ୍ବାଇରେ ଲ୍ୟାଣ୍ଡ କରିଛନ୍ତି। ମୁମ୍ବାଇର ଛତ୍ରପତି ଶିବାଜୀ ଏୟାରପୋର୍ଟରେ ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କୁ ଫ୍ୟାନ୍ସ ଜୋରଦାର ସ୍ୱାଗତ କରିଥିଲେ। ରୋହିତ ବ୍ଲୁ ରଙ୍ଗର ଟିସାର୍ଟ, ବ୍ଲୁ କ୍ୟାପ୍ ଏବଂ ବ୍ଲୁ ଜିନ୍ସ ସହିତ ଏୟାରପୋର୍ଟରେ ନଜର ଆସିଛନ୍ତି। ରୋହିତ ଝିଅ ସମାୟରାଙ୍କୁ କୋଳରେ ଧଣି ଚାଲୁଛନ୍ତି। ରୋହିତଙ୍କୁ ଏୟାରପୋର୍ଟରେ ସିଆଇଏସଏଫ ଅଫିସର ଏସକର୍ଟ କରି ନେଉଛନ୍ତି। ସେହିପରି ଶ୍ରେୟସ ଆୟରଙ୍କୁ ସ୍ୱାଗତ ପାଇଁ ଫ୍ୟାନ୍ସ ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିଥିଲେ। ହାର୍ଦ୍ଦିକଙ୍କୁ ମଧ ମୁମ୍ବାଇ ଏୟାରପୋର୍ଟରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଦିଲ୍ଲୀ ଏୟାରପୋର୍ଟରେ ଟିମର ହେଡ କୋଚ ଗୌତମ ଗମ୍ଭୀରଙ୍କ ସହ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ମଧ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡକୁ ଫାଇନାଲରେ ୪ ୱିକେଟ ହରାଇ ଚାମ୍ପିଅନ୍ସ ଟ୍ରଫି ହାସଲ କରିଛି। ଏହା ଟିମର ତୃତୀୟ ଚାମ୍ପିଅନ୍ସ ଟ୍ରଫି ଟାଇଟଲ। ପୂର୍ବରୁ ସେ ୨୦୦୨ ଏବଂ ୨୦୧୩ରେ ଏହି ଟାଇଟଲ ଜିତିଥିଲା। ଚାମ୍ପିଅନ ହେବା ପରେ ଭାରତ ଆଇସିସି ଅଧକ୍ଷ ଜୟ ଶାହଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲା। ଏହି ସମୟରେ ବିସିସିଆଇ ଅଧକ୍ଷ ରୋଜର ବିନ୍ନି ଏବଂ ସଚିବ ଦେବଜିତ ସୌକିୟା ପ୍ରମୁଖ ଉପସ୍ଥିତ ଥିଲେ।

### ଆଇପିଏଲ ପୂର୍ବରୁ ଲକ୍ଷ୍ନୌକୁ ବଡ଼ ଝଟକା

## ୧୧ କୋଟିରେ ଆସିଥିବା ମୟଙ୍କ ବାଦ୍!



ନୂଆଦିଲ୍ଲୀ,୧୧।୩: ଚାମ୍ପିୟନ୍ସ ଟ୍ରଫି ପରେ ଏବେ ପ୍ରଶଂସକମାନେ ଆଇପିଏଲ ୨୦୨୫ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଯାହା ୨୨ ମାର୍ଚ୍ଚରୁ ଆରମ୍ଭ ହେବାକୁ ଯାଉଛି। ତଥାପି, ଏହି ଲୋକପ୍ରିୟ ଟି-୨୦ ଲିଗ ଆରମ୍ଭ ହେବା ପୂର୍ବରୁ, ଲକ୍ଷ୍ନୌ ସୁପରଜାଏଣ୍ଟସ ଏକ ବଡ଼ ଝଟକା ପାଇଛି। ଏହି ଝଟକା ନିଶ୍ଚିତ ଭାବରେ ଦଳର ମାଲିକ ସଞ୍ଜିବ ଗୋଏଙ୍କା ଏବଂ ରିଷଭ ପନ୍ତଙ୍କୁ ଟେନଶନରେ ପକାଇଛି। ପ୍ରକୃତରେ, ୨୪ ମାର୍ଚ୍ଚରେ ଲକ୍ଷ୍ନୌ ସୁପରଜାଏଣ୍ଟସ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ସିଜିନର ପ୍ରଥମ ମ୍ୟାଚ ଖେଳିବାକୁ ଯାଉଛି। କିନ୍ତୁ ଏଠାରେ ପହଞ୍ଚିବା ପୂର୍ବରୁ, ଦଳର ଯୁବ ବୋଲର ମୟଙ୍କ ଯାଦବ ଏପର୍ଯ୍ୟନ୍ତ ତାଙ୍କ ଆଘାତରୁ ସୁସ୍ଥ ହୋଇନାହାଁନ୍ତି। ଯାହା ଯୋଗୁ ସେ ଆଇପିଏଲ ୨୦୨୫ର ପ୍ରଥମାର୍ଦ୍ଧରୁ ବାହାରେ ରହିପାରନ୍ତି ବୋଲି ବିଶ୍ୱାସ କରାଯାଉଛି। ମୟଙ୍କ ଯାଦବ ତାଙ୍କ ଗତି ପାଇଁ ବହୁତ ପ୍ରସିଦ୍ଧ। ସେ ତାଙ୍କ ବୋଲିଂରେ ଅନେକ ବଡ଼ ବ୍ୟାଟସମ୍ୟାନଙ୍କୁ ଅସୁବିଧାରେ ପକାଇଛନ୍ତି। ଏହି କାରଣରୁ ଲକ୍ଷ୍ନୌ ତାଙ୍କୁ ୧୧ କୋଟି ଟଙ୍କାରେ ରିଟେନ କରିଥିଲା। ଏହା ତାଙ୍କ ଆଇପିଏଲ ଦରମାରୁ ଏକ ବିରାଟ ବୃଦ୍ଧି ଥିଲା। ଗତ ସିଜିନରେ ଲକ୍ଷ୍ନୌ ତାଙ୍କୁ ୨୦ ଲକ୍ଷ ଟଙ୍କାରେ କିଣିଥିଲା।

## ଚାମ୍ପିଅନ୍ସ ଟ୍ରଫି ପୁରସ୍କାର ବିତରଣ ଉତ୍ସବରେ ରହିଲେନି ପିସିବି ପ୍ରତିନିଧି

ଲାହୋର,୧୧।୩: ଆଇସିସି ଚାମ୍ପିୟନ୍ସ ଟ୍ରଫିର ଉଦ୍‌ଯାପନୀ ଉତ୍ସବରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସିଇଓ ଏବଂ ଟୁର୍ନାମେଣ୍ଟ ଡାଇରେକ୍ଟର ସୁମେର ଅହମ୍ମଦ ସୟଦଙ୍କୁ ଅଣଦେଖା କରାଯାଇଥିଲା।

### ଆଇସିସି ନିକଟରେ ପ୍ରତିବାଦ କରିବ ବୋର୍ଡ଼

ଏଥିଲାଗି ପିସିବି ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିକଟରେ ପ୍ରତିବାଦ ଦାଖଲ କରିବ।

ସୂତ୍ରରୁ କୁହାଯାଇଛି ଯେ, ପୁରସ୍କାର ବିତରଣ ଉତ୍ସବରେ ସୟଦଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରା ନ ଯିବା ସମ୍ପର୍କରେ ଆଇସିସି ପକ୍ଷରୁ ରଖାଯାଇଥିବା ଉତ୍ତରରେ ପିସିବି ଚେୟାରମ୍ୟାନ ମହସିନ ନକ୍‌ଭି ସନ୍ତୁଷ୍ଟ ନୁହନ୍ତି। ଆଇସିସି ପକ୍ଷରୁ କୁହାଯାଇଥିଲା



ଯେ, ପୁରସ୍କାର ବିତରଣ ଲାଗି ନକ୍‌ଭିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିବାକୁ ଯୋଜନା କରାଯାଇଥିଲା। ହେଲେ ଫାଇନାଲ ମ୍ୟାଚ ଲାଗି ସେ ନଜର ନ ଆସିବାରୁ ଯୋଜନାରେ ପରିବର୍ତ୍ତନ କରିଥିଲେ। ଆଇସିସିର ଏହି ଉତ୍ତରକୁ ପ୍ରତ୍ୟାଖ୍ୟାନ କରିବା ସହ ପିସିବି ପକ୍ଷରୁ କୁହାଯାଇଛି ଯେ, ଟୁର୍ନାମେଣ୍ଟ ବେଳେ ଆଇସିସି ଅନେକ ତ୍ରୁଟି କରିଛି। ଭାରତ ଓ ବାଂଲାଦେଶ ମଧରେ ଖେଳାଯାଇଥିବା ମ୍ୟାଚର ପ୍ରସାରଣ ବେଳେ 'ସିଟି୨୦୨୫' ଲୋଗୋରେ ପରିବର୍ତ୍ତନ କରାଯିବା ସହିତ ଲାହୋରରେ ଅଷ୍ଟ୍ରେଲିଆ-ଇଂଲଣ୍ଡ ମ୍ୟାଚରେ ଭାରତୀୟ ଜାତୀୟ ସଂଗୀତ ଲଗାଯିବା ଭଳି ତ୍ରୁଟି ହୋଇଥିଲା। ତେବେ ଆଇସିସି ପକ୍ଷରୁ ଦାବି କରାଯାଇଥିଲା ଯେ, ପ୍ଲେ-ଲିଷ୍ଟ ମିଶି ଯାଇଥିବାରୁ କିଛି ସେକେଣ୍ଡ ପାଇଁ ଭାରତୀୟ ଜାତୀୟ ସଂଗୀତ ବାଜିଥିଲା। ବିସିସିଆଇ ସଭାପତି ରୋଜର ବିନି ଭାରତୀୟ ଖେଳାଳିଙ୍କୁ ଧଳା ଜ୍ୟାକେଟ ଓ ମ୍ୟାଚ ଅଫିସିଆଲଙ୍କୁ ପଦକ ଦେଇଥିଲେ। ଆଇସିସି ଚେୟାରମ୍ୟାନ ଜୟ ଶାହା ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ଚାମ୍ପିୟନ୍ସ ଟ୍ରଫି ପ୍ରଦାନ କରିବା ସହ ଚାମ୍ପିୟନ ଦଳର ଖେଳାଳିଙ୍କୁ ପଦକ ପ୍ରଦାନ କରିଥିଲେ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ନ୍ୟୁଜିଲାଣ୍ଡ କ୍ରିକେଟର ସିଇଓ ରୋଜର ଟୁସେ ମଞ୍ଚରେ ଉପସ୍ଥିତ ଥିଲେ।

# ଆଇପିଏଲରେ ତମାଖୁ-ଗୁଟଖା ବିଜ୍ଞାପନକୁ ନା'

### ଷ୍ଟାଡିୟମ ନିକଟରେ ବିକି ପାରିବେନି ମଦ

ନୂଆଦିଲ୍ଲୀ, ୧୧।୩: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସଂସ୍କରଣ ମାର୍ଚ୍ଚ ୨୨ରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ଦଳ ନିଜ ନିଜ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ହେଲେ ଏବେ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ଆଇପିଏଲ ସମୟରେ ସରୋଗେଟ୍ ବିଜ୍ଞାପନ ଏବଂ ତମାଖୁ, ମଦ ବିଜ୍ଞାପନ ନିଷେଧ କରିବାକୁ ଆଇପିଏଲ ଅଧକ୍ଷଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠିରେ ଲେଖାଯାଇଛି ଯେ, ବର୍ତ୍ତମାନ ଭାରତରେ ମଧୁମେହ, ଫୁସଫୁସ ରୋଗ, କର୍କଟ ଭଳି ଗମ୍ଭୀର ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହି ରୋଗଗୁଡ଼ିକର ବୃଦ୍ଧିର ମୁଖ୍ୟ କାରଣ ହେଉଛି ତମାଖୁ ଏବଂ ମଦ୍ୟପାନ। ତମାଖୁ ଯୋଗୁଁ ସର୍ବାଧିକ ମୃତ୍ୟୁସଂଖ୍ୟା ଦୃଷ୍ଟିରୁ ଭାରତ ଦ୍ୱିତୀୟ ସ୍ଥାନରେ ଅଛି। ପ୍ରତିବର୍ଷ ଭାରତରେ ୧୪ ଲକ୍ଷ ଲୋକ ମଦ୍ୟପାନ ଯୋଗୁଁ ମୃତ୍ୟୁବରଣ କରନ୍ତି। ପୂର୍ବରୁ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ ଟୁର୍ଣ୍ଣାମେଣ୍ଟ ସମୟରେ ମଦ୍ୟପାନ



ଏବଂ ତମାଖୁର ପ୍ରଚାର ଉପରେ ନିଷେଧ କରିବାକୁ ସୁପାରିଶ କରିଥିଲା। ଆଇପିଏଲ ମ୍ୟାଚ୍ ସମୟରେ ଷ୍ଟାଡିୟମ ଭିତରେ ଏବଂ ବାହାରେ ପ୍ରସାରଣ ପ୍ଲାଟଫର୍ମରେ ସମସ୍ତ ପ୍ରକାରର ତମାଖୁ ଏବଂ ମଦ୍ୟପାନ ବିଜ୍ଞାପନକୁ ନିଷିଦ୍ଧ ରହିବ। ଷ୍ଟାଡିୟମ ଏବଂ ଆଇପିଏଲ ମ୍ୟାଚ୍ ଖେଳାଯାଉଥିବା ଷ୍ଟାଡିୟମ ନିକଟରେ ଏବଂ ମଦ୍ୟପାନ ବିକ୍ରୟ ନିଷେଧ। ଯୁବପିଢ଼ିଙ୍କ ପାଇଁ ଆଦର୍ଶ ହୋଇ, କ୍ରୀଡ଼ା ଜଗତ ସହିତ ଜଡ଼ିତ ଲୋକମାନେ କୌଣସି ପ୍ରକାର ମଦ ଏବଂ ତମାଖୁ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହିତ କରିବେନି ଧ୍ୟାନ ଦେବାକୁ ହେବ।

ଆଇପିଏଲ ହେଉଛି ବିଶ୍ୱର ସବୁଠାରୁ ବଡ଼ ଟ୍ୱେଣ୍ଟି-ଟ୍ୱେଣ୍ଟି ଲିଗ୍। ସାରା ବିଶ୍ୱରେ ଏହି ଲିଗ୍ ପାଇଁ କ୍ରେଜ୍ ରହିଛି। ପ୍ରତ୍ୟେକ ମ୍ୟାଚ୍ ପାଇଁ ଟିକେଟ୍ ପାଇଁ ଭିଡ଼ ଲାଗି ରହିଥାଏ। ପ୍ରତିବର୍ଷ ଷ୍ଟାଡିୟମରେ ସର୍ବାଧିକ ଦର୍ଶକ ମ୍ୟାଚ୍ ଦେଖିବାକୁ ଆସି ରେକର୍ଡ କରୁଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଜିଓଷ୍ଟାର ଆଇପିଏଲ ୨୦୨୫ ପାଇଁ ୪୫୦୦ କୋଟି ଟଙ୍କାର ଆୟ ଲକ୍ଷ୍ୟ ରଖିଛି। ଆକଳନ କରାଯାଉଛି ଯେ ସମସ୍ତ ୧୦ଟି ଦଳ ବିଜ୍ଞାପନରୁ ହିଁ ପ୍ରାୟ ୧୩୦୦ କୋଟି ଟଙ୍କା ରୋଜଗାର କରିବେ।

ଆଇପିଏଲ ମ୍ୟାଚ୍ ସମୟରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ତମାଖୁ ଇତ୍ୟାଦିର ବିଜ୍ଞାପନ ପ୍ରଦର୍ଶିତ ହୁଏ। ଏହା ଯୁବ ପିଢ଼ି ଉପରେ ଖରାପ ପ୍ରଭାବ ପକାଉଛି। ଏହି ବିଜ୍ଞାପନଗୁଡ଼ିକରୁ ବିସିସିଆଇ ମଧ ବହୁତ ଟଙ୍କା ରୋଜଗାର କରେ। ହେଲେ ଏଥର ତାହା ଆଉ ଦେଖିବାକୁ ମିଳିବ ନାହିଁ। ମାର୍ଚ୍ଚ ୨୨ରୁ ଆରମ୍ଭ ହେଉଥିବା ଆଇପିଏଲ ସିଜିନ୍ ସମୟରେ ସରୋଗେଟ୍ ବିଜ୍ଞାପନ ଏବଂ ବିକ୍ରୟ ସମେତ ତମାଖୁ ଏବଂ ମଦ୍ୟପାନ ବିଜ୍ଞାପନର ନିୟନ୍ତ୍ରଣ ସମ୍ପର୍କରେ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ଆଇପିଏଲ ଅଧକ୍ଷଙ୍କୁ ଚିଠି ଲେଖିଛନ୍ତି।



## ରୋହିତ-ବିରାଟଙ୍କୁ କେହି ଅବସର ଦେଇପାରିବେ ନାହିଁ: ଯୋଗରାଜ ସିଂହ

ନୂଆଦିଲ୍ଲୀ, ୧୧।୩: ମାତ୍ର କିଛି ମାସ ଭିତରେ ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ ହାରିବା ପରେ ଭାରତୀୟ ଦଳର ଦୁଇ ବରିଷ୍ଠ ଖେଳାଳି ହିଟ୍‌ମ୍ୟାନ୍ ରୋହିତ ଶର୍ମା ଏବଂ କିଂବଦନ୍ତି ବିରାଟ କୋହଲି ସବୁଠୁ ଅଧିକ ସମାଲୋଚିତ ହୋଇଥିଲେ। ନୂଆ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳ ନେଇ ମଧ ଘୋର ଆଶଙ୍କା ସୃଷ୍ଟି ହୋଇଥିଲା। ଚାମ୍ପିଅନ୍ସ ଟ୍ରଫିରେ ଭାରତର ଐତିହାସିକ ବିଜୟ କିନ୍ତୁ ରୋହିତ ଓ କୋହଲିଙ୍କ ସହ ଗମ୍ଭୀରଙ୍କ ପାଇଁ ନୂଆ ଜୀବନରେଖା ସଦୃଶ ହୋଇଛି। ଭାରତୀୟ ଟିମର ବିଜୟ ସାରା ଭାରତକୁ ଗୌରବାନ୍ୱିତ କରିଥିବା ବେଳେ ଭାରତର ପୂର୍ବତନ କ୍ରିକେଟର ତଥା ଯୁବରାଜ ସିଂହଙ୍କ ବାପା ଯୋଗରାଜ ସିଂହ ନିଜର ମତ ରଖିଛନ୍ତି। ରୋହିତ-ବିରାଟଙ୍କୁ କେହି ଅବସର ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି। ଚାମ୍ପିଅନ୍ସ ଟ୍ରଫି ପରେ ରୋହିତ ଅବସର ନେବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ରୋହିତ ଏହି ଚର୍ଚ୍ଚା ଉପରେ ବିରାମ ଲଗାଇ ଏବେ ଅବସର ନେବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହା ଉପରେ ପ୍ରତିକ୍ରିୟା ଦେଇ ଯୋଗରାଜ କହିଛନ୍ତି ଯେ, "ସବୁଠାରୁ ଭଲ କଥା ହେଉଛି ଯେ ରୋହିତ ଶର୍ମା କହିଛନ୍ତି ସେ ଅବସର ନେଉନାହାଁନ୍ତି। ବହୁତ ଭଲ, ମୋ ପୁଅ। ରୋହିତ ଏବଂ ବିରାଟଙ୍କୁ କେହି ଅବସର ଦେଇପାରିବେ ନାହିଁ। ସେମାନେ ୨୦୨୭ ଦିନିକିଆ ବିଶ୍ୱକପ୍ ଜିତିବା ପରେ ଅବସର ବିଷୟରେ ଚିନ୍ତା କରିବା ଉଚିତ। ଭାରତ ଜିତିବା ପୂର୍ବରୁ ମୁଁ ଏହା କହିଥିଲି।" ନିଜ ଅବସରକୁ ନେଇ ରୋହିତ କହିଥିଲେ ଯେ, "ମୁଁ ଏବେ ଏହି ଫର୍ମାଟରୁ ଅବସର ନେବି ନାହିଁ। ଆଗକୁ ମୋ ଅବସରକୁ ନେଇ କୌଣସି ଗୁଜବ ପ୍ରଚାର ନହେଉ ସେଥିପାଇଁ ସ୍ପଷ୍ଟ କରୁଛି। ମୋର ଭବିଷ୍ୟତକୁ ନେଇ କିଛି ଯୋଜନା ନାହିଁ। ଯାହା ଚାଲୁଛି, ତାହା ଆଗକୁ ଚାଲିବ।"

## ଆଇପିଏଲ ପାଇଁ ନୂଆ ଜର୍ସି ଲଞ୍ଚ୍ କଲା ଆରସିବି




ନୂଆଦିଲ୍ଲୀ,୧୧।୩: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସଂସ୍କରଣ ୨୨ ମାର୍ଚ୍ଚରୁ ଆରମ୍ଭ ହେବାକୁ ଯାଉଛି। ସମସ୍ତ ଦଳ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଏବେ ଧୀରେ ଧୀରେ ଚାମ୍ପିୟନ୍ସ ଟ୍ରଫି ଖେଳୁଥିବା ଖେଳାଳିମାନେ ମଧ ନିଜ ନିଜ ଦଳରେ ଯୋଗଦେବା ଆରମ୍ଭ କଲେଣି। ବିରାଟ କୋହଲି ମଧ କିଛି ଦିନ ମଧରେ ଆରସିବି ଶିବିରରେ ଯୋଗଦେବେ। ଅଧିନାୟକ ରଜତ ପାଟିଦାରଙ୍କ ସମେତ ଅଧିକାଂଶ ଖେଳାଳି ଆରସିବି ଶିବିରରେ ଯୋଗ ଦେଇଛନ୍ତି। ଏହି ସମୟରେ, ଫ୍ରାଞ୍ଚାଇଜ ତାର ନୂତନ ଜର୍ସି ଉନ୍ମୋଚନ କରିଛି। ଏହା ସହିତ ପ୍ରଶଂସକମାନେ କେବେ ଏବଂ କେଉଁଠାରୁ ଆରସିବିର ଜର୍ସି କିଣିପାରିବେ ତାହା ମଧ କୁହାଯାଇଛି।

## ରଚିନ ରବୀନ୍ଦ୍ର ଚାମ୍ପିୟନ୍ସ ଟ୍ରଫିର ବେଷ୍ଟ ଖେଳାଳି: ୱାସିମ ଆକ୍ରମ

ନୂଆଦିଲ୍ଲୀ, ୧୧।୩: ଚାମ୍ପିୟନ୍ସ ଟ୍ରଫି ଶେଷ ହୋଇଯାଇଛି। ଭାରତୀୟ ଟିମ୍ ଚାମ୍ପିୟନ୍ସ ଟ୍ରଫିର ତାଜ୍ ହାତେଇବାରେ ସଫଳ ହୋଇଛି। ଫାଇନାଲରେ ଭାରତ ନ୍ୟୁଜିଲାଣ୍ଡକୁ



୪ୱିକେଟରେ ହରାଇ ଚାମ୍ପିୟନ୍ସ ଟ୍ରଫିର ତାଜ୍ ଜିତି ନେଇଛି। ଫାଇନାଲରେ ରୋହିତ ଶର୍ମା ପ୍ଲେୟର ଅଫ ଦ ମ୍ୟାଚ୍ ହୋଇଥିଲେ ତ ସେହିଭଳି ରଚିନ ରବିନ୍ଦ୍ର ପ୍ଲେୟର ଅଫ ଦ ଟୁର୍ଣ୍ଣାମେଣ୍ଟର ତାଜ୍ ହାତେଇଛନ୍ତି। ସେହିପରି ଟୁର୍ଣ୍ଣାମେଣ୍ଟ ଶେଷ ହେବା ପରେ ପାକିସ୍ତାନର ଭେଟରାନ ଖେଳାଳୀ ୱାସିମ ଆକ୍ରମ ରଚିନ ରବିନ୍ଦ୍ରଙ୍କୁ ନେଇ କହିଛନ୍ତି କି, ନ୍ୟୁଜିଲାଣ୍ଡ କ୍ରିକେଟ ବହୁ ଭଲ ଖେଳିଛି। ଛୋଟ ଦେଶ ହେବା ପରେ ବି ତାଙ୍କ ଟିମ୍ କ୍ରିକେଟରେ ହୁଅନ୍ତୁ କିମ୍ବା ରଗବୀରେ କୌଣସି ବି ଟୁର୍ଣ୍ଣାମେଣ୍ଟରେ ଭଲ ପରଫର୍ମାନ୍ସ କରିଥାନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ ପରେ ଏବେ ଏକ ଏଭଳି ଖେଳାଳୀ ଅଛନ୍ତି ଯିଏ ଭବିଷ୍ୟତର ସୁପରଷ୍ଟାର। ରଚିନ ଫାଇନାଲରେ ଯେଉଁ ଫାଇଟିଂ ସ୍ପିରିଟ ଦେଖାଇଥିଲେ ତାହା ମୋତେ ବହୁ ଇମ୍ପ୍ରେସ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରଣକ୍ଷେତ୍ର...

ମଧ୍ୟଭାଗରେ ନାରାବାଜି ଚଳାଇଥିଲେ। ପ୍ରଥମେ ଉଚ୍ଚବାଚ୍ଚ, ତା'ପରେ ଧସ୍ତାଧସ୍ତି, ଶେଷରେ ହାତାହାତି। ବିଧାନସଭା ଦେଖିଲା ବିଶୃଙ୍ଖଳାର ଚରମ ଚିତ୍ର। ରାଜ୍ୟ ଦେଖିଲା ଗଣତନ୍ତ୍ରର ମନ୍ଦିରରେ ଆମ ବିଧାୟକଙ୍କ କାଣ୍ଡକାରନାମା। ଦିନତମାମ୍ ଚାଲିଲା ହାଇଡ୍ରାମା। ଦୃଶ୍ୟ ଯାହା ବୟାନ କରୁଥିଲା, ଲାଗୁଥିଲା ପ୍ରଶ୍ନକାଳ ଆରମ୍ଭ ଆଗରୁ ଶାସକ-ବିରୋଧୀ ଯେମିତି ପୂରା ତୟାର ଥିଲେ ଯେକୌଣସି ସ୍ଥିତି ପାଇଁ। ଯେମିତି ହେଉ ଗୃହ ଚଳାଇବାକୁ ଚାହୁଁଥିଲା ଶାସକ ଦଳ ଆଉ ଯାହା ବି ହେଇଯାଉ ଗୃହ ବନ୍ଦ ପାଇଁ ଯେମିତି ପଣ କରିଥିଲେ ବିରୋଧୀ।

ଗୃହ ମଧ୍ୟଭାଗରେ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ନାରାବାଜି ଦ୍ୱାରା ଗୃହ ଶୃଙ୍ଖଳାରେ ନଥିଲେ ବି ଚାଲିଥିଲା ପ୍ରଶ୍ନକାଳ। ଉତ୍ତର ରଖୁଥିଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ହଠାତ ଏହି ସମୟରେ କଂଗ୍ରେସ ବିଧାୟକ ତାରା ଓ ଅନ୍ୟ ବିଧାୟକ ମନ୍ତ୍ରୀଙ୍କ ପାଖକୁ ଯାଇ ମାଇକ୍ ବନ୍ଦ ପାଇଁ ଉଦ୍ୟମ କରିଥିଲେ ଏବଂ ଉତ୍ତର ନ ରଖିବାକୁ ହାତ ଯୋଡ଼ି ନିବେଦନ କରିଥିଲେ। ଆଉ ଏହି ସମୟରେ ହଠାତ୍ ଶାସକ ଦଳର ବିଧାୟକ ଓ ମନ୍ତ୍ରୀ କାହିଁକି ମନ୍ତ୍ରୀଙ୍କୁ ଉତ୍ତର ଦେବାରେ ବାଧକ ସାଜୁଛ କହି ମାଡ଼ି ଆସିଥିଲେ। କୋଶଳ-ଉତ୍କଳ ମନ୍ତବ୍ୟ ପାଇଁ ବିବାଦୀୟ ହୋଇପଡ଼ିଥିବା ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟକ ତାରା ବାହିନୀପତି ହାତାହାତି ହୋଇଥିବା ବେଳେ କଂଗ୍ରେସ ବିଧାୟକ ରାଜନ ଏକ୍କା ଓ ବିଜେପି ବିଧାୟକ ଅଶୋକ ମହାନ୍ତି ମଧ୍ୟ ହାତାହାତି ହୋଇଥିଲା। ଏମିତିକି ଗୃହ ମଧ୍ୟରେ ବ୍ୟାନର ପୋଷ୍ଟର ଉଡ଼ିଥିଲା। କିଛି ସମୟ ପାଇଁ ଗଣତନ୍ତ୍ରର ମନ୍ଦିର ପାଲଟିଥିଲା ରଣକ୍ଷେତ୍ର। ଆଉ ବିଜେପି ବିଧାୟକମାନେ ସାଜିଥିଲେ ବାଚସ୍ପତିଙ୍କ ମାର୍ଶାଲ। ଗୃହରୁ ବାହାରି କଂଗ୍ରେସ ଗାନ୍ଧୀ ମୂର୍ତ୍ତି ତଳେ ପ୍ରତିବାଦ କରିଥିବା ବେଳେ ବିଜେଡି ମଧୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ବନ୍ଦେ ଉତ୍କଳ ଜନନୀ ଗାନ କରି ବିରୋଧ ପ୍ରଦର୍ଶନ କରିଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ସାମ୍ନାରେ ଲଣ୍ଠନ ଧରି ପ୍ରତିବାଦ କରିବା ସହ ସମସ୍ତ ମନ୍ତ୍ରୀଙ୍କ ଚାମ୍ବରରେ ମୁଖ୍ୟମନ୍ତ୍ରୀଙ୍କୁ ଲଣ୍ଠନ ଧରି ଖୋଜିଥିଲେ ବିଜେଡି ସଦସ୍ୟ। ବିରୋଧୀ ଓ ଶାସକ ଦଳର ବିଧାୟକମାନେ ନିଜ ନିଜ ଜିଦରେ ଅଟଳ ଥିବା ବେଳେ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ କରିଥିଲେ। ସେପଟେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ବରିଷ୍ଠ ବିଧାୟକ ତାରା ବାହିନୀପତି ବାଚସ୍ପତିଙ୍କୁ ଚିଠି ଲେଖି ଅଭିଯୋଗ କରିଥିଲେ ଯେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହରେ ଖରାପ ଭାଷା ବ୍ୟବହାର କରି ତାଙ୍କୁ ଗାଳି ଦେଇଥିଲେ। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅପରାହ୍ନ ଅଧିବେଶନରେ ଗୃହ ଆରମ୍ଭ ହେବା ମାତ୍ରେ ହଟ୍ଟଗୋଳ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ତାରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତାବ ଆଣିଥିଲେ। ଆଉ ଏହା ସପକ୍ଷରେ ବିଜେପିର ୧୭ ଜଣ ବିଧାୟକ ସେମାନଙ୍କ ମନ୍ତବ୍ୟ ରଖିଥିଲେ। ବିଜେଡି ଓ କଂଗ୍ରେସ ବିଧାୟକମାନେ ପଏଣ୍ଟ ଅଫ ଅର୍ଡରେ ଜରିଆରେ କହିବାକୁ ଚାହିଁଥିଲେ ଏବଂ ଡିଭିଜନ ମଧ୍ୟ ଦାବି କରିଥିଲେ। କିନ୍ତୁ ସେମାନେ ନିଜ ନିଜ ଆସନରେ ନଥିବାରୁ ସେମାନଙ୍କୁ କହିବାକୁ ସୁଯୋଗ ଦେଇନଥିଲେ ବାଚସ୍ପତି।

### ୭ ଦିନ...

ମୂର୍ତ୍ତି ନିକଟରେ ସାରା ରାତି ବସି ପ୍ରତିବାଦ କରିବାକୁ ଘୋଷଣା କରିଥିଲେ କଂଗ୍ରେସ ବିଧାୟକ ଦଳ ନେତା। କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିକ୍ରିୟା ରଖି ସେ କହିଥିଲେ ଯେ ବିଧାନସଭାରେ ଆଜି ଗଣତନ୍ତ୍ରର ହତ୍ୟା କରାଯାଇଛି। ବିଧାନସଭାରେ ଜୟନାରାୟଣ ମିଶ୍ର ତାଙ୍କ କଲର ଧରିଥିବା ବେଳେ ବିଧାୟକ ବାବୁ ସିଂ ଧକ୍କା ମାରିଥିଲେ। ଏନେଇ ବାଚସ୍ପତିଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସେ ଶୁଣି ନ ଥିଲେ। ସରକାରଙ୍କ ବିରୋଧରେ କହୁଥିବା କାରଣରୁ ସେମାନେ ଡରରେ ଏଭଳି କରୁଛନ୍ତି ବୋଲି ତାରା କହିଛନ୍ତି। ସେହିପରି କଟକ ବିଧାୟିକା ସୋଫିଆ ଫିରଦୋସ ନିଲମ୍ବନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଛନ୍ତି। ତେବେ ପରେ ପିସିସି ସଭାପତି ସେମାନଙ୍କ ସହ ପ୍ରତିବାଦରେ ଯୋଗଦେଇ ଆସନ୍ତାକାଲି କଂଗ୍ରେସ ବିଧାୟକମାନେ ଗୃହ ବର୍ଜନ କରିବେ ବୋଲି କହିଥିଲେ। ଏପରିକି ଧାରଣାରେ ବସିଥିବା କଂଗ୍ରେସ ବିଧାୟକଙ୍କୁ ଉଠିଯିବାକୁ ଅନୁରୋଧ କରିଥିଲେ। ଆସନ୍ତାକାଲି କଂଗ୍ରେସ ଭବନରେ ଦଳର ବରିଷ୍ଠ ନେତାଙ୍କ ବୈଠକରେ ଭବିଷ୍ୟତ ରଣନୀତି ତିଆରି ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେହିପରି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ଓଡ଼ିଶା ଇତିହାସରେ ଏମିତି କେବେ ହୋଇନଥିଲା। ଶାସକ ଦଳ ଜୋରଜବରଦସ୍ତି ବିଧାନସଭା ଗୃହ ଚଳାଇଛନ୍ତି। ଜୟନାରାୟଣ ତାରାପ୍ରସାଦଙ୍କ କଲର ଧରି ବାଡ଼େଇଲେ। ଜୟନାରାୟଣ ରାଜ୍ୟ ସଙ୍ଗୀତକୁ ଅପମାନ ଦେଲେ। ଅଥଚ ସରକାର ଓ ବାଚସ୍ପତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ତାରା ବାହିନୀପତିଙ୍କୁ ନିଲମ୍ବନ କରିଛନ୍ତି। ଏହା ଗଣତନ୍ତ୍ର ପାଇଁ କଦାପି ସ୍ପୃହଣୀୟ ନୁହେଁ।

### ବିଷ ଇଞ୍ଜେକ୍‌ସନ...

ବାଇକ୍‌ରେ ଆସିଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣକ ହାତରେ ଇଞ୍ଜେକ୍ସନ ଥିଲା ଏବଂ ସେ ହଠାତ୍ ବିଜେପି ନେତାଙ୍କ ପେଟରେ ଇଞ୍ଜେକ୍ସନଟି ଲଗାଇ ଦେଇଥିଲେ। କିଛି ସମୟ ପାଇଁ ସେ ସେଠାରେ ଠିଆ ହୋଇଥିଲେ। ଏହାପରେ ପରିବାର ଲୋକେ ପହଞ୍ଚିଥିଲେ ହେଁ ଦୁଇ ଯୁବକ ସେଠାରୁ ପଳାଇଯାଇଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ ଜୁନାୱାରିର ସରକାରୀ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ପରେ ଆଲିଗଡ଼କୁ ନିଆଯାଉଥିବା ସମୟରେ ଶ୍ରୀ ଯାଦବଙ୍କ ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ ଯେ ୬୫ ବର୍ଷୀୟ ଯାଦବ ପ୍ରାୟ ତିନି ଦଶନ୍ଧି ଧରି ରାଜନୀତିରେ ସକ୍ରିୟ ଥିଲେ। ୨୦୦୪ରେ ଗୁନ୍ନୌର ବିଧାନସଭା ପାଇଁ ହୋଇଥିବା ଉପନିର୍ବାଚନରେ ସେ ସ୍ୱର୍ଗତଃ ଏସପି ନେତା ଓ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ବିରୋଧରେ ବିଜେପି ଟିକେଟରେ ଲଢ଼ିଥିଲେ ଓ ସେ ପଛୁଆ ବର୍ଗ କମିଶନର ସଦସ୍ୟ ମଧ୍ୟ ଥିଲେ।

### କିଏ ବାଛିବ...

ଦଲାଇ ଲାମା, ତେନଜିନ ଗ୍ୟାଟସୋ, ମାତ୍ର ଦୁଇ ବର୍ଷ ବୟସରେ ତାଙ୍କ ପୂର୍ବପୁରୁଷଙ୍କ ପୁନର୍ଜନ୍ମ ଭାବରେ ମୁକୁଟ ପିନ୍ଧାଯାଇଥିଲା। ତିବ୍ବତୀୟ ବୌଦ୍ଧ ପରମ୍ପରା ଅନୁଯାୟୀ, ଯେତେବେଳେ ଦଲାଇ ଲାମା ତାଙ୍କ ଶରୀର ତ୍ୟାଗ କରନ୍ତି, ତାଙ୍କର ନୂତନ ଅବତାର ଖୋଜାଯାଏ। ବୌଦ୍ଧ ଧର୍ମଗୁରୁମାନେ ବିଶେଷ ରୀତିନୀତି ମାଧ୍ୟମରେ ଜାଣିବାକୁ ଚେଷ୍ଟା କରନ୍ତି ଯେ କେଉଁ ପିଲା ପୂର୍ବ ଦଲାଇ ଲାମାଙ୍କୁ ପରବର୍ତ୍ତୀ ଦଲାଇ ଲାମା ଭାବରେ ପୁନର୍ଜନ୍ମ ଦେଇଛି। ସାଧାରଣତଃ ଏହି ଖୋଜା କେବଳ ତିବ୍ବତରେ ହୋଇଥାଏ, କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ, ଏଥର କଥାଟି ଭିନ୍ନ ମନେ ହେଉଛି।

ଚାଇନା ଅନେକ ଥର ସୂଚାଇ ଦେଇଛି ଯେ ସେ ନିଜେ ଦଲାଇ ଲାମାଙ୍କ ଉତ୍ତରାଧିକାରୀ ନିଯୁକ୍ତ କରିପାରେ। ବେଜିଂ ଦାବି କରୁଛି ଯେ ଦଲାଇ ଲାମାଙ୍କ ନିଯୁକ୍ତି ଏହାର ଅଧିକାର କ୍ଷେତ୍ର ମଧ୍ୟରେ ଆସେ ଏବଂ ନୂତନ ଉତ୍ତରାଧିକାରୀ ବାଛିବାରେ ଏହା ଭୂମିକା ଗ୍ରହଣ କରିବ। କିନ୍ତୁ ଚତୁର୍ଦ୍ଦଶ ଦଲାଇ ଲାମା ସ୍ପଷ୍ଟ କରିଛନ୍ତି ଯେ ଚୀନର ଏହି ଅଧିକାର ରହିବ ନାହିଁ ଏବଂ ନୂତନ ଦଲାଇ ଲାମା ଏକ ସ୍ୱାଧୀନ ଦେଶରେ ନିର୍ବାଚିତ ହେବେ। ଏହା ଚାଇନା ଏବଂ ତିବ୍ବତ ମଧ୍ୟରେ ବିବାଦର ଏକ ପ୍ରମୁଖ ପ୍ରସଙ୍ଗ।

ପ୍ରକୃତରେ, ୧୯୫୦ ମସିହାରେ କମ୍ୟୁନିଷ୍ଟ ଚାଇନା ତିବ୍ବତକୁ ଅଧିକାର କରିଥିଲା। ଐତିହାସିକ ପ୍ରମାଣ ବିପରୀତ ଚୀନ ଦାବି କରିଥିଲା ଯେ ତିବ୍ବତ ସର୍ବଦା ଚାଇନା ଅଧୀନରେ ଥିଲା। ୧୯୫୯ ମସିହାରେ ଚାଇନାର ପ୍ରବଳ ଚାପ ମଧ୍ୟରେ, ଦଲାଇ ଲାମା ଚାଇନା ଛାଡି ଭାରତ ପଳାଇ ଆସିଥିଲେ। ସେବେଠାରୁ ସେ ହିମାଚଳ ପ୍ରଦେଶର ଧର୍ମଶାଳାରେ ରହୁଛନ୍ତି।

ତିବ୍ବତୀୟ ଶରଣାର୍ଥୀଙ୍କ ପାଇଁ ଭାରତ ସବୁଠାରୁ ବଡ଼ କେନ୍ଦ୍ର ହୋଇଆସିଛି। ଏପରି ଅନୁମାନ କରାଯାଉଛି ଯେ ନୂତନ ଦଲାଇ ଲାମା ଭାରତରେ ଜନ୍ମିତ ଜଣେ ତିବ୍ବତୀୟ ବୌଦ୍ଧ ପୁଅ ହୋଇପାରନ୍ତି। ଯଦି ଏହା ହୁଏ, ତେବେ ଏହା ତିବ୍ବତ ସ୍ୱାଧୀନତା ଆନ୍ଦୋଳନ ପାଇଁ ଏକ ବଡ଼ ବାର୍ତ୍ତା ହେବ ଏବଂ ଚାଇନାର ପ୍ରଭାବକୁ ଦୁର୍ବଳ କରିବ। ୧୪ତମ ଦଲାଇ ଲାମାଙ୍କ ଅନୁସାରେ, ତାଙ୍କ ଉତ୍ତରାଧିକାରୀଙ୍କ ବିଷୟରେ ଜୁଲାଇ ମାସରେ ଆନୁଷ୍ଠାନିକ ଘୋଷଣା କରାଯାଇପାରେ। ତଥାପି, ଏହି ପ୍ରସଙ୍ଗରେ ଚାଇନାର ପ୍ରତିକ୍ରିୟା କ'ଣ ହେଉଛି ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।

### ଟ୍ରେନ୍ ହାଇଜାକ୍...

ରେଳଧାରଣାକୁ ଉଡ଼ାଇଯିବାରୁ ଟ୍ରେନ୍‌ଟି ବାଧ୍ୟ ହୋଇ ଅଟକିରହିଥିଲା। ଏହାପରେ ଉକ୍ତ ଟ୍ରେନ୍‌କୁ ଅଗମ୍ୟ ଅଞ୍ଚଳକୁ ନିଆଯାଇଥିବା ଅନୁମାନ କରାଯାଉଛି। ଏହି ଅପରେସନ୍‌କୁ ମଜିଦ ବ୍ରିଗେଡ୍, ଏସଟିଓଏସ୍ ଓ ବିଏଲର ସ୍ପେଶାଲ ୟୁନିଟ୍ ଫତେହ ସ୍କ୍ୱାଡ୍ ମିଳିତ ଭାବେ ବାସ୍ତବ ରୂପ ଦେଇଛନ୍ତି। ଏଥିସହ ପାକିସ୍ତାନୀ ସେନା, ପୁଲିସ, ଆଇଏସଆଇ ଓ ଏଟିଏଫର ଛୁଟିରେ ଥିବା ସମସ୍ତ କର୍ମଚାରୀଙ୍କୁ ବନ୍ଦୀ କରାଯାଇଛି। କିନ୍ତୁ ମହିଳା, ଶିଶୁ ଓ ବଲୁଚ୍ ଯାତ୍ରୀଙ୍କୁ ମୁକ୍ତ କରାଯାଇଥିବା ନେଇ ବିଏଲ୍‌ଏ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଟ୍ରେନ୍‌ଟି ପେଶୱାର୍‌ରୁ ବେଲୁଚିସ୍ତାନ ରାଜଧାନୀ କ୍ୱେଟା ଅଭିମୁଖେ ଯାତ୍ରା କରୁଥିଲା। ତେବେ ବିଏଲ୍‌ଏର ସଦସ୍ୟମାନେ ଟ୍ରେନ୍‌କୁ ଆଖିବୁଜା ଗୁଳି ମାଡ଼ କରିବା ସହ କ୍ୱେଟାଠାରୁ ପାଖାପାଖି ୧୦୦ କିମି ଦୂରବର୍ତ୍ତୀ ବୋଲାନ୍ ଜିଲ୍ଲା ଅଞ୍ଚଳରେ ଏହାକୁ ରୋକିବାରେ ସକ୍ଷମ ହୋଇଥିଲେ।

### ୧୦୩ କ୍ୱିଣ୍ଟାଲ୍...

ସୂଚନା ପାଇବା ପୁଲିସ୍ ସେସବୁ ସ୍ଥାନରେ ଚଢ଼ାଉ କରିଥିଲା। ସୂଚନାଯୋଗ୍ୟ ଯେ ରାଜ୍ୟରେ ବଢ଼ିଚାଲିଥିବା ଗଞ୍ଜେଇ ଚୋରାଚାଲାଣ ରୋକିବା ସକାଶେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶାନୁସାରେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ସେଠାକାର ଏସପିଙ୍କ ନେତୃତ୍ୱରେ ପୁଲିସ୍ ଚଢ଼ାଉ ଜାରି ରଖିଛି। କନ୍ଧମାଳ ଓ ଗଜପତି ଜିଲ୍ଲା ଏସପି ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ଗଞ୍ଜେଇ ଚାଷର ମୂଳୋତ୍ପାଟନ ନିମନ୍ତେ ପଦକ୍ଷେପ ନେବାକୁ ଡିଜିପି ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରଭାବିତ...

ଡିଏମକେ ନେତାଙ୍କୁ ଆଶ୍ୱାସନା ଦେଇଛନ୍ତି। କେନ୍ଦ୍ର ସରକାର ୨୦୨୯ ନିର୍ବାଚନକୁ ଦୃଷ୍ଟିରେ ରଖି ୨୦୨୬ରେ ନିଜସ୍ୱ ରାଜନୈତିକ ଇଚ୍ଛାଶକ୍ତିକୁ ଚରିତାର୍ଥ କରିବାକୁ ସୀମା ପୁନଃନିର୍ଦ୍ଧାରଣ କରୁଛନ୍ତି ବୋଲି ପ୍ରଭାବିତ ହେବାକୁ ଥିବା ରାଜ୍ୟମାନେ ଅଭିଯୋଗ କରିଆସିଛନ୍ତି। ଯେଉଁ ଆଧାରରେ ସୀମା ପୁନଃନିର୍ଦ୍ଧାରଣ କରାଯାଉଛି, ତା'ଦ୍ୱାରା ଓଡ଼ିଶା ମଧ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ତେଣୁ ଦେଶର ସବୁ ଗଣତାନ୍ତ୍ରିକ ଦଳ ଏକାଠି ହେବାକୁ ଷ୍ଟାଲିନ୍ ଆହ୍ୱାନ ଦେଇଛନ୍ତି।

ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଆନୁପାତିକ ଭାବେ ସାଂସଦ ଏବଂ ବିଧାନସଭାରେ ଓଡ଼ିଶା ଯେଉଁ ୱେଟେଜ୍ ପାଇବା କଥା ତାହା ମିଳିବ ନାହିଁ। ଓଡ଼ିଶାର ବାସ୍ତବରେ କ'ଣ କ୍ଷତି ହେବ ସେନେଇ ଭୁବନେଶ୍ୱରରେ ଖୁବଶୀଘ୍ର ଏକ ବୈଠକ ବସିବ। ଏନେଇ ବ୍ୟାପକ ଆଲୋଚନା ହେବ ବୋଲି ବିଜେଡି ନେତା ବୈଠକ ପରେ ସୂଚନା ଦେଇଛନ୍ତି। ନବୀନଙ୍କୁ ଭେଟିବା ପୂର୍ବରୁ ଡିଏମକେ ଟିମ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ମଧ୍ୟ ଭେଟି ସମର୍ଥନ ଲୋଡ଼ିଥିଲେ। ତେବେ କଂଗ୍ରେସର ରାଜନୈତିକ ଆଭିମୁଖ୍ୟ ନେଇ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେବ ବୋଲି ଭକ୍ତ କହିଛନ୍ତି।

### ବିଜେପି...

ନିଜ ସମ୍ପତ୍ତି ବଢ଼ାଇଲେ। ଯେଉଁମାନେ ବିଜେଡିକୁ ଆସିବା ପୂର୍ବରୁ ୮/୧୦ ହଜାର ଟଙ୍କାରେ ଚାକିରି କରୁଥିଲେ, ସେମାନେ ପରବର୍ତ୍ତୀ ସମୟରେ କୁବେର ପାଲଟିଗଲେ। ନବୀନଙ୍କୁ ମୋହରା କରି ଓଡ଼ିଶା ଲୋକଙ୍କୁ ଯେତେ ପ୍ରକାର ଲଣ୍ଠନ ଦେଖାଯାଇପାରିବ, ତାହା କଲେ।

ଏମାନଙ୍କ ଲଣ୍ଠନଦେଖାରୁ ମୁକ୍ତି ପାଇବା ପାଇଁ ଓଡ଼ିଶାବାସୀ ମୋହନ ଚରଣ ମାଝୀଙ୍କ ଭଳି ଜଣେ ସରଳ ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇଥିବା ବେଳେ ତାଙ୍କ ସରଳତାର ସୁଯୋଗ ଏବେ ବିଜେଡି ନେତାମାନେ ଉଠାଇବାରେ ଲାଗିଛନ୍ତି। ଯାହାର ଫଳସ୍ୱରୂପ ଏବେ ବିଜେଡି ସରକାର ଅମଳରେ ବହୁ କୁକର୍ମରେ ମାତିଥିବା ନେତା ବି ବିଧାନସଭାରେ ସରକାରଙ୍କୁ ଲଣ୍ଠନ ଦେଖାଇବାରେ ଲାଗିପଡ଼ିଛନ୍ତି। କିନ୍ତୁ ଓଡ଼ିଶାବାସୀ ସବୁକିଛି ଦେଖୁଛନ୍ତି। ଆଗରୁ ଭର୍ଚୁଆଲରେ ସରକାର ଚଳାଉଥିବା ନବୀନଙ୍କୁ ଦେଖିଥିଲେ। ଏବେ ଲୋକଙ୍କ ମେଳରେ ବୁଲୁଥିବା ମୋହନଙ୍କୁ ବି ଦେଖୁଛନ୍ତି। ମଉକା ଦେଖି ସେମାନେ ଏହି ଲଣ୍ଠନଧରା ନେତାଙ୍କୁ ଦିନେ ଲଣ୍ଠନ ଦେଖାଇବେ ବୋଲି ଖୋଦ ବିଜେଡି କର୍ମୀମାନେ କହୁଛନ୍ତି।

### ଯାହା କହିଛି...

ବନ୍ଦେ ଉତ୍କଳ ଜନନୀରେ କେବଳ ଉତ୍କଳର ପ୍ରଶଂସା କରାଯାଇଛି। ବନ୍ଦେ ଓଡ଼ିଶା ଜନନୀ କରନ୍ତୁ ମୋର କି ଆପତ୍ତି ନାହିଁ। ତିନୋଟି ଅଞ୍ଚଳ ମିଶାଇ ଓଡ଼ିଶା ପ୍ରଦେଶ କରିବେ କିନ୍ତୁ ଗୋଟେ ଅଞ୍ଚଳର ଜୟଗାନକୁ ଆପଣ ଗ୍ରହଣ କରିପାରୁଛନ୍ତି କି? ବିକାଶ ସବୁ ଦିଗରେ ପହଞ୍ଚିବା କଥା, ସବୁ ଅଞ୍ଚଳର ଭାଷା ସଂସ୍କୃତିକୁ ସମ୍ମାନ ଦେବାର ଅଛି। ବିଜେଡିର ପଶ୍ଚିମ ଓଡ଼ିଶାରେ ସ୍ଥିତି ନାହିଁ ବୋଲି ସେମାନେ ପ୍ରତିବାଦ କରୁଛନ୍ତି। ବିଜେଡ଼ି ପଶ୍ଚିମ ନୁହେଁ ଉପକୂଳ ଓଡ଼ିଶାରେ କ'ଣ ବିକାଶ କରିଛି ହିସାବ ଦେଉ। ମୁଁ ଚାହୁଁଛି, ୩୦ ଜିଲ୍ଲାକୁ ମିଶାଇ ଏମିତି ଗୋଟେ ସଙ୍ଗୀତ ଆସୁ। ରାଜା ସ୍ୱାଇଁ ସମ୍ବଲପୁର ଅଞ୍ଚଳର ବିରୋଧୀ, ସେ ଓଡ଼ିଶା ବିଭାଜନର ମୂଳ କର୍ତ୍ତା। ଯେଉଁମାନେ ରାଜ୍ୟ ବାହାରର ଲୋକଙ୍କ ଦ୍ୱାରା ପରିଚାଳିତ ସେମାନଙ୍କର ଏସବୁ କହିବାର କି ଅଧିକାର ଅଛି ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି।

# ସଙ୍ଗୀତାଙ୍କ ହାତ ଧରିବେ ପ୍ରଦୀପ



**ନବରଙ୍ଗପୁର, ୧୧।୩ (ସଂଚାର ବ୍ୟୁରୋ):** ନବରଙ୍ଗପୁରର ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ ବ୍ୟାଚଲର୍ ଲାଇଫକୁ ଅଲବିଦା କରିବାକୁ ଯାଉଛନ୍ତି । ସେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୧୨ ତାରିଖରେ ଗୋଆରେ ତାଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ପ୍ରଦୀପ ପ୍ରେମ ବିବାହ କରିବେ । ତାଙ୍କ ସାତ ଜନମର ସାଥୀ ହେବେ ଭୁବନେଶ୍ୱରର ପଲାଶୁଣୀର ଯୁବତୀ ସଙ୍ଗୀତା ସାହୁ। ଉଭୟଙ୍କ ମଧ୍ୟରେ ୪ ବର୍ଷ ଧରି ପ୍ରେମ ଥିଲା। ବିବାହକୁ ଦୁଇ ପରିବାର ପକ୍ଷରୁ ସ୍ୱୀକୃତି ମିଳିଛି। ସଙ୍ଗୀତା ଭୁବନେଶ୍ୱରରେ ଡିଜିଟାଲ ଷ୍ଟାର୍ଟଅପ୍ ଚଳାଉଥିବା ଜଣାପଡ଼ିଛି। ବିବାହକୁ ଅତ୍ୟନ୍ତ ଗୋପନରେ କରିବା ପାଇଁ ପ୍ରଦୀପ ଗୋଆକୁ ୱେଡିଂ ଡେଷ୍ଟିନେସନ୍ କରିଛନ୍ତି । ଏହି ବିବାହରେ ତାଙ୍କ ବାପା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ଭାଇ ପ୍ରସନ୍ନ ମାଝୀ, ଭଉଣୀ ଓ ଜ୍ୱାଇଁଙ୍କ ସମେତ ଖୁବ୍ କମ୍ ଲୋକ ଯୋଗଦେବେ। ନବରଙ୍ଗପୁର ଜିଲ୍ଲାର କିଛି ଲୋକ ଗୋଆ ଅଭିମୁଖେ ଯାତ୍ରା ପାଇଁ ପ୍ରସ୍ତୁତ ହେଉଛନ୍ତି। ବିବାହ ଉତ୍ସବରୁ ଫେରିବା ପରେ ପ୍ରଦୀପ ଜିଲ୍ଲାରେ ଭୋଜି ଆୟୋଜନ କରିବେ ବୋଲି ସୂଚନା ମିଳିଛି।

# ବ୍ଲାଷ୍ଟିଂରେ ଭାଙ୍ଗିଲା ୧୨ ଘର, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



**ବୋରିଗୁମ୍ମା, ୧୧।୩ (ସଂଚାର ବ୍ୟୁରୋ) :** ଭାରତ ମାଳା ପଥର ବ୍ଲାଷ୍ଟିଂ ବେଳେ ଅଘଟଣ। ପଥର ବ୍ଲାଷ୍ଟିଂ ରେ ୧୨ ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ଭାରତମାଳା ନିର୍ମାଣ କାର୍ଯ୍ୟ ଠିକା ସଂସ୍ଥାର ମନମାନି ଯୋଗୁଁ ହଇରାଣ ହେଉଛନ୍ତି ପାହାଡିଆ ଅଞ୍ଚଳରେ ରହୁଥିବା ଆଦିବାସୀ ଲୋକେ। ବେଣାଗାଁ ପଞ୍ଚାୟତ ସର୍ଗିଗୁଡା ଗ୍ରାମରୁ ମାତ୍ର ପଚାଶ ମିଟର ଦୂରରେ ରାୟପୁର ଭିଶାଖାପାଟଣା ଭାରତ ମାଳା ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ପାହାଡ଼ରୁ ପଥର ବ୍ଲାଷ୍ଟ କରାଯାଉଛି। ଯେଉଁଠି ପଥର ବ୍ଲାଷ୍ଟିଂ କରାଯାଉଛି ସେହି ପାଖରେ ଗାଁ ଲୋକେ ଘର କରି ବସବାସ କରୁଛନ୍ତି। ଗାଁରୁ ୫୦ ମିଟର ଦୂରରେ ପଥର ବ୍ଲାଷ୍ଟିଂ ପାଇଁ କିଏ ଅନୁମତି ଦେଲା ତାହା ଏବେ ପ୍ରଶ୍ନବାଚୀ। ଗତ ବିଳମ୍ବିତ ରାତିରେ ପଥର ବ୍ଲାଷ୍ଟିଂ ବେଳେ ପଥର ଖଣ୍ଡ ଏଣେ ତେଣେ ଛିଟିକି ପଡ଼ି ପାଖରେ ଥିବା ଗାଁ ଆଡକୁ ଆସି ଲୋକଙ୍କ ଘର ଉପରେ ପଡିଥିଲା ଫଳରେ ୧୨ ଜଣଙ୍କ ଘରର ଆଜବେଷ୍ଟ ଏବଂ ଛାତ ଭାଙ୍ଗିଯାଇଛି। ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ। ସେଥି ମଧ୍ୟରୁ ଗୋଟିଏ ଛେଳି ପଥର ମାଡ଼ରେ ଆହତ ହୋଇଛି। ଜନବସତି ପାଖରେ ପଥର ବ୍ଲାଷ୍ଟିଂ ଯୋଗୁଁ ଅନେକ ଲୋକଙ୍କ ଘରରେ ଫାଟ ସୃଷ୍ଟି ହୋଇଛି। ବ୍ଲାଷ୍ଟିଂ ଯୋଗୁଁ ଗାଁ ଲୋକେ ରାତିରେ ନିଦ ହେଉନଥିବା କହିଛନ୍ତି। ଖବର ପାଇ ବୋରିଗୁମ୍ମା ତହସିଲଦାର ସଭନ କୁମାର ବେହେରା ଘଟଣାସ୍ଥଳରେ ପହଂଚି ଅନୁଧ୍ୟାନ କରୁଛନ୍ତି।

# ଏନଏସି ବକେୟା ଟିକସ ପୈଠ ନକଲେ ଅନୁଦାନ ବନ୍ଦ !




**ନିମାପଡ଼ା, ୧୧।୩ (ସଂଚାର ବ୍ୟୁରୋ):** ପୌରାଞ୍ଚଳ ବାସୀଙ୍କ ଉପରେ ବର୍ଷ ବର୍ଷ ଧରି ବାକି ପଡିଥିବା ହୋଲଡିଙ୍ଗ ଟିକସ ମଧ୍ୟରୁ ଯଦି ପ୍ରାୟ ୪୫ ପ୍ରତିଶତ ଟିକସ ଏନଏସି କର୍ତ୍ତୃପକ୍ଷ ଆଦାୟ କରି ଚଳିତ ମାସ ଶେଷ ସୁଦ୍ଧା ପୈଠ ନକରନ୍ତି ତେବେ ଏନଏସି ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗୀୟ ଆର୍ଥିକ ଅନୁଦାନ ପାଇବ ନାହିଁ ବୋଲି ନଗର ଉନ୍ନୟନ ବିଭାଗ ଦେଇଥିବା ଚେତାବନୀକୁ କେନ୍ଦ୍ରକରି ଅଚଳାବସ୍ଥା ସୃଷ୍ଟି ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ନପାରିଲେ ଯଦି ଅନୁଦାନ ବନ୍ଦ ହୁଏ ତେବେ ବିକାଶରେ ବାଧା ଉପୁଜିବାର ସମ୍ଭାବନା ଥିବାରୁ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ଟିକସ ଆଦାୟ କରିବାରେ ଲାଗି ପଡିଥିବା ଦେଖିବାକୁ ମିଳୁଛି। ପ୍ରକାଶ ଥାଉ ଯେ ୧୧ ଟି ୱାର୍ଡ଼କୁ ନେଇ ଗଠିତ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ୩୮୦୦ ପରିବାର ବସବାସ କରୁଛନ୍ତି। ୨୭ ପ୍ରତିଶତ ପରିବାର ନିୟମିତ ଭାବେ ଟିକସ ଦେଇ ଆସୁଥିବା ବେଳେ ଏବାବଦରେ ପ୍ରାୟ ୭ଲକ୍ଷରୁ ଉର୍ଦ୍ଧ ଟଙ୍କା ଏନ ଏ ସି କୁ ମିଳେ।ମାତ୍ର ୨୦୦୯ରୁ ୨୦୨୫ ଦୀର୍ଘ ୧୬ ବର୍ଷ ଧରି ପ୍ରାକ୍ତନ କର୍ତ୍ତୃପକ୍ଷ ମାନଙ୍କ ଉଦାସିନତା ଯୋଗୁଁ ଅବଶିଷ୍ଟ ୭୩ ପ୍ରତିଶତ ପରିବାର ଓ ବ୍ୟବସାୟୀଙ୍କ ଉପରେ ଟିକସ ବାବଦରେ ପ୍ରାୟ ୬୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନାଦେୟ ପଡିରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧୪୦ ଜଣଙ୍କ ଉପରେ ପ୍ରାୟ ୪୦ ଲକ୍ଷ ଟଙ୍କା ଟିକସ ବାକି ପଡିଛି। ବିଶେଷ କରି ଏମାନଙ୍କ ମଧ୍ୟରୁ ଅଧିକାଂଶ ବହୁ ପ୍ରଭାବଶାଳି ଓ ପ୍ରତିପତ୍ତି ସମ୍ପନ୍ନ ପରିବାର ହୋଇଥିବାରୁ କର୍ତ୍ତୃପକ୍ଷ କୁଆଡ଼େ ଜାଣିଶୁଣି ନିରବ ରହୁଥିଲେ ବୋଲି କୁହାଯାଉଛି।ଜଣ ଜଣଙ୍କ ଉପରେ ପ୍ରାୟ ୪ଲକ୍ଷରୁ ଉର୍ଦ୍ଧ ଟଙ୍କା ବାକି ମଧ୍ୟ ପଡ଼ିଛି। ଯଦି ଟିକସ ଆଦାୟ ନ ହୋଇଛି ତେବେ ଆଇନ ଅନୁଯାୟୀ ସାର୍ଟିଫିକେଟ କେସ କାହିଁକି ହୋଇନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ସରକାର ପ୍ରଥମଥର ପାଇଁ ଏଦିଗରେ ପଦକ୍ଷେପ ନେଇଥିବାରୁ ବିଳମ୍ବରେ ହେଉ ପଛେ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଛି।

## ବିକାଶର ଅସଲ ଚିତ୍ର

# ରାସ୍ତା ନାହିଁ, ଆସିପାରିଲାନି ଆମ୍ବୁଲାନ୍ସ

## ଗର୍ଭବତୀଙ୍କୁ ନଦୀପାର କରାଇଲେ ଆଶାକର୍ମୀ ଓ ପରିବାର ଲୋକେ

**କାକଟପୁର/ଅସ୍ତରଙ୍ଗ, ୧୧।୩ (ସଂଚାର ବ୍ୟୁରୋ):** ପୁଣି ସାମ୍ନାକୁ ଆସିଲା ଜନନୀ ଯନ୍ତ୍ରଣାର କରୁଣ ଚିତ୍ର। ଗ୍ରାମକୁ ରାସ୍ତା ନଥିବାରୁ ପହଁଚି ପାରିଲା ନାହିଁ ଆମ୍ବୁଲାନ୍ସ। ଶେଷରେ କଷ୍ଟରେ ଜର୍ଜରିତ ହେଉଥିବା ଗର୍ଭବତୀ ମହିଳାଙ୍କୁ ଧରି ନାଳ ପାରି କରାଇଲେ ବନ୍ଧୁ ପରିଜନ ଓ ଆଶା କର୍ମୀ। ଏଭଳି କରୁଣ ଚିତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ପଂଚାୟତ ଅନ୍ତର୍ଗତ କାଳିଆନାଳ ନିକଟରେ। ଏପରି ଦୃଶ୍ୟ ଆସିବା ପରେ ରାଜ୍ୟରେ ବିକାଶ କେତେ ହୋଇଛି ତାହା ସ୍ପଷ୍ଟ ବାରିହୋଇଛି।

ଖବର ମୁତାବକ ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ପଂଚାୟତ ୫ନମ୍ବର ୱାର୍ଡର କବିନ୍ଦ୍ର କାଣ୍ଡିଙ୍କ ପତ୍ନୀ ଇତିଶ୍ରୀ ଭୋଇ ପ୍ରସବ ବେଦନାରେ ଛଟପଟ ହେଉଥିବା ବେଳେ ଶନିବାର ଦିନ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିଥିଲା ସତ କିନ୍ତୁ ଉକ୍ତ ଗ୍ରାମକୁ ପକ୍କା ରାସ୍ତା ନଥିବାରୁ କାଳିଆନାଳରେ ପାଣି ଥିବାରୁ ଆମ୍ବୁଲାନ୍ସ ଉକ୍ତ ସ୍ଥାନକୁ ପାରହୋଇ ପହଂଚି ପାରିଲାନାହିଁ। ଫଳରେ ମହିଳାଙ୍କ ପରିବାର ଲୋକେ ଓ ଆଶା କର୍ମୀ କବିତା ରଥ ପ୍ରସବ ବେଦନାରେ ଛଟପଟ ହେଉଥିବା ଗର୍ଭବତୀ ମହିଳାଙ୍କୁ କାଳିଆ ନାଳ ପାଣିରେ ପଶି ବିପଦପୂର୍ଣ୍ଣ ଭାବେ ବୋହି ନେଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ଏହା ପରେ ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ରାସ୍ତା ନଥିବାରୁ ଖରା ଦିନେ ନଦୀ ପାରହୋଇ ରୋଗୀଙ୍କୁ ଡାକ୍ତରଖାନା ନେବାକୁ ପଡୁଛି, ତେବେ ବର୍ଷା ଋତୁରେ ଏଠି ଲୋକେ କିପରି ସ୍ୱାସ୍ଥ୍ୟ ସେବା ପାଉଥିବେ ତାହା ବେଶ ଅନୁମେୟ କରି ହେଉଛି।

ତେବେ କେବଳ ଏହି ଦୁର୍ଦ୍ଦଶା ଆଜିର ନୁହେଁ, ଏମିତି ଅନେକ ଥର ଏମିତି ଚିତ୍ର ସାମ୍ନାକୁ ବିଭିନ୍ନ ସ୍ଥାନରୁ ଆସିଛି। ଏ ନେଇ ମାଣ୍ଡୁକି ପଂଚାୟତ ସରପଞ୍ଚ ଅସ୍ତରଙ୍ଗ ବ୍ଲକରେ ଏକ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ କିନ୍ତୁ ବ୍ଲକ ପ୍ରଶାସନ ସେତୁ ପାଇଁ ତତ୍ପରତା ପ୍ରକାଶ କରୁନଥିବା ସରପଞ୍ଚ ପ୍ରତିନିଧି ସୂଚନା ଦେଇଛନ୍ତି। ଖାଲି ଦେଖିବାକୁ ଅପେକ୍ଷା ଗ୍ରାମରେ କେବେ ହେଉଛି ପକ୍କା ରାସ୍ତା ଓ କେବେ ହାତ ପାହାନ୍ତାରେ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି ଗ୍ରାମବାସୀ।



# ସୋଆ ଆଇଏଏସ୍‌ର ବାର୍ଷିକ ଉତ୍ସବ 'ଅର୍ଣ୍ଣ-୨୦୨୫'

**ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ରେ ମଙ୍ଗଳବାର ଶିକ୍ଷାନୁଷ୍ଠାନର ଦୁଇ ଦିନିଆ ବାର୍ଷିକ ଉତ୍ସବ "ଅର୍ଣ୍ଣ-୨୦୨୫" ଆରମ୍ଭ ହୋଇଛି। ଏହି ବାର୍ଷିକ ଉତ୍ସବରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ସୋଆରେ କୃଷି ଶିକ୍ଷା ବ୍ୟବସ୍ଥାର ଅଭିନବ ପଦକ୍ଷେପ ଦ୍ୱାରା କୃଷି ମହାବିଦ୍ୟାଳୟ ଅନେକ ସଫଳତା ହାସଲ କରିପାରିଛି। ଶୃଙ୍ଖଳା, ସମୟାନୁବର୍ତିତା ଓ ଅଧ୍ୟବସାୟ ଗୁଣଗୁଡିକ ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କ ଠାରେ ରହିବା ଜରୁରୀ ବୋଲି ସେ କହିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୋଆର ସ୍ପନ୍‌ସର୍ଡ ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ କନ୍‌ସଲ୍‌ଟାନ୍ସି (ଏସ୍ଆର୍ଆଇସି)ର ଡିନ୍ ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଯୋଗ ଦେଇ କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସର୍ବଦା କିଛି ନୂଆ ଶିଖିବାର ଉତ୍କଣ୍ଠା ରହିବା ଜରୁରୀ ଯାହା ସେମାନଙ୍କୁ ଗବେଷଣା କ୍ଷେତ୍ରରେ ବେଶ ସାହାଯ୍ୟ କରିପାରିବ। କୃଷକମାନେ କୃଷିଭିତ୍ତିକ ବିଭିନ୍ନ ପ୍ରକାର ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସେମାନେ କିପରି କୃଷି ମହାବିଦ୍ୟାଳୟ ସହିତ ଜଡିତ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ସୋଆର ଛାତ୍ରମଙ୍ଗଳ




ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏକ ଛୋଟ ବୃକ୍ଷର ଉଦାହରଣ ଦେଇ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ବଢ଼ିବାର ଆହ୍ୱାନ ଦେଇଥିଲେ। ନିଜର ଓ ସମାଜ ପାଇଁ କିଛି କରିବାର ମନୋଭାବ ରଖିବା ଆବଶ୍ୟକ ଓ ଏଥି ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ପ୍ୟାଶନ୍‌କୁ ସଦାସର୍ବଦା ଅନୁସରଣ କରିବା, ତାକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରୟାସ କରିବା ଜରୁରୀ ବୋଲି ପ୍ରଫେସର ଦାସ କହିଥିଲେ।

ଏହି ଅବସରରେ କୃଷି ମହାବିଦ୍ୟାଳୟର ବାର୍ଷିକ ପୁସ୍ତିକା "ଅର୍ଣ୍ଣ-୨୦୨୫" ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ କ୍ରୀଡା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଲକ୍ଷପତି ଦିଦି କର୍ମଶାଳାରେ ବ୍ୟାପକ ଅବ୍ୟବସ୍ଥା

# ଠେଲାପେଲାରେ ୨ ମହିଳା ଆହତ

**ନୟାଗଡ଼, ୧୧।୩ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ନୟାଗଡ଼ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଉଦ୍ୟାନ ଅଧିକାରୀ ଲଳିତ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଜିଲ୍ଲା ପରିଷଦ ତଥା ଜିଲ୍ଲା ଜୀବିକା ମିଶନ ପକ୍ଷରୁ ଆୟୋଜିତ କର୍ମଶାଳାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ରାଉତ ନୟାଗଡ଼ ଜିଲ୍ଲା ଲକ୍ଷପତି ଟାର୍ଗେଟଠାରୁ ବହୁ ତଳେ ରହିଛେ ବୋଲି କହିଥିଲେ । ଆଜିର କର୍ମଶାଳାରେ ୩ ହଜାର ୫ ଶହରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ । କର୍ମଶାଳା ଶେଷ ହେବା ପରେ ଖାଦ୍ୟ ପାଇଁ ମହିଳାଙ୍କ ମଧ୍ୟରେ ଟଣାଓଟରା ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖାଯାଇଥିଲା । ବ୍ୟାପକ ଅବ୍ୟବସ୍ଥା ଏବଂ ବିପର୍ଯ୍ୟସ୍ତ ପରିଚାଳନା ପାଇଁ ଅନେକ ମହିଳା ଖାଦ୍ୟ ନପାଇ ଭୋକ ଉପାସରେ ଆଉଟପାଉଟ ହୋଇଥିଲେ। କିଛି ମହିଳାଙ୍କ ମଧ୍ୟରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇଥିଲା । ପାଣି ବୋତଲ ମାଡ଼ ମଧ୍ୟ ହୋଇଥିବା ଦେଖାଯାଇଥିଲା । ଜଣେ ମହିଳାଙ୍କ ଆଖିରେ ପାଣି ବୋତଲ ବାଜିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି ।

# 'ଆମ ସଂସ୍କୃତି ଆମ ଖେଳନା' କାର୍ଯ୍ୟକ୍ରମ



**ନୟାଗଡ଼, ୧୧।୩ (ସଂଚାର ବ୍ୟୁରୋ) :** ଧୀରେ ଧୀରେ ବିଲୁପ୍ତ ହୋଇଯାଉଥିବା ଆମ ସଂସ୍କୃତି ଓ ପରମ୍ପରା ଯଥା ଓଡ଼ିଆ ଘରର ଚାଲିଚଳଣୀ, ବେଶ ପୋଷାକ, ଖାଦ୍ୟପେୟ, ପିଠାପଣା ସହିତ ପର୍ବପର୍ବାଣୀ ଉପରେ ଛାତ୍ରଛାତ୍ରୀଙ୍କୁ ଧାରଣା ଦେବା ଓ ହାତତିଆରି କଣ୍ଢେଇ ବା ଖେଳନା, ଝୋଟି, କାଗଜର ଫୁଲ ସହିତ ଆକୃତି ଗଢ଼ିବା ଉପରେ ପିଲାଙ୍କ ମନରେ ଆଗ୍ରହ ଜାତ କରିବା ନିମନ୍ତେ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ତତ୍ତ୍ୱାବଧାନରେ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ୁଥିବା ଛାତ୍ରଛାତ୍ରୀମାନେ ରଙ୍ଗ ବେରଙ୍ଗର କାଗଜ ଓ କନା ତିଆରି ଫୁଲ, ଝାଲର, ତୈଳଚିତ୍ର ଇତ୍ୟାଦି ତିଆରିକରି ଆଣିଥିବା ବେଳେ ସେଗୁଡିକୁ ଆଜିର କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଥିଲେ । ପ୍ରତ୍ୟେକ ଶ୍ରେଣୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ଏକଶହରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଆସିଥିଲା । ସେଥିମଧ୍ୟରୁ ବିଭିନ୍ନ ବର୍ଗର ୧୨ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ହସ୍ତଶିଳ୍ପୀ କାରିଗର ସରୋଜିନୀ ପଲେଇ ଓ ବାସନ୍ତୀ ପଲେଇ ଯୋଗଦେଇ ପିଲାମାନଙ୍କୁ କନା ସାହାଯ୍ୟରେ ବିଭିନ୍ନ ଜୀବଜନ୍ତୁ ନିର୍ମାଣ ଓ କୌଶଳ ଉପରେ ଶିକ୍ଷା ଦେଇଥିଲେ। ଓଡ଼ିଆ ଘରର ପର୍ବପର୍ବାଣି, ପିଠାପଣା ଓ ପରମ୍ପରାରେ ଉପରେ ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ପ୍ରବାସିନୀ ମିଶ୍ର ପିଲାଙ୍କୁ ଧାରଣା ଦେଇଥିଲେ ।

# ଶାନ୍ତିବଟ ଗୁରୁକୁଳ ଆଶ୍ରମରେ ଯଜ୍ଞ ମହୋତ୍ସବ ଓ ରାଜ୍ୟସ୍ତରୀୟ ସାହିତ୍ୟ ଆସର

**କୋଣାର୍କ, ୧୧।୩ (ସଂଚାର ବ୍ୟୁରୋ):** କୋଣାର୍କ ସନ୍ନିକଟ ସଂସ୍କୃତି ସମ୍ପନ୍ନ ପଲ୍ଲି ବାମରାର ଶାନ୍ତିବଟ ଗୁରୁକୁଳ ଆଶ୍ରମ ଅଧିଷ୍ଠିତ ଦେବତା ପ୍ରଭୁ ସତ୍ୟନାରାୟଣଙ୍କ ପୀଠରେ ଆଶ୍ରମ ଓ ସତ୍ୟନାରାୟଣ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଗାୟକ ଓ କବି ମଂଗରାଜ ବିଶ୍ୱାଳଙ୍କ ସଂଯୋଜନାରେ ତ୍ରିଦିବସୀୟ ଦଶମ ବାର୍ଷିକ ମହୋତ୍ସବ ଓ ମହାଯଜ୍ଞ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଯାଜ୍ଞିକ ପୁରୋଧା ମାନଙ୍କର ମନ୍ତ୍ର ଧ୍ୱନିରେ ଯଜ୍ଞ ପରିସର ପବିତ୍ରମୟ ହୋଇ ଉଠିଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ନୃତ୍ୟ, ଗୀତ, ପ୍ରବଚନ, ନାମଯଜ୍ଞ, ସଂକୀର୍ତ୍ତନ ପ୍ରଭୃତି ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ, କବିତା ଆସର କାର୍ଯ୍ୟକ୍ରମ ଅଖଣ୍ଡ ପୁରୀଜିଲ୍ଲା ପାଲା ଗାୟକ ପରିଷଦ ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

# ନବରଙ୍ଗପୁରରେ ଜିଲ୍ଲାସ୍ତରୀୟ କର୍ମଶାଳା 'ଲକ୍ଷପତି ଦିଦି'

**ନବରଙ୍ଗପୁର, ୧୧।୩ (ସଂଚାର ବ୍ୟୁରୋ):** ଗ୍ରାମୀଣ ମହିଳାମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ଏବଂ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା ,ବିଭିନ୍ନ ଜୀବିକା ଉପରେ କୌଶଳ ବୃଦ୍ଧି ସହ ମହିଳା ସଶକ୍ତିକରଣ ପାଇଁ 'ଲକ୍ଷପତି ଦିଦି' ସୃଷ୍ଟି କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ମହତ ଯୋଜନା ଓ ଅଭିଯାନ ଆରମ୍ଭ ହୋଇଯାଇଅଛି। ଏହି ପରିପେକ୍ଷୀରେ ଆଜି ସ୍ଥାନୀୟ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ ଠାରେ ଓଡିଶା ଜୀବିକା ମିଶନ ସୌଜନ୍ୟତାରେ ଜିଲ୍ଲାସ୍ତରୀୟ କର୍ମଶାଳା ଲକ୍ଷପତି ଦିଦି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ରୂପେ ଏହି କର୍ମଶାଳାରେ ଯୋଗ ଦେଇ ନିଜ ପରିବାରର ଆର୍ଥିକ ଅଭିବୃଦ୍ଧି ପାଇଁ ପରିଶ୍ରମ କରିଥିବା ଏବଂ ସମାଜରେ ନିଜେ ଜଣେ ମହିଳା ଉଦ୍ୟୋଗୀ ଭାବେ ପରିଚୟ ସୃଷ୍ଟି କରି ଲକ୍ଷ ପତି ଦିଦି ମାନଙ୍କୁ ଦୃଢ଼ ମନୋବଳ ଥିବା ମହିଳା ସଶକ୍ତିକରଣର ଏକ ଏକ ଉଦାହରଣ ବୋଲି ସ୍ୱାଗତ ଜଣାଇବା ସହ ପ୍ରୋତ୍ସାହନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଯଦୁମଣି ନାୟକ,ଡି ପି ଏମ (ଓ ଏଲ ଏମ)ସସ୍ମିତା ସାମନ୍ତରାୟ ମଞ୍ଚାସିନ ଥିଲେ।




# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଗଣିତ ବିଭାଗର ପାଠଚକ୍ର



**ନାଉଗାଁ, ୧୧।୩ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଗଣିତ ବିଭାଗରେ ଗଣିତ ଓ ଏହାର ପ୍ରୟୋଗ ସମ୍ବନ୍ଧରେ ଏକ ପାଠଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଧ୍ୟାପକ ଜ୍ୟୋତିପ୍ରକାଶ ଲେଙ୍କା ଏହି ପାଠଚକ୍ରଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ପାଠଚକ୍ରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଫେସର ସୁସୋମିତା ମହନ୍ତ ଯୋଗ ଦେଇ ଗଣିତ ଓ ଏହାର ପ୍ରୟୋଗ ବିଷୟରେ ବିଶଦ ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ଡଃ ସୁରେଶ କୁମାର ବାରିକ, ଅଧ୍ୟାପକ ନିକୁଞ୍ଜ ରଞ୍ଜନ ଦାଶ, ସତ୍ୟରଞ୍ଜନ ସାମଲ, ରମେଶ ଚନ୍ଦ୍ର ମହାନନ୍ଦ ପ୍ରଭୃତି ଯୋଗ ଦେଇ ପାଠଚକ୍ର ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ପାଠଚକ୍ରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

## ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ଜୋରଦାର ଚଢ଼ାଉ

# ୩ ଟ୍ରାକ୍ଟର ଜବତ ; ୨ ଗିରଫ, ଜଣେ ଫେରାର





**କାକଟପୁର/ଅସ୍ତରଙ୍ଗ, ୧୧।୩ (ସଂଚାର ବ୍ୟୁରୋ):** ଦେବୀ ନଦୀ ପାର୍ଶ୍ୱ ତାଳଦା ନିକଟରେ ଦିନରାତି ଚୋରା ବାଲି ଚାଲାଣ ଚାଲୁଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ପେଟ୍ରୋଲିଙ୍ଗ ସମୟରେ ୩ଟି ଟ୍ରାକ୍ଟର ଗାଡି ଜବତ କରିଛି ଅସ୍ତରଙ୍ଗ ଥାନା ପୁଲିସ। ବାଲି ଚାଲାଣ ଗାଡ଼ିକୁ କାଗଜପତ୍ର ଯାଞ୍ଚ ପାଇଁ ଗାଡିକୁ ଜବତ କରି ଅସ୍ତରଙ୍ଗ ପୁଲିସ ଥାନାରେ ଅଟକ ରଖିଛି। ଜରିମାନା ପୈଠ ନ କଲେ ଗାଡିକୁ ଅଦାଲତ ଚାଲାଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

ଏଠାରେ ସୂଚନା ଯୋଗ୍ୟ କିଛି ଦିନ ହେବ ଦେବୀ ନଦୀ ପାର୍ଶ୍ୱ ଅସ୍ତରଙ୍ଗ ତହସିଲି ଅଧୀନ ତାଳଦା ନିକଟରୁ କିଛି ବାଲିମାଫିଆ ବେଆଇନ ଭାବେ ରାତି ହେଉ କି ଦିନ ପ୍ରଶାସନ ଆଖିରେ ଧୂଳି ଦେଇ ଟ୍ରକ, ହାଇୱା, ଟ୍ରାକ୍ଟର ମାଧ୍ୟମରେ ବାଲି ଚାଲାଣ କରୁଛନ୍ତି। ଯାହାକି ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ବ୍ୟାପକ ଭାବରେ ବାଲି ଲଘୁଖଣିଜ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ପୁଲିସ ୩ଟି ବେଆଇନି ବାଲି ଚାଲାଣ କରୁଥିବା ଟ୍ରାକ୍ଟରକୁ ଜବତ କରିବା ସହ ମଙ୍ଗଳବାର ଅପରାହ୍ନରେ ଚାଳକ ବିକ୍ରମ ସାହୁ (୨୮)ଓ ଶିଖି ବାବୁଲା (୫୫) ଙ୍କୁ ଅଦାଲତ ଚାଲାଣ କରିଥିବା ବେଳେ ଥାନା କେଶ ନମ୍ବର ୩୮/୨୫, ୩୯/୨୫ଓ ୪୦/୨୫ ମାମଲା ରୁଜୁ କରିଛି ପୁଲିସ।

# ବାଲି ବୋଝେଇ ହାଇୱା ଜବତ, ଜେଲଗଲେ ମାଲିକ ଓ ଚାଳକ

**ବାଲିଅନ୍ତା, ୧୧।୩ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ବେଆଇନ ବାଲି ଚାଲାଣ ମାମଲାରେ ହାଇୱା ମାଲିକ ସମେତ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଉକ୍ତ ଥାନା ଅଧୀନ ସ୍ଥାନୀୟ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ଅଲାରପୁର ଗ୍ରାମର ପ୍ରକାଶ ଚନ୍ଦ୍ର ଦାଶ ( ୫୨ ) ଓରଫ ନିଲୁ ଏବଂ ଅରିଙ୍ଗୋଳ ଗ୍ରାମର ନିରଞ୍ଜନ ମଲ୍ଲିକ ଓରଫ ଡାଙ୍ଗୁ (୩୨)। ସୂଚନା ଯୋଗ୍ୟ ଯେ, ବାଲିଅନ୍ତା ପୁଲିସ ଟିମ ଗତକାଲି ବିଳମ୍ବିତ ରାତିରେ ନାଇଟ୍ ପାଟ୍ରୋଲିଂ କରୁଥିବା ବେଳେ ରାତି ସାଢେ ୧ଟା ବେଳେ ଦ୍ରୁତ ବେଗରେ ଆସୁଥିବା ହାଇୱା ଟ୍ରକକୁ ରଙ୍ଗ ବଜାର ଛକରୁ ପିଛା କରି ବ୍ଲକିଂ ପୋଷ୍ଟ ନିକଟରେ ଅଟକାଇଥିଲେ। ଟ୍ରକ ଡ୍ରାଇଭରକୁ ପଚରା ଉଚରା କରିବାରୁ ସେ ବାଲି ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ପାରିନଥିଲା। ହାଇୱା ମାଲିକ ପ୍ରକାଶ ଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶରେ ସେ କୁଶଭଦ୍ରାରୁ ନଦୀ ବାଲି ଚାଲାଣ କରୁଥିବା ଦର୍ଶାଇଥିଲେ । ଅଭିଯୁକ୍ତ ପ୍ରକାଶ ଏବଂ ନିରଞ୍ଜନ ଦୁହେଁ ବେଆଇନ ଭାବରେ ନଦୀ ବାଲି ଚାଲାଣ କରୁଥିବାରୁ ପୁଲିସ ଟିମ ବାଲି ବୋଝେଇ ହାଇୱାଟିକୁ ଜବତ କରିବା ସହିତ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# 'ଲେକ୍ସ ଇନ୍‌ଟେଲେକ୍ଟା-୨୦୨୫'ରେ ରେଭେନ୍ସା ଶ୍ରେଷ୍ଠ



**ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍ଏନ୍ଆଇଏଲ୍)ରେ ଶନିବାର ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତା 'ଲେକ୍ସ ଇନ୍‌ଟେଲେକ୍ଟା-୨୦୨୫' ଆୟୋଜିତ ହୋଇଯାଇଛି। ଏଥିରେ କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୁଇଟି ଦଳ ଯଥାକ୍ରମେ ୧ମ ଓ ୩ୟ ସ୍ଥାନ ଅଧିକାର କରିଛନ୍ତି। ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଦଳ ଏହି ପ୍ରତିଯୋଗିତାରେ ୨ୟ ସ୍ଥାନ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୨୨ଟି ଦଳ ଭାଗ ନେଇଥିଲେ। ଏହି କୁଇଜକୁ ବେଙ୍ଗାଲୁରୁରେ ବ୍ୟାଙ୍କ ବଜାରରେ ସିନିୟର ଏଡିଟର ଭାବରେ ଅବସ୍ଥାପିତ ସାତ୍ୱିକ ରାଉତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଉଦଯାପନ ଉତ୍ସବରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ପ୍ରକାର ପ୍ରତିଯୋଗିତାର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିବା ସହ କୃତିତ୍ୱ ଅର୍ଜନ କରିଥିବା ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଦିନ ବିଶ୍ୱ ମହିଳା ଦିବସ ପାଳିତ ହେଉଥିବାରୁ ମହିଳାମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ଜ୍ଞାପନ କରାଯାଇଥିଲା।

# ବିପିଏନଏସଆଇର ଦିନିକିଆ କର୍ମଶାଳା



**ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନଏସଆଇ) ପକ୍ଷରୁ ବୃତ୍ତିଗତ ପ୍ରାକ୍-କାର୍ଯ୍ୟକ୍ରମ ଢେଙ୍କାନାଳ ରୁଙ୍ଗଟା ମାଇନ୍ସ କାରଖାନାର ପାଲେଟ କନଫରେନ୍ସ ହଲରେ ଏକ ଦିନିକିଆ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆଜି ଅନୁଷ୍ଠିତ ହୋଇଛି। ରୁଙ୍ଗଟା ମାଇନ୍ସ ଲିମିଟେଡ୍ର ଉପାଧ୍ୟକ୍ଷ ଦେବବ୍ରତ ମିଶ୍ର କର୍ମଶାଳାକୁ ଉଦଘାଟନ କରିଥିଲେ। ଜିଏମ (ଏଚ୍ଆର) କୁମାର ପୁଷ୍ପେଶ ରଞ୍ଜନ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ସହକାରୀ ପ୍ରଫେସର, ଆଇଆଇଟି, ଭୁବନେଶ୍ୱର ପ୍ରଫେସର ଡ. ରମାକୃଷ୍ଣ ସାବତ ତାପ ଚିକିତ୍ସା ଏବଂ ଧାତୁ କାର୍ଯ୍ୟ(ରୋଲିଂ) ଏବଂ ଇଣ୍ଡକ୍ସନ୍ ଫର୍ଣ୍ଣେସ୍ ଏବଂ ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍ ଉପରେ ଇସ୍ପାତ ତରଳାଇବା ଉପରେ ଉପସ୍ଥାପନ କରିଥିଲେ। ବିପିଏନଏସଆଇରୁ ଶାଶ୍ୱତୀ ମହାନ୍ତି ଡିଆରଆଇ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ବିପିଏନଏସଆଇରୁ ସତ୍ୟପ୍ରିୟ ଶତପଥୀ 'ଡିଆରଆଇ ପ୍ରକ୍ରିୟା ଉପରେ ଶକ୍ତି ଦକ୍ଷ ପ୍ରଯୁକ୍ତିବିଦ୍ୟା' ଉପରେ ବକ୍ତବ୍ୟ ରଖିଥିଲେ। ଅଧିବେଶନର ଶେଷ ପର୍ଯ୍ୟାୟରେ ଜିଏମ (ଏଚ୍ଆର) ଶ୍ରୀ ରଞ୍ଜନ ଧନ୍ୟବାଦ ଦେବା ସହ ଅଭିଜ୍ଞ ବୃତ୍ତିଗତ ଓ ପରିଚାଳକଙ୍କ ଅଂଶଗ୍ରହଣକାରୀଙ୍କ ସହ ଜ୍ଞାନ ପ୍ରଦାନକୁ ପ୍ରଶଂସା କରିବା ସହ ଭବିଷ୍ୟତ କାର୍ଯ୍ୟପ୍ରଣାଳୀରେ ଏହା ସହାୟକ ହେବ ବୋଲି କହିଥିଲେ।

# ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



**ନବରଙ୍ଗପୁର,୧୧।୩(ସଂଚାର ବ୍ୟୁରୋ):** ଆଜି ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ତପନ କୁମାର ଖୁଣ୍ଟିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି, ଶ୍ରୀ ଖୁଣ୍ଟିଆ ଏହା ପୂର୍ବରୁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସମ୍ବଲପୁର ଠାରେ କାର୍ଯ୍ୟରତ ଥିଲେ। ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖୁଣ୍ଟିଆ କାର୍ଯ୍ୟରେ ଯୋଗଦେବା ପରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଧିକାରୀଙ୍କ ସହଯୋଗ କାମନା କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନାକୁ ଜନସାଧାରଣ ପାଖକୁ ପହଁଞ୍ଚିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ସମସ୍ତ ପଦାକାରୀ କର୍ମଚାରୀ ଶ୍ରୀ ଖୁଣ୍ଟିଆଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

**ନିଶା କବଳରେ ଟ୍ୱିନ୍ ସିଟି**

# ୩ ବର୍ଷରେ ୭ କିଲୋ ବ୍ରାଉନ୍‌ସୁଗର ଜବତ



ଭୁବନେଶ୍ୱର,୧୧।୩ (ସଂଚାର ବ୍ୟୁରୋ): ଟ୍ୱିନ୍ ସିଟିର କଳେବର ଦିନକୁ ଦିନ ବଢ଼ୁଥିବା ବେଳେ ଏଥିସହ ତାଳ ଦେଇ ବଢ଼ିଚାଲିଛି ନିଶା କାରବାର। ପାନ, ବିଡ଼ି, ସିଗାରେଟ୍ ଭଳି ତମାଖୁ ଜାତୀୟ ପଦାର୍ଥ ହେଉ କିମ୍ବା ମଦ, କଫ୍ ସିରଫ ଅବା ବ୍ରାଉନସୁଗର ନିଶାଡ଼ିଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ଼ିଛି। ଯେତେବେଳେ ଯାହା ନିଶା ମିଳୁଛି, ତାକୁ ସେବନ କରି ଟ୍ୱିନ୍ ସିଟି ବାସିନ୍ଦା ମତୁଆଲା ହେଉଛନ୍ତି। ଗତ ୩ ବର୍ଷ ମଧ୍ୟରେ ଭୁବନେଶ୍ୱର ଓ କଟକର ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ାଉରେ ୭ କିଲୋ ୭୬୩ ଗ୍ରାମ ବ୍ରାଉନ୍‌ସୁଗର୍ ଜବତ ହୋଇଛି। ଗତ ୨୦୨୧ ଅଗଷ୍ଟରୁ ୨୦୨୪ ଏପ୍ରିଲ୍ ମଧ୍ୟରେ ୩୯ କ୍ୱିଣ୍ଟାଲ ୪୨ କେଲୋ ଗଞ୍ଜେଇ ଓ ୧୬୮ ଲିଟର କଫ୍‌ସିରଫ ଜବତ କରାଯାଇଛି। ଏନେଇ ୩୫୯ଟି ମାମଲା ରୁଜୁ କରାଯିବା ସହ ବ୍ୟବସାୟ କରୁଥିବା ଅଭିଯୋଗରେ ୭୨୭ ଜଣଙ୍କୁ ଗିରଫ କରାଯାଇଛି। ଆହୁରି ସେମାନଙ୍କଠାରୁ ୨୯ ଲକ୍ଷ ୬୫ ହଜାର ୩୯୯ ଟଙ୍କାର ନଗଦ ମଧ୍ୟ ଜବତ ହୋଇଛି ବୋଲି ଆଜି ବିଧାନସଭାରେ ସୂଚନା ଦିଆଯାଇଛି। ସରକାରଙ୍କ ପକ୍ଷରୁ ନିଶା ବେପାରୀଙ୍କୁ କାବୁ କରିବା ସକାଶେ ଆରମ୍ଭ ହୋଇଥିବା ଅପରେସନ 'ହ୍ୱାଇଟ୍ ସ୍ପାଇଡର' ସମ୍ପର୍କରେ ସୂଚନା ଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନାନୁସାରେ, ଉପରୋକ୍ତ ସମୟ ମଧ୍ୟରେ କଟକରୁ ୫ କିଲୋରୁ ଅଧିକ ଓଜନର ବ୍ରାଉନସୁଗର ଜବତ କରାଯାଇଛି। ଏହାଛଡ଼ା ଏଠାରୁ ୧୩ କ୍ୱିଣ୍ଟାଲ୍ ୨୭ କିଲୋ ଗଞ୍ଜେଇ ସହ ୩୭୪୬ ବୋତଲ କଫସିରପ୍ ଜବତ ହୋଇଛି। ନିଶା କାରବାର ଉପରେ ରୋକ ଲଗାଇବା ସହ ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗତ ୨୦୨୧ରେ କମିଶନରେଟ୍ ପୁଲିସ୍ ଆକ୍ସନ ମୋଡ୍‌କୁ ଆସିଥିଲା। ଏହି ଅନୁସାରେ ୨୦୨୧ ଅଗଷ୍ଟ ୧୬ ତାରିଖରେ ପୁଲିସ ପକ୍ଷରୁ ଅପରେସନ୍ 'ହ୍ୱାଇଟ୍ ସ୍ପାଇଡର' ଆରମ୍ଭ କରାଯାଇଥିଲା। ଏପରିକି ଟ୍ୱିନ୍ ସିଟି ବାସିନ୍ଦା ନିଶା କାରବାର ଓ ମାଫିଆଙ୍କ ସମ୍ପର୍କରେ ସୂଚନା ଦେବା ସକାଶେ ଏକ ହ୍ୱାଟସ୍‌ଆପ୍ ନମ୍ବର (୭୦୭୭୭ ୯୮୧୧୧) ମଧ୍ୟ ଜାରି କରାଯାଇଥିଲା। ତୃଣମୂଳ ସ୍ତରରେ ତଥ୍ୟ ସଂଗ୍ରହ ସହ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବାକୁ ସ୍ପେଶାଲ ସ୍କ୍ୱାଡ୍ ଓ କୁଇକ୍ ଆକ୍ସନ୍ ଟିମ (କ୍ୟୁଏଟି)କୁ ସକ୍ରିୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଭଡ଼ାଘରୁ ମୃତଦେହ ଉଦ୍ଧାର ମାମଲା**

## ସ୍ୱାମୀହନ୍ତା ପତ୍ନୀ ଗିରଫ

ପାରଳାଖେମୁଣ୍ଡି,୧୧।୩ (ସଂଚାର ବ୍ୟୁରୋ): ଗତ ସପ୍ତାହରେ ସ୍ୱାମୀଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିବା ସ୍ତ୍ରୀ ହାରି ରଇତଙ୍କୁ ଆଜି ପାରଳାଖେମୁଣ୍ଡି ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ଏଥିସହ ପୁଲିସ୍ ଅଭିଯୁକ୍ତଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିବା ସହ ସେଠାରେ ସିନ୍ ରିକ୍ରିଏସନ କରାଯାଇଥିବା ଜଣାପଡ଼ିଛି। ଗତ ୮ ତାରିଖରେ ନଗରମପଲ୍ଲି ସାହିରେ ଏକ ଭଡ଼ା ଘରେ ସ୍ୱାମୀ ଜଗଦୀଶଙ୍କ ତଣ୍ଟି କାଟି ହତ୍ୟା ପରେ ହାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

**ପୁଲିସ୍‌ର ସ୍ୱତନ୍ତ୍ର ଅଭିଯାନ**

## ୫୨୪ ଗାଡ଼ି ଜବତ, ୩୬୦ ଗିରଫ

ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ରାଜ୍ୟରେ ଖଣି ଲଘୁଜ ପଦାର୍ଥର ବ୍ୟାପକ ଚୋରା ଚାଲାଣ ହେଉଥିବା ବେଳେ ଏହାକୁ ରୋକିବା ସକାଶେ ଡିଜିପି ୱାଇବି ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ୭ ତାରିଖଠାରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଶାସନ, ଖଣି ବିଭାଗ ଓ ପୁଲିସ ବିଭାଗର ମିଳିତ ଚଢ଼ାଉରେ ବେଆଇନ ଚାଲାଣରେ ଲିପ୍ତଥିବା ୫୨୪ଟି ଗାଡ଼ିକୁ ଜବତ କରାଯାଇଛି। ସେହିପରି ଏହି ଚାଲାଣରେ ମାତିଥିବା ୩୬୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪୫୬ଟି ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନାନୁସାରେ, ଆଜି ବାଲି, ମୋରମ ଏବଂ ମାଙ୍କଡ଼ା ପଥର ମାଫିଆଙ୍କ ଚୋରା ଚାଲାଣକୁ ରୋକିବା ସକାଶେ ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ାଉରେ ବାଲି ବୋଝେଇ ଟ୍ରାକ୍ଟର, ଟିପ୍ପର୍ ଓ ହାଇୱା ଗାଡ଼ି ଜବତ କରାଯାଇଛି। ସେହିପରି ଶତାଧିକ ଲୋକଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଡିଜିପି ଶ୍ରୀ ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଏହିପରି ଧରପଗଡ଼ ଅଭିଯାନ ଜାରି ରହିବ। ସେହିପରି କୌଣସି ସାଧାରଣ ବ୍ୟକ୍ତିବିଶେଷ ସେମାନଙ୍କ ଅଞ୍ଚଳରେ ବାଲି, ମୋରମ କିମ୍ବା ଅନ୍ୟାନ୍ୟ କୌଣସି ଖଣି ଲଘୁଜ ପଦାର୍ଥ ଚୋରି ହେଉଥିବା ସମ୍ପର୍କରେ ସୂଚନା ଦେଇପାରିବେ। ପୁଲିସ୍ ନିଶ୍ଚିତ ଭାବେ ସେମାନଙ୍କ ଅଞ୍ଚଳରେ ଚଢ଼ାଉ କରିବା ସହ ପରିଚୟ ମଧ୍ୟ ଗୋପନ ରଖିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ଏପରି କ୍ରମାଗତ ଚଢ଼ାଉ ଜାରି ରହିଲେ ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡ଼ା ପଥର ମାଫିଆଙ୍କ ଦୌରାତ୍ମ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ ବୋଲି ଡିଜିପି କହିଛନ୍ତି।

## ସାରଦାଙ୍କ ସ୍ୱୀକାରୋକ୍ତି, ବିଜେଡି ସହ ଜଡ଼ିତ ଅଛନ୍ତି ପାଣ୍ଡିଆନ୍



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ଗତ ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରିପ୍ରେକ୍ଷୀରେ ରାଜନୀତିରୁ ସନ୍ନ୍ୟାସ ନେଇଥିବା ଭିକେ ପାଣ୍ଡିଆନ୍ ଏବେ ବି ବିଜେଡି ସହ ଜଡ଼ିତ ଅଛନ୍ତି। ଏହା ଅନ୍ୟ କେହି ନୁହଁନ୍ତି, ବରଂ ଖୋଦ୍ ବିଜେଡିର ବାଲୁକଦା-ଏରସମା ବିଧାୟକ ସାରଦା ଜେନା କହିଛନ୍ତି। ସାରଦା କହିଛନ୍ତି ଯେ ପାଣ୍ଡିଆନ ବାବୁ ନିଶ୍ଚିତ ଭାବେ ଆମ ଦଳ ସାଙ୍ଗରେ ଅଛନ୍ତି। ଆମ ସରକାରରେ ମଧ୍ୟ ଥିଲେ। ଦଳ ପାଇଁ ବହୁତ କାମ କରିଛନ୍ତି। ପାଣ୍ଡିଆନଙ୍କର ଏବେ ବି କ୍ରେଜ ଅଛି, ଯେଉଁଥିପାଇଁ ତାଙ୍କ ସହ ସମସ୍ତେ ଫଟୋ ଉଠାଇବାକୁ ଆଗ୍ରହ ଦେଖାଉଛନ୍ତି। କେବଳ ବିଜେଡି ନେତା ନୁହଁନ୍ତି, ଅନ୍ୟ ଦଳର ନେତା ମଧ୍ୟ ତାଙ୍କ ସହ ଫଟୋ ଉଠାଉଛନ୍ତି। କିନ୍ତୁ ସେ ଫଟୋ ବାହାରକୁ ଆସୁନି କି କେହି ଜାଣିପାରୁନାହାନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

ସେହିପରି ଦଳର ବିପର୍ଯ୍ୟୟ ପାଇଁ ପାଣ୍ଡିଆନଙ୍କୁ ଦାୟୀ କରାଯାଉଥିବା ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ବିପର୍ଯ୍ୟୟ ପାଇଁ ଜଣଙ୍କୁ କାହିଁକି ଦାୟୀ କରିବା। ଏହା ଗୋଟିଏ ଟିମର ଦାୟିତ୍ୱ ଥିଲା। ଏଥିସହ ପାଣ୍ଡିଆନ ବିଜେଡିକୁ ଚଳାଉଥିବା ନେଇ ଗଣମାଧ୍ୟମରେ ଅପପ୍ରଚାର ହେଉଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ବାସ୍ତବରେ ବିଜେଡି ଏକ ଗଣତାନ୍ତ୍ରିକ ଦଳ ଓ ଏହାର ପରିଚାଳନା ପାଇଁ କୋର୍ କମିଟି ରହିଛି। ଏହାର ନେତା ନବୀନ ପଟ୍ଟନାୟକ ସବୁ ନିଷ୍ପତ୍ତି ନିଅନ୍ତି ବୋଲି ଶ୍ରୀ ଜେନା କହିଛନ୍ତି। ତେବେ ରାଜନୀତିରୁ ସନ୍ନ୍ୟାସ ନେବା ପରେ ପାଣ୍ଡିଆନ୍ ନବୀନ ନିବାସରେ କ'ଣ କରୁଛନ୍ତି ବୋଲି ସାମ୍ବାଦିକମାନେ ପ୍ରଶ୍ନ ପଚାରିବାରେ ଶ୍ରୀ ଜେନା ସନ୍ନ୍ୟାସ ନେଲେ ବୋଲି କ'ଣ ହିମାଳୟ ପଳେଇଲେ ନା କ'ଣ ବୋଲି ପ୍ରଶ୍ନ କରିଛନ୍ତି। ସନ୍ନ୍ୟାସୀ ହୋଇକି ସେ ଘରେ ଅଛନ୍ତି, ତାଙ୍କ ସହ ଯାଇକି ଫଟୋ ଉଠାଯାଉଛି। ସେଥିରେ ତାଙ୍କର ଦୋଷ କ'ଣ ବୋଲି ଶ୍ରୀ ଜେନା ଓଲଟା ପ୍ରଶ୍ନ କରିଛନ୍ତି। ନବୀନ ନିବାସରେ ବିଜେଡି ନେତାଙ୍କ ସହ ପାଣ୍ଡିଆନଙ୍କ ଫଟୋ ଭାଇରାଲ ହେବା ପ୍ରସଙ୍ଗରେ ଶ୍ରୀ ଜେନା ପ୍ରତିକ୍ରିୟାରେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

**ଦୁର୍ଦ୍ଦାନ୍ତ ଅପରାଧୀ କାର୍ତ୍ତିକ ଗିରଫ**

- ମାଉଜର, ଜୀବନ୍ତ ଗୁଳି, ୨.୨୫ ଲକ୍ଷ ନଗଦ ଜବତ
- ହନୁମାନ ପଇସା ନାଁରେ ଲୋକଙ୍କୁ ଠକୁଥିଲା



ନୀଳଗିରି,୧୧।୩(ସଂଚାର ବ୍ୟୁରୋ): ନୀଳଗିରିରୁ ଦୁର୍ଦ୍ଦାନ୍ତ ଅପରାଧୀ କାର୍ତ୍ତିକ ସାମଲ ଗିରଫ ହୋଇଛି। ଏଥିସହ ପୁଲିସ୍ ତା' ନିକଟରୁ ମାଉଜର, ଜୀବନ୍ତ ଗୁଳି, ଝିଙ୍କ କାଠି, ୫ଟି ହନୁମାନ ପଇସା ଓ ୨ ଲକ୍ଷ ୩୫ ହଜାର ଟଙ୍କା ଜବତ କରିଛି। ଚଢ଼ାଉ ସମୟରେ ଅପରାଧୀ କାର୍ତ୍ତିକ ଚତୁରତାର ସହ ମାଉଜର ଅନ୍ୟତ୍ର କୌଣସି ସ୍ଥାନରେ ପୋତିଦେଇଥିଲେ ହେଁ ପୁଲିସ୍ ତାହା ଠାବ କରିଛି। ଏହା ନୀଳଗିରି ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ମିଳିଥିବା ସୂଚନାନୁଯାୟୀ, ନୀଳଗିରି ଥାନା ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆପାଟଣା ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ କାର୍ତ୍ତିକ ଅନେକ ଦିନରୁ ହନୁମାନ ପଇସା କାରବାର କରୁଥିବା ନେଇ କୌଣସି ସୂତ୍ରରୁ ପୁଲିସ୍‌କୁ ସୁରାକ ମିଳିଥିଲା। ଏହାପରେ ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ ଓ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ୧୨ ଘଣ୍ଟା ଧରି ଜାଲ ବିଛାଇଥିଲା। ଗତକାଲି ସନ୍ଧ୍ୟାରେ ଏହି ଟିମ୍ କାର୍ତ୍ତିକ ଘରେ ଅଚାନକ ଚଢ଼ାଉ କରିଥିଲା। ପୁଲିସ୍‌କୁ ଦେଖି ଖସିଯିବାକୁ ଉଦ୍ୟମ କରିଥିଲେ ହେଁ ଏଥିରେ କାର୍ତ୍ତିକ ବିଫଳ ହୋଇଥିଲା ଓ ପୁଲିସ୍ ପଞ୍ଝାରେ ପଡ଼ିଯାଇଥିଲା ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିସହ ଏହି ସାମ୍ବାଦିକ ସମ୍ମିଳନୀରେ କାର୍ତ୍ତିକ ହନୁମାନ ପଇସା ସାହାଯ୍ୟରେ ଚାଉଳ ଓ ଛୁଞ୍ଚିକୁ ଆକର୍ଷିତ କରିବା ସହ ଉଜାଲାରେ ବ୍ୟାଟେରୀ ପାଣି ମିଶାଇ ଧଳା ପାଣି କରିବାର ଡେମୋ ପ୍ରଦର୍ଶନ କରିଛି। କାର୍ତ୍ତିକ ସାଧାରଣ ଲୋକଙ୍କୁ ଭଣ୍ଡାଇ ହନୁମାନ ପଇସା ଦେବାର ପ୍ରଲୋଭନ ଦେଇ ଲକ୍ଷ ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଆସୁଥିଲା। ତେବେ ଆଜି ସେ ପୁଲିସ୍ ପଞ୍ଝାରେ ପଡ଼ିଥିବା ପୂର୍ବାଞ୍ଚଳ ଆଇଜି ସତ୍ୟଜିତ ନାୟକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

## ନକଲି ଜର୍ଦ୍ଦା କାରଖାନା ଠାବ: ୩ ଗିରଫ



ଭଦ୍ରକ,୧୧।୩ (ସଂଚାର ବ୍ୟୁରୋ): ନକଲି ଜର୍ଦ୍ଦା କାରଖାନା ଠାବ ହୋଇଥିବା ବେଳେ ଏଥିସହ ଜଡ଼ିତ ୩ ଜଣଙ୍କୁ ପୁଲିସ୍ ଗିରଫ କରିଛି। ଭଦ୍ରକ ପୁରୁଣାବଜାରରେ ଥିବା ଉକ୍ତ ନକଲି ଜର୍ଦ୍ଦା କାରଖାନା ଉପରେ ଗତକାଲି ରାତିରେ ପୁଲିସ୍ ଚଢ଼ାଉ କରିଥିଲା। ସେଠାରେ ବେଆଇନ୍ ଭାବେ ଜର୍ଦ୍ଦା ପ୍ରସ୍ତୁତ କରୁଥିବା ୩ ଜଣଙ୍କୁ ଗିରଫ କରିବା ସହ ସେଠାରୁ ପୁଲିସ୍ ଗୋଟିଏ ସ୍କୁଟି, ଦୁଇଟି ମୋବାଇଲ୍, ବ୍ୟବହୃତ ମେସିନ୍ ସହ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି। ଭଦ୍ରକ ପୁରୁଣା ବଜାର ପୁଲିସର ପାଟ୍ରୋଲିଂ ଟିମ୍ କୌଣସି ସୂତ୍ରରୁ ଖବର ପାଇ ଏହି ବେଆଇନ୍ ଜର୍ଦ୍ଦା ତିଆରି କାରଖାନା ଉପରେ ଚଢ଼ାଉ କରିଥିଲା। ସେଠାରୁ ଜବତ ହୋଇଥିବା ନକଲି ଜର୍ଦ୍ଦାର ମୂଲ୍ୟ ପାଖାପାଖି ୨ ଲକ୍ଷ ଟଙ୍କା ହେବ। ଏଥିସହ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ପୁଲିସ୍ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ ଗତ କିଛି ଦିନ ହେବ ଉକ୍ତ ଅଞ୍ଚଳରେ ବିଭିନ୍ନ ନାମୀଦାମୀ କମ୍ପାନୀର ଜର୍ଦ୍ଦା ବ୍ରାଣ୍ଡର ଖୋଳ ବ୍ୟବହାର କରି ବେଆଇନ ଭାବେ ନକଲି ଜର୍ଦ୍ଦା ପ୍ରସ୍ତୁତ କରୁଥିବା ଅଭିଯାଗ ହୋଇଆସୁଥିଲା।

## ବନ୍ଧୁକ ଦେଖାଇ ହସ୍ପିଟାଲ୍‌ରୁ ସୁନାଚେନ୍ ଲୁଟ୍

- ଔଷଧ ନେବା ବାହାନାରେ ଆସିଥିଲେ ଦୁର୍ବୃତ୍ତ

କରଞ୍ଜିଆ,୧୧।୩(ସଂଚାର ବ୍ୟୁରୋ): ମୟୂରଭଞ୍ଜର କରଞ୍ଜିଆରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଡାକ୍ତରଖାନାକୁ ରୋଗୀ ବେଶରେ ଆଜି ଦୁଇ ଜଣ ଦୁର୍ବୃତ୍ତ ବନ୍ଧୁକ ମୂନରେ ସୁନାଚେନ୍ ଲୁଟି ନେଇଛନ୍ତି। ସେମାନେ ଡାକ୍ତରଖାନାରେ ପହଞ୍ଚି ଔଷଧ ମାଗିବା ବାହାନାରେ ଭିତରେ ପଶିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରର ସିଏଚଓଙ୍କୁ ବନ୍ଧୁକ ଦେଖାଇ ସୁନାଚେନ ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଏହି ଲୁଟ୍ ଘଟଣା ଠାକୁରମୁଣ୍ଡା କେନ୍ଦୁଜିଆଣିଠାରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଘଟିଥିବା ବେଳେ ଲୁଟ୍‌ର ଶିକାର ହୋଇଥିବା ସିଏଚଓ ଜଣଙ୍କ ଟ୍ୱିଙ୍କଲ୍ ବେହେରା ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଉକ୍ତ ଦୁଇ ଦୁର୍ବୃତ୍ତ ହସ୍ପିଟାଲ୍‌ରେ ପହଞ୍ଚି ଔଷଧ ନେବାର ବାହାନା କରିଥିଲେ। ସେମାନେ ସିଏଚଓଙ୍କ ନିକଟରେ ପହଞ୍ଚି ପେନ୍ କିଲର୍ ମାଗିଥିଲେ। ତେବେ ସୁଯୋଗ ଦେଖି ସେମାନଙ୍କ ମଧ୍ୟରୁ ଜଣେ ଦୁର୍ବୃତ୍ତ ପକେଟ୍‌ରେ ରଖିଥିବା ବନ୍ଧୁକ ବାହାର କରି ଟ୍ୱିଙ୍କଲ୍‌ଙ୍କ ମୁଣ୍ଡରେ ଲଗାଇ ତୁରନ୍ତ ସୁନଚେନ୍ ହସ୍ତାନ୍ତର କରିବା ସକାଶେ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଟ୍ୱିଙ୍କଲ୍ ସେମାନଙ୍କୁ ବେକରେ ପିନ୍ଧିଥିବା ସୁନାଚେନ୍ ଦେଇଥିଲେ। ଏହାପରେ ଦୁଇ ଦୁର୍ବୃତ୍ତ ସେଠାରୁ ଆଖିପିଛୁଳାକେ ଫେରାର୍ ହୋଇଯାଇଥିଲେ। ଏ ନେଇ ଟ୍ୱିଙ୍କଲ୍ ଠାକୁରମୁଣ୍ଡା ଥାନାକୁ ସୂଚନା ଦେବା ପରେ ପୁଲିସ୍ ସେଠାରେ ପହଞ୍ଚି ଛାନ୍‌ଭିନ୍ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍ ଲୁଟେରାମାନଙ୍କ ଟେର୍ ପାଇପାରିନାହିଁ।

## ଶର୍ଟସର୍କିଟ୍‌ରେ ଜଳିଗଲା ୧୪ଚକିଆ ଟ୍ରକ୍

ତେଲକୋଇ,୧୧।୩(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥ ବିଛାଖଣି ନିକଟରେ ଆଜି ଚଳନ୍ତା ଅବସ୍ଥାରେ ଏକ ୧୪ଚକିଆ ଟ୍ରକ ଜଳିଯାଇଛି। ଏଥିରେ ଟ୍ରକ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ଅଗ୍ନିକାଣ୍ଡର କାରଣ ଶର୍ଟସର୍କିଟ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଟ୍ରକ୍‌ଟି କେନ୍ଦୁଝରରୁ ସମ୍ବଲପୁର ଆସୁଥିଲା। ହେଲେ ୪୯ ନମ୍ବର ଜାତୀୟ ରାଜପଥ ବିଛାଖଣି ନିକଟରେ ହଠାତ୍ ଏଥିରେ ନିଆଁ ଲାଗିଯାଇଥିଲା। କିନ୍ତୁ ଚାଳକ ଜଣଙ୍କ କୌଣସି କ୍ଷତିର ସମ୍ମୁଖୀନ ହେବା ପୂର୍ବରୁ ଟ୍ରକ୍‌ରୁ ଓହ୍ଲାଇପଡ଼ିଥିଲେ। ଫଳରେ ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏନେଇ ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ଟ୍ରକଟି ପୋଡ଼ି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା।

# ଧର୍ମଶାଳା ପାହାଡ଼ରେ ଚାଲିଛି ରାବଣରାଜ

**ଲୋକେ ଜବତ କଲେ ୯ ଗାଡ଼ି ଓ ୩୦ କମ୍ପ୍ରେସର୍**

ଯାଜପୁର,୧୧।୩(ସଂଚାର ବ୍ୟୁରୋ): ଚୋରା କଳାପଥର କାରବାର ରୋକିବା ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଏଭଳି ଖଣି ଲୁଟେରାଙ୍କୁ ଜେଲରେ ପୂରାଇବାକୁ ଚେତାବନୀ ଦେଇସାରିଛନ୍ତି। ତା'ଛଡ଼ା ଡିଜିପି ୱାଇବି ଖୁରାନିଆଙ୍କ ନିର୍ଦ୍ଦେଶରେ ସମ୍ପ୍ରତି ବିଭିନ୍ନ ଜିଲ୍ଲାରେ ଚଢ଼ାଉକୁ ଜୋର୍‌ଦାର କରାଯାଇଛି। କିନ୍ତୁ ଯାଜପୁର ଜିଲ୍ଲାର ଧର୍ମଶାଳାରେ କିଛି ନିୟମକାନୁନ୍ ନାହିଁ। କାରଣ ଏଠାରେ ସବୁକିଛିକୁ 'ଫୁ' କରି ଚୋରା ଚାଲାଣକାରୀମାନେ ପାହାଡ଼ ଗିଳିଚାଲିଛନ୍ତି। ସ୍ଥାନୀୟ ନେତାଙ୍କ ଛତ୍ରଛାୟା ତଳେ ରହି ଏଠାକାର ମାଫିଆମାନେ ରାବଣରାଜ ଚଳାଇଛନ୍ତି। ଏଥିରେ ଅତିଷ୍ଠ ହୋଇ ସ୍ଥାନୀୟ ଲୋକେ ଧର୍ମଶାଳା ତହସିଲ୍ ଅନ୍ତର୍ଗତ ଆରୁହା ପାହାଡ଼ରୁ ବେଆଇନ୍ ଖନନ ରୋକିବାକୁ ଉଦ୍ୟମ କରିଛନ୍ତି। ସେମାନେ ଗତକାଲି ୭ଟି ହିଟାଚି ଓ ୨ଟି ପଥରବୋଝେଇ ହାଇୱା ଏବଂ ୩୦ରୁ ଊର୍ଦ୍ଧ୍ୱ କମ୍ପ୍ରେସର୍ ଜବତ କରିବା ସହ ସେଗୁଡ଼ିକୁ ଆଜି ସ୍ଥାନୀୟ ପୁଲିସ୍‌କୁ ହସ୍ତାନ୍ତର କରିଛନ୍ତି। ଏଥିସହ ଏଠାରେ ବେଆଇନ ଖନନ ରୋକିବା ଦିଗରେ ପୁଲିସ୍‌ର ପଦକ୍ଷେପ ଦାବି ନେଇ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ ଧର୍ମଶାଳା ଥାନାରେ ଏତଲା ଦେଇଛନ୍ତି। ଏଥିରେ ସମ୍ପୃକ୍ତ ମାଫିଆ ଓ ସେମାନଙ୍କୁ ସହଯୋଗ କରୁଥିବା ସରକାରୀ ଅଧିକାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଶ୍ରୀ ବିଶ୍ୱାଳ ଦାବି କରିଛନ୍ତି। ସୂଚନାନୁସାରେ,



ଆରୁହା ପାହାଡ଼ ସହ ବାଜବାଟୀ, ଯାବରା, ଡଙ୍ଗାରୀ, ବିଛାଖଣ୍ଡୀ, ବରଡ଼ା ଆଦି ପାହାଡ଼ରେ ଆଖିବୁଜା ଲୁହାପଥର ଲୁଟ୍ ହେଉଛି। ଆରୁହା ପାହାଡ଼ରେ ଖାତା ନଂବର-୭୭୯ ପ୍ଲଟ ନମ୍ବର-୨୮୦୭, ୨୮୦୮, ୨୮୧୧ରେ ଥିବା ଖାଦାନରୁ ଗତ ଜାନୁଆରୀରୁ ପରିବେଶ ମଞ୍ଜୁରୀ ନଥିବା ସତ୍ତ୍ୱେ ଲକ୍ଷାଧିକ ଟ୍ରିପ କଳାପଥର ଲୁଟ ହୋଇଛି। ଏନେଇ ସ୍ଥାନୀୟ ଲୋକେ ବହୁବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପୁଲିସ୍ କି ପ୍ରଶାସନ କେହି ବି ଏନେଇ ପଦକ୍ଷେପ ନେଉନାହାନ୍ତି।

**● ୩ ପିଲାଙ୍କୁ ସ୍କୁଲ ବାରଣ୍ଡାରେ ପାଠପଢ଼ା ଘଟଣା**

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ

ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାରେ ଅଣଶୁଦ୍ଧିଆ ଯୋଗୁଁ ୩ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବାରଣ୍ଡାରେ ବସାଇ ପାଠ ପଢ଼ାଇବା ଘଟଣା ସାମ୍ନାକୁ ଆସିଥିବା ବେଳେ ଏନେଇ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ତାଙ୍କ ଦରମା ବନ୍ଦ କରାଯାଇଛି। ଏଥିସହ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ ଜାରି ରହିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା କହିଛନ୍ତି। ମିଳିଥିବା ସୂଚନାନୁଯାୟୀ, ବାଲିକୁଦା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ନାଗପୁର କ୍ଲଷ୍ଟର ଠାକୁରପାଟଣା ପ୍ରାଥମିକ ବିଦ୍ୟାଳୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ପରିବାରରେ ଅଣଶୁଦ୍ଧିଆ ଚାଲିଥିବାରୁ ୩ ଜଣ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ଗୃହରେ ପ୍ରବେଶ ପାଇଁ ବାରଣ କରାଯିବା ସହ ବାରଣ୍ଡାରେ ବସି ପଢ଼ିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ। ଏହି ସମୟର ଏକ ଭିଡିଓ ଭାଇରାଲ୍ ହେବା ପରେ ସାରା ରାଜ୍ୟରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଶିକ୍ଷା ମନ୍ଦିରରେ ଶିକ୍ଷୟିତ୍ରୀଙ୍କ ଏଭଳି ଛୁଆଁଅଛୁଆଁ ମନୋଭାବକୁ ସାଧାରଣରେ କଡ଼ା ସମାଲୋଚନା କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ମଣ୍ଡଳ ଶିକ୍ଷାଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏନେଇ ଅବଗତ ହୋଇଥିଲେ। ତେବେ ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏପରି ଛୁଆଁଅଛୁଆଁ ମନୋଭାବ ପାଇଁ ଦରମା ବନ୍ଦ ହେବା ଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ଏହି ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ଏଥିସହ ଆଗାମୀ ଦିନରେ ଏପରି ଘଟଣାର ଯେପରି ପୁନରାବୃତ୍ତି ନ ହେବ, ସେଥିପ୍ରତି ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ମଧ୍ୟ ଲୋକେ ଦାବି କରିଛନ୍ତି।

**ତିନିଦିନିଆ ବିଶ୍ୱ ସମ୍ମିଳନୀ ଉଦ୍‌ଯାପିତ**

# କୃଷି ଅର୍ଥନୀତିକୁ ସଶକ୍ତ କରିବେ ମହିଳା: ମନ୍ତ୍ରୀ



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ଚାଷଠାରୁ ଆରମ୍ଭ କରି ଅମଳ, ବିହନ ବୁଣିବାଠାରୁ ଆରମ୍ଭ କରି ବିପଣନ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ କ୍ଷେତ୍ରର ବିକାଶ ପାଇଁ ମହିଳାଙ୍କ ଭାଗୀଦାରୀ ଜରୁରୀ ହୋଇଥିବା ବେଳେ ରାଜ୍ୟରେ ଏହି ଧାରାରେ ମହିଳାମାନେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଉଲ୍ଲେଖନୀୟ ଯୋଗଦାନ ଦେଉଛନ୍ତି। ସେମାନଙ୍କ ଭାଗୀଦାରୀ ହିଁ କୃଷି ଅର୍ଥନୀତିକୁ ସୁଦୃଢ଼ କରିପାରିବ ବୋଲି ମତ ବ୍ୟକ୍ତ କରିଛନ୍ତି ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସ୍ଥାନୀୟ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ (ସିୱା)ଠାରେ ତିନିଦିନ ଧରି ଚାଲିଥିବା 'ସୃଜନର ପ୍ରଭାବ: ସ୍ଥାୟୀ କୃଷି ଖାଦ୍ୟ ପ୍ରଣାଳୀ ପାଇଁ ଲିଙ୍ଗଗତ ପରିବର୍ତ୍ତନମୂଳକ ଆଚରଣ' ଶୀର୍ଷକ ବିଶ୍ୱ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ଅବସରରେ ମନ୍ତ୍ରୀ ଉପରୋକ୍ତ ମତ ଦେଇଛନ୍ତି। ଏହି ସମ୍ମିଳନୀରେ କୃଷି କ୍ଷେତ୍ରରେ ପୁରୁଷଙ୍କ ପରି ମହିଳାଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଉପରେ ମତ ପ୍ରକାଶ ପାଇଥିଲା। ଏଥିସହ ମହିଳାମାନେ କୃଷି କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରତିବନ୍ଧକକୁ ଦୂର କରିବା ଦିଗରେ ସମ୍ମିଳିତ ପ୍ରୟାସ ପାଇଁ ମଧ୍ୟ ଅତିଥିଗଣ ଆହ୍ୱାନ ଦେଇଛନ୍ତି। କୃଷିରେ ଲିଙ୍ଗଗତ ସମାନତା, ମହିଳା ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିକରଣ ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମାଧାନ ଦିଗରେ ଏହି ସମ୍ମିଳନୀ ଏକ ପ୍ରକୃଷ୍ଟ ମଞ୍ଚ ଭାବେ କାର୍ଯ୍ୟ କରିଛି ବୋଲି ନିମନ୍ତ୍ରିତ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। 'ସିୱା'ର ନିର୍ଦ୍ଦେଶକ ଓ ସମ୍ମିଳନୀ ଆୟୋଜକ ସଚିବ ଡକ୍ଟର ମୃଦୁଳା ଦେବୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଭାଗ ଅଧ୍ୟକ୍ଷ ଡକ୍ଟର ସୁକାନ୍ତ କୁମାର ଷଡ଼ଙ୍ଗୀ, ଜାତୀୟ ଦୁଗ୍ଧ ଉନ୍ନୟନ ପରିଷଦର ଆଞ୍ଚଳିକ ମୁଖ୍ୟ (କୋଲକାତା) ଡକ୍ଟର ସବ୍ୟସାଚୀ ରାୟ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ଡକ୍ଟର ହିମାଂଶୁ ବଳ, ବିଭିନ୍ନ ରାଜ୍ୟର ମହିଳା ଚାଷୀ, ଗବେଷକ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ, ଉଦ୍ୟୋଗୀ ପ୍ରମୁଖ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ ମାଣ୍ଡିଆ ରାଣୀ ରାଇମତି ଘିଉରିଆ ଏବଂ ଅନ୍ୟାନ୍ୟ ଉଦୀୟମାନ ମହିଳା ଉଦ୍ୟୋଗୀ ଓ ସଫଳ ମହିଳା ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ବିଭାଗ ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପାଣ୍ଡିଆନଙ୍କୁ ଭେଟିଲେ ନବବିବାହିତ ମନ୍ମଥ



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ନିକଟରେ ବିବାହ କରିଥିବା ବିଜେଡି ନେତା ତଥା କଂଗ୍ରେସର ଭେଟେରାନ୍ ନେତା ସୁର ରାଉତରାୟଙ୍କ ପୁଅ ମନ୍ମଥ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ତାଙ୍କ ବାସଭବନରେ ଭେଟି ଆଶୀର୍ବାଦ ନେଇଛନ୍ତି। ତେବେ ପତ୍ନୀଙ୍କ ସହ ମନ୍ମଥ ପୂର୍ବତନ ୫-ଟି ସଚିବ ତଥା ବିଜେଡିର କ୍ଷମତାକେନ୍ଦ୍ର କୁହାଯାଉଥିବା ଭିକେ ପାଣ୍ଡିଆନ୍‌ଙ୍କୁ ଭେଟିଥିବା ବେଳେ ଏହି ସମୟର ଫଟୋଟି ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହେଉଛି। ମନ୍ମଥ ବିବାହ କର୍ମ ସାରି ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବା ସହ ନବୀନଙ୍କୁ ଦେଖା କରି ଆଶୀର୍ବାଦ ନେବା ସକାଶେ ଯାଇଥିଲେ ବୋଲି ନିଜେ କହିଛନ୍ତି। ଏନେଇ ମନ୍ମଥଙ୍କ ପତ୍ନୀ ରୋଜାଲିନ କହିଛନ୍ତି ଯେ ନବୀନଙ୍କୁ ସାକ୍ଷାତ କରିବେ ବୋଲି ସେ କଦାପି ଭାବିନଥିଲେ। କେବଳ ସ୍ୱାମୀଙ୍କ ସହଯୋଗରୁ ତାଙ୍କୁ ଦେଖା କରିବାର ସୁଯୋଗ ପାଇଲେ। ସେ ସବୁବେଳେ ନବୀନଙ୍କୁ ଟିଭିରେ ଦେଖୁଥିଲେ, ଆଜି ସାମ୍ନାସାମ୍ନି ହେବାର ସୁଯୋଗ ପାଇଲେ। ପିଲାଟିବେଳୁ ସେ ନବୀନଙ୍କୁ ସମ୍ମାନ କରନ୍ତି। ବୋଲି ରୋଜାଲିନ୍ କହିଛନ୍ତି। ତେବେ ପାଣ୍ଡିଆନ୍‌ଙ୍କ ସହ ମନ୍ମଥ-ରୋଜାଲିନ୍‌ଙ୍କ ଫଟୋ ଭାଇରାଲ୍ ହେବା ପରେ ଏବେ ବି ସେ ବିଜେଡି ସହ ଜଡ଼ିତ ଅଛନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଗତ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ଘଟିବାରୁ ନିଜକଥା ରଖିବାକୁ ଯାଇ ପାଣ୍ଡିଆନ୍ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। କିନ୍ତୁ ଏହାପରେ ବି ତାଙ୍କର ବିଜେଡି ସହ ଲିଙ୍କ୍ ରହିଛି ଓ ଏବେ ବି ସେ ଦଳର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଥିବା ଚର୍ଚ୍ଚା ହୋଇଆସୁଥିଲା।

## ଏମ୍ସ ନିକଟରେ ବୁଲୁଛି ହାତୀ, ଲୋକେ ଭୟଭୀତ

ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ରାଜଧାନୀ ଉପକଣ୍ଠସ୍ଥ ଏମ୍ସ ନିକଟରେ ଏକ ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଏମ୍ସ ନିକଟସ୍ଥ କାଜୁ ବଗିଚାରେ ଗତକାଲି ରାତିରୁ ଉକ୍ତ ଦନ୍ତାହାତୀଟି ଫସିରହିଥିବା ଜଣାପଡ଼ିଛି। ତେବେ ହାତୀର ଉପସ୍ଥିତି ନେଇ ଜାଣିବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। କିନ୍ତୁ ଉକ୍ତ ହାତୀ ନିକଟକୁ ଯିବା ସକାଶେ ସାଧାରଣ ଲୋକଙ୍କୁ ବନ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଏଥିସହ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି। ସେହିପରି ବନ ବିଭାଗ ପକ୍ଷରୁ ଉକ୍ତ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା କୁହାଯାଇଛି। ହାତୀକୁ କାବୁ କରିବା ସକାଶେ ଆବଶ୍ୟକ ସ୍ଥଳେ ଟ୍ରାଙ୍କୁଲାଇଜର୍‌ର ଉପଯୋଗ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଖୋର୍ଦ୍ଧା ବରୁଣେଇ ଅଞ୍ଚଳରୁ ଉକ୍ତ ହାତୀଟି ଏମ୍ସ ନିକଟସ୍ଥ କାଜୁ ଜଙ୍ଗଲକୁ ଚାଲିଆସିଥିବା ଜଣାପଡ଼ିଛି। ବନ ବିଭାଗ ଅଧିକାରୀଙ୍କ ସହ ଡିଏଫ୍‌ଓ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

# ଗହୀରମଥାରେ ଅଲିଭ୍ ରିଡ୍‌ଲେଙ୍କ ରେକର୍ଡ ଅଣ୍ଡାଦାନ

**୨ କଇଁଛ ଦେହରେ ସାଟେଲାଇଟ୍ ଟ୍ୟାଗିଂ**



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ଗହୀରମଥାରେ ଅଲିଭ୍ ରିଡ୍‌ଲେ କଇଁଛ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଅଣ୍ଡାଦାନ କରିଛନ୍ତି। ଗତକାଲି ସୁଦ୍ଧା ଏଠାରେ ୬ ଲକ୍ଷ ୬୦ ହଜାର ଅଲିଭ ରିଡଲେ କଇଁଛ ଅଣ୍ଡାଦାନ କରିଥିବା ଜଣାପଡ଼ିଛି। ଗତ ୫ରୁ ଏହି ଅଣ୍ଡାଦାନ ପ୍ରକ୍ରିୟାର ଗଣତି ଆରମ୍ଭ ହୋଇଥିଲା। ଏଥିସହ ଚଳିତ ବର୍ଷ ନୂଆ କରି ଗହୀରମଥାରେ ୨ଟି ଅଲିଭ ରିଡଲେ କଇଁଛଙ୍କ ଦେହରେ ସାଟେଲାଇଟ ଟ୍ୟାଗ୍ ଲଗାଯାଇଛି। ଏହି ଟ୍ୟାଗିଂ ଦ୍ୱାରା ଉକ୍ତ କଇଁଛମାନେ କେଉଁଠିକୁ ଯାଉଛନ୍ତି, କେତେ ଗଭୀର ସମୁଦ୍ରରେ ରହୁଛନ୍ତି, ସେ ସମ୍ପର୍କରେ ସୂଚନା ମିଳିପାରିବ। ବିଶ୍ୱର ହାତଗଣତି ଉପକୂଳରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛ ଦେଖିବାକୁ ମିଳୁଥିବା ବେଳେ ଏଥିରେ ଓଡ଼ିଶା ଉପକୂଳ ଅନ୍ୟତମ। ବରଂ ଓଡ଼ିଶାର ପରିବେଶ ସେମାନଙ୍କ ସକାଶେ ଉପକୂଳ ହୋଇଥିବାରୁ ଏହି ପ୍ରଜାତିର କଇଁଛମାନେ ଅଧିକ ମାତ୍ରାରେ ଆସିଥାନ୍ତି। ପ୍ରତିବର୍ଷ ଲକ୍ଷ ଲକ୍ଷ କଇଁଛ ଓଡ଼ିଶାର ଋଷିକୁଲ୍ୟା ଓ ଗହୀରମଥାରେ ଏକାଠି ହୋଇଥାନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କଇଁଛଙ୍କ ମଧ୍ୟରୁ ଅଧିକାଂଶ ନିୟମିତ ଭାବେ ଓଡ଼ିଶା ଉପକୂଳକୁ ଆସୁଛନ୍ତି। କଇଁଛଗୁଡ଼ିକର ଗତିବିଧି ଜାଣିବା ପାଇଁ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ (ଜେଡ୍‌ଏସ୍ଆଇ) ଓ ବନ ବିଭାଗ ପକ୍ଷରୁ କଇଁଛଙ୍କ ଶରୀରରେ 'ଜିଓ ଟ୍ୟାଗିଂ' କରାଯାଉଛି। ଚଳିତ ବର୍ଷ ଓଡ଼ିଶା ଉପକୂଳକୁ ଅଣ୍ଡାଦାନ ପାଇଁ ଆସିଥିବା ଅନେକ ଅଲିଭ୍ ରିଡ୍‌ଲେଙ୍କ ଶରୀରରେ ଟ୍ୟାଗ ଲାଗିଥିବା ଦେଖିବାକୁ ମିଳିଛି। ଏମାନେ ପୂର୍ବରୁ ଓଡ଼ିଶା ଉପକୂଳକୁ ଆସିଥିବା ଜଣାପଡ଼ିଛି। ଚଳିତ ବର୍ଷ ଗହୀରମଥାରେ ରେକର୍ଡସଂଖ୍ୟକ ଅଣ୍ଡାଦାନ ହୋଇଥିବା ବେଳେ ଦୀର୍ଘ ୩୦/୪୦ ବର୍ଷ ପରେ ଜନବସତିହୀନ ଏକକୁଲ ଦ୍ୱୀପ ବିଚକୁ ଅଣ୍ଡାଦାନ ପାଇଁ ଅଲିଭ ରିଡଲେ କଇଁଛ ଆସିଛନ୍ତି।

ଏ ସମ୍ପର୍କରେ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା' କହିଛନ୍ତି ଯେ ଚଳିତ ବର୍ଷ ଗହୀରମଥାକୁ ଆସିଥିବା ୨ଟି ଅଲିଭ ରିଡଲେ କଇଁଛଙ୍କ ଦେହରେ ସାଟେଲାଇଟ ଟ୍ୟାଗ୍ ଲଗାଯାଇଛି। ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ସହଯୋଗରେ ଏହା କରାଯାଇଥିବା ବେଳେ ଏହାଦ୍ୱାରା ଅଲିଭ ରିଡଲେ କଇଁଛ କେଉଁ ସ୍ଥାନରୁ ଓଡ଼ିଶାକୁ ଆସୁଛନ୍ତି ତାହା ଜଣାପଡ଼ିବ। ପୂର୍ବରୁ ମଧ୍ୟ ଟ୍ୟାଗିଂ କରାଯାଇଥିବା କଇଁଛ ସାଧାରଣ ଭାବେ ବଙ୍ଗୋପସାଗର ସମେତ ଶ୍ରୀଲଙ୍କା ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଜଣାପଡ଼ିଥିଲା। ତେବେ ଏଠାକୁ ଆସୁଥିବା କଇଁଛ କେଉଁଠୁ ଆସୁଛନ୍ତି ଓ କେଉଁ ସ୍ଥାନକୁ ଫେରୁଛନ୍ତି, ତାହା ଜାଣିବା ଦିଗରେ ଏହି ଟ୍ୟାଗିଂ ସହଯୋଗ କରିବ ବୋଲି ଶ୍ରୀ ଝା କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ବିବାହ ସିଜିନ ଆରମ୍ଭରୁ ଲଗାତାର ଭାବରେ ବଢୁଛି ଦାମ୍। ଅନ୍ତର୍ଜାତୀୟ ବଜାରରେ ସୁନା ଦର ବଢୁଥିବାରୁ ଘରୋଇ ବଜାରରେ ଦର ବଢୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୪୯୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦, ୨୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୨୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୪୯୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୨୦୦ ଟଙ୍କା ଓ ୮୭,୪୯୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୩ ୫୦ ଟଙ୍କା ଓ ୮୭, ୬୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୨୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୪ ୯୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୨୦୦ ଓ ୮୭,୪୯୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୮,୦ ୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ମୂଲ୍ୟ ହ୍ରାସ ପାଇଛି ଏବଂ ଅନେକ ସ୍ଥାନରେ ଇନ୍ଧନ ହାର ବୃଦ୍ଧି ପାଇଛି। ସେହିପରି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ଡିଜିଟାଲ ପେମେଣ୍ଟ କରୁଥିବା ଲୋକଙ୍କୁ ଲାଗିପାରେ ଝଟକା

# ୟୁପିଆଇରେ ଟଙ୍କା ଟ୍ରାନ୍ସଫର ହେବ ମହଙ୍ଗା

**ନୂଆଦିଲ୍ଲୀ,୧୧।୩:** ୟୁପିଆଇ ଓ ରୁପେ ଡେବିଟ୍ କାର୍ଡ ଜରିଆରେ ଲେଣଦେଣ ଉପରେ ଖୁବ୍ ଶୀଘ୍ର ଲାଗିବ ଚାର୍ଜ। ଅର୍ଥାତ ୟୁପିଆଇ କରିବା ହେବନି ଫ୍ରି। ଏଥିପାଇଁ ଅଲଗା ଭାବରେ ଟଙ୍କା ଦେବାକୁ ପଡିପାରେ। ଏକ ରିପୋର୍ଟ ଅନସାରେ, ସରକାର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଓ ରୁପେ ଡେବିଟ୍ କାର୍ଡ ଜରିଆରେ କରାଯାଇଥିବା ଲେଣଦେଣ ଉପରେ ମର୍ଚେଣ୍ଟ ଚାର୍ଜେସ୍ ଫେରାଇ ଆଣିବାର ମୂଲ୍ୟାଙ୍କନ କରୁଛି। ଯଦି ଏଭଳି ହୁଏ ତେବେ ଡିଜିଟାଲ ପେମେଣ୍ଟ ମହଙ୍ଗା ହୋଇଯିବ।

'ଦ ଇକୋନୋମିକ୍ସ ଟାଇମ୍'ର ରିପୋର୍ଟ ଅନୁସାରେ, ସରକାର ଏହି ଟ୍ରାଞ୍ଜାକସନ୍ ଉପରେ ମର୍ଚେଣ୍ଟ ଚାର୍ଜେସ୍ ଲଗାଇବାର ପ୍ରସ୍ତୁତି କରୁଛି। ଉଲ୍ଲେଖନୀୟ ଯେ, ଡିଜିଟାଲ ପେମେଣ୍ଟ ଇଣ୍ଡଷ୍ଟ୍ରୀଜ୍‌ରେ ମର୍ଚେଣ୍ଟ ଇଣ୍ଡଷ୍ଟ୍ରୀଜ୍‌ରେ ମର୍ଚେଣ୍ଟ କିମ୍ବା ଦୋକାନୀଙ୍କୁ ପେମେଣ୍ଟ ସର୍ଭିସ ଆରମ୍ଭ କରିବାକୁ ଦେବାକୁ ପଡିଥାଏ। ଏହି ଶୁଳ୍କକୁ ୨୦୨୨ ରେ ସରକାରଙ୍କ ଦ୍ୱାରା କ୍ଷମା କରି ଦିଆଯାଇଥିଲା। ଏବେ ଖବର ରହିଛି ଯେ, ସରକାର ଏହାକୁ ଲାଗୁ କରିବା ଉପରେ ବିଚାର କରିପାରନ୍ତି। ବର୍ତ୍ତମାନ ୟୁପିଆଇ ଓ ରୁପେ ଡେବିଟ୍ କାର୍ଡ ପରିଶୋଧ ଉପରେ କୌଣସି ଏମ୍‌ଡିଆର ଲାଗୁ ହୋଇନାହିଁ, ଯାହାକୁ ନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ମାଧରେ ସୁଗମ କରାଯାଇଥାଏ। ରିପୋର୍ଟରେ ଜଣେ ବ୍ୟାଙ୍କର କହିଛନ୍ତି, ବଡ ବେପାରୀଙ୍କ ପାଇଁ ୟୁପିଆଇ ଲେଣଦେଣ ଉପରେ ଏମ୍‌ଡିଆରକୁ ପୁଣିଥରେ ଲାଗୁ କରିବାର ଔପଚାରିକ ଅନୁରୋଧ ବ୍ୟାଙ୍କିଙ୍ଗ ଉଦ୍ୟୋଗ ଦ୍ୱାରା କେନ୍ଦ୍ର ସରକାରଙ୍କୁ ପ୍ରସ୍ତୁତ କରାଯାଇଛି ଓ ସମ୍ପର୍କିତ ବିଭାଗ ଏହାର ସମୀକ୍ଷା କରୁଛନ୍ତି। ପ୍ରସ୍ତାବ ଅନୁସାରେ, ୪୦ ଲକ୍ଷ ଟଙ୍କାରୁ ଅଧିକ ବାର୍ଷିକ କାରବାର ଥିବା ବେପାରୀଙ୍କ ପାଇଁ ୟୁପିଆଇ ଲେଣଦେଣ ନିଶୁଳ୍କ ରହିବ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ(NPCI) ଅନୁସାରେ, ଫେବୃଆରୀ ୨୦୨୫ ରେ ୟୁପିଆଇ ୧୬.୧୧ ବିଲିୟନ ଲେଣଦେଣ ରେକର୍ଡ କରାଯାଇଛି। ଏହାର ରାଶି ପ୍ରାୟ ୨୨ ଟ୍ରିଲିୟନ ଟଙ୍କା ଥିଲା। ଜାନୁଆରୀରେ ମୋଟ ଲେଣଦେଣ ୧୬.୯୯ ବିଲିୟନ ଥିଲା।




### ଆମେରିକା ବଜାରରେ ମାନ୍ଦାବସ୍ଥା ଭୟ

## ୪୦୦ ପଏଣ୍ଟରୁ ଅଧିକ ଖସିଗଲା ସେନସେକ୍ସ



**ମୁମ୍ବାଇ,୧୧।୩:** ଆମେରିକାର ମାନ୍ଦାବସ୍ଥା ଭୟ ମଧ୍ୟରେ ୱାଲ ଷ୍ଟ୍ରିଟ୍ ରାତାରାତି ହ୍ରାସ ପାଇବା ପରେ ଏହାର ପ୍ରଭାବ ଏସୀୟ ବଜାର ଉପରେ ଦେଖିବାକୁ ମିଳିଛି। ମଙ୍ଗଳବାର ବଜାର ଖୋଲିବା ମାତ୍ରେ ବେଞ୍ଚମାର୍କ ଇକ୍ୱିଟି ସୂଚକାଙ୍କ ସେନସେକ୍ସ ଏବଂ ନିଫ୍ଟି ହ୍ରାସ ପାଇଛି। ସମସ୍ତ କ୍ଷେତ୍ରରେ ବିକ୍ରୟ ଚାପ ଦେଖାଯାଇଥିଲା। ବିଏସଇ ସେନସେକ୍ସ ୩୭୫ ପଏଣ୍ଟ କିମ୍ବା ୦.୫୧% ହ୍ରାସ ପାଇ ୭୩,୭୩୯ ରେ ପହଞ୍ଚିଥିଲା, ଯେତେବେଳେ ନିଫ୍ଟି ୫୦ ସକାଳ ୯:୧୮ ସମୟରେ ୧୪୦ ପଏଣ୍ଟ କିମ୍ବା ୦.୬୨% ହ୍ରାସ ପାଇ ୨୨,୩୨୦ ରେ ପହଞ୍ଚିଥିଲା। ଫଳରେ ବିଏସଇରେ ସମସ୍ତ ତାଲିକାଭୁକ୍ତ କମ୍ପାନୀର ବଜାର ପୁଞ୍ଜିକରଣ ୩.୮ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୩୯୦.୦୬ ଲକ୍ଷ କୋଟି ଟଙ୍କା ହୋଇଛି। ରବିବାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତି ଉପରେ ଚିନ୍ତା ମଧ୍ୟରେ ଆମେରିକା ମାନ୍ଦାବସ୍ଥାର ସମ୍ମୁଖୀନ ହୋଇପାରେ କି ନାହିଁ ତାହା ପୂର୍ବାନୁମାନ କରିବାକୁ ମନା କରିବା ପରେ ଏହି ହ୍ରାସ ଘଟିଛି, ଯାହା ବିଶ୍ୱ ଅର୍ଥନୈତିକ ସ୍ଥିରତା ବିଷୟରେ ନିବେଶକଙ୍କ ଚିନ୍ତାକୁ ବୃଦ୍ଧି କରିଛି।

## ଆଇଫୋନ୍ ୧୪,୧୫ ଓ ୧୬ରେ ବଡ଼ ଟଙ୍କାର ରିହାତି

**ନୂଆଦିଲ୍ଲୀ, ୧୧।୩:** ଯଦି ଆପଣ ବହୁତ ଦିନ ଧରି ଆପଲର ଆଇଫୋନ କିଣିବା ପାଇଁ ଚିନ୍ତା କରୁଛନ୍ତି, ତେବେ ଏହା ଏକ ବଡ଼ ସୁଯୋଗ। ଇ-କମର୍ସ ପ୍ଲାଟଫର୍ମ ଫ୍ଲିପକାର୍ଟରେ ଏହି ସେଲ ଆରମ୍ଭ ହୋଇଛି। ଯେଉଁଥିରେ ଆପଣ କେବଳ ଆପଲ ସ୍ମାର୍ଟଫୋନ ନୁହେଁ ବରଂ ଅନ୍ୟ ବ୍ରାଣ୍ଡର ସ୍ମାର୍ଟଫୋନ ଉପରେ ମଧ ବିପୁଳ ରିହାତି ପାଇବେ। ଏହି ସେଲରେ ଆପଣ ଆଇଫୋନ୍ ୧୪,୧୫ ଓ ୧୬ ଉପରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଆସନ୍ତୁ ଆମେ ଆପଣଙ୍କୁ ଏଠାରେ କହିବୁ ଯେ ଆପଣ କିପରି ଶସ୍ତାରେ ଆଇଫୋନ କିଣିପାରିବେ। ଆପଣ ଫ୍ଲିପକାର୍ଟରେ ୬୯,୯୯୯ ଟଙ୍କାରେ ଆଇଫୋନ୍ ୧୬ ପାଇପାରିବେ। ଏହାକୁ ଭାରତରେ ୭୯,୯୦୦ ଟଙ୍କାରେ ଲଞ୍ଚ କରାଯାଇଥିଲା। ଏହି ଅନୁସାରେ, ଆପଣ ଏହି ଆଇଫୋନ୍ ୯,୯୦୧ ଟଙ୍କାରୁ କମ ମୂଲ୍ୟରେ ପାଇବେ। ଯଦି ଆପଣ ଫ୍ଲିପକାର୍ଟ ଆକ୍ସିସ କେଡିଟ୍ କାର୍ଡ ମାଧ୍ୟମରେ ପେମେଣ୍ଟ କରନ୍ତି, ତେବେ ଆପଣ ୩,୫୦୦ଟଙ୍କାର ରିହାତି ପାଇପାରିବେ। ଯାହା ପରେ ମୂଲ୍ୟ କେବଳ ୬୬,୪୯୯ ଟଙ୍କା ରହିବ। ଏହା ବ୍ୟତୀତ, ଆପଣ ଏକ୍ସଚେଞ୍ଜ ଅଫରର ମଧ ଲାଭ ଉଠାଇପାରିବେ। ଏହି ଫୋନଟି ଆହୁରି ଶସ୍ତାରେ ପାଇପାରିବେ। ଯଦି ଆପଣ ଆଇଫୋନ୍ ୧୬ଇ କିଣିବାକୁ ଚାହାଁନ୍ତି, ତେବେ ଆପଣ ଏହାକୁ ଶସ୍ତାରେ ମଧ କିଣିପାରିବେ। ଯେଉଁମାନେ ଆଇଫୋନ୍ ୧୫ କିଣିବାକୁ ଚାହୁଁଛନ୍ତି, ସେମାନେ ଏହାକୁ ଆମାଜନରୁ ମଧ କିଣିପାରିବେ। ଫ୍ଲିପକାର୍ଟ ତୁଳନାରେ ଆମାଜନରୁ କିଣି ଆପଣ ଅଧିକ ଲାଭ ପାଉଛନ୍ତି। ଆଇଫୋନ୍ ୧୫ ଆମାଜନରେ ମାତ୍ର ୬୧,୪୯୯ ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ ଫ୍ଲିପକାର୍ଟରେ ଆପଣ ଏହାକୁ ୬୪,୯୯୯ ଟଙ୍କାରେ ପାଇବେ। ଯଦି ଆପଣ ଏକ୍ସଚେଞ୍ଜ ଅଫରର ସୁଯୋଗ ନିଅନ୍ତି, ତେବେ ଆପଣ ହଜାର ହଜାର ଟଙ୍କା ସଞ୍ଚୟ କରିପାରିବେ। ଆପଣ ଫ୍ଲିପକାର୍ଟ ରୁ ମାତ୍ର ୪୪,୯୯୯ ଟଙ୍କାରେ ଆଇଫୋନ୍ ୧୩ କିଣିପାରିବେ। ଯଦି ଆପଣ ଫ୍ଲିପକାର୍ଟ ଆକ୍ସିସ କ୍ରେଡିଟ କାର୍ଡରେ କାରବାର କରନ୍ତି, ତେବେ ଆପଣ ୨,୨୫୦ ଟଙ୍କାର ଅତିରିକ୍ତ ରିହାତି ପାଇପାରିବେ। ଯାହା ପରେ ଏହି ଫୋନର ମୂଲ୍ୟ ୪୨,୭୪୯ ଟଙ୍କା ହେବ। ଅନ୍ୟପକ୍ଷରେ, ଯଦି ଆପଣ ଆଇଫୋନ୍ ୧୪ କିଣିବାକୁ ଚାହାଁନ୍ତି, ତେବେ ଏହି ଫୋନଟି ୫୪,୯୯୯ ଟଙ୍କାରେ ପାଇପାରିବେ।

## ଟ୍ରମ୍ପଙ୍କ ଧମକକୁ ସଂସଦରୁ ଚ୍ୟାଲେଞ୍ଜ ଦେଲେ ମୋଦି

**ନୂଆଦିଲ୍ଲୀ,୧୧।୩:** ଭାରତ ଏବଂ ଆମେରିକା ମଧରେ ଚାଲିଥିବା ଟିକସ ବିବାଦ ଉପରେ, ମୁହଁ ଖୋଲିଛନ୍ତି କେନ୍ଦ୍ର ସରକାର। ସଂସଦରେ ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ ଆମେରିକା ଭାରତ ଉପରେ କୌଣସି ପାରସ୍ପରିକ ଶୁଳ୍କ ଟିକସ ଲାଗୁ କରିନାହିଁ। ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ମଧ କହିଛନ୍ତି ଯେ ଭାରତ ଏବଂ ଆମେରିକା ଏକ ନୂତନ ବାଣିଜ୍ୟ ଚୁକ୍ତି ବିଷୟରେ ଆଲୋଚନା କରୁଛନ୍ତି, ଯେଉଁଥିରେ ଉଭୟ ଦେଶ ଆମଦାନୀ ଶୁଳ୍କ, ଶୁଳ୍କ ହ୍ରାସ ଏବଂ ଯୋଗାଣ ବୃଦ୍ଧି ଉପରେ ଧ୍ୟାନ ଦେବେ। ସେ କହିଥିଲେ ଯେ ଏହା ଉଭୟ ଦେଶକୁ ଲାଭ ଦେବ।

କେନ୍ଦ୍ର ମନ୍ତ୍ରୀ ଜିତିନ ପ୍ରସାଦଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି କହିଥିଲେ ଯେ ଭାରତ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଛି। ଟ୍ରମ୍ପ କହିଥିଲେ ଯେ ୨ ଏପ୍ରିଲ ୨୦୨୫ ରୁ ଆମେରିକାଠାରୁ ଅଧିକ ଟିକସ ନେଉଥିବା ସମସ୍ତ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରାଯିବ। ଟ୍ରମ୍ପ କହିଥିଲେ, "ଭାରତ ଆମ ଉପରେ ବହୁତ ଉଚ୍ଚ ଶୁଳ୍କ ଲଗାଉଛି। ଆପଣ ଭାରତରେ କିଛି ବିକ୍ରୟ କରିପାରିବେ ନାହିଁ।"

ଆମେରିକା ଫେବୃଆରୀ ୧୩, ୨୦୨୫ରେ ପାରସ୍ପରିକ ବାଣିଜ୍ୟ ଏବଂ ଶୁଳ୍କ ଉପରେ ଏକ ସ୍ମାରକପତ୍ର ଜାରି କରିଥିଲା, ଯାହା ଆମେରିକାର ବାଣିଜ୍ୟ ସଚିବ ଏବଂ ଆମେରିକାର ବାଣିଜ୍ୟ ପ୍ରତିନିଧିଙ୍କୁ ବାଣିଜ୍ୟିକ ଅଂଶୀଦାରମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଯେକୌଣସି ବ୍ୟବସ୍ଥା ଦ୍ୱାରା ଆମେରିକାକୁ ହୋଇଥିବା ଯେକୌଣସି କ୍ଷତିର ତଦନ୍ତ କରିବାକୁ ସକ୍ଷମ କରିବ।



ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସମୟରେ, ଦୁଇ ଦେଶ ୨୦୩୦ ସୁଦ୍ଧା ପାରସ୍ପରିକ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ବ୍ୟତୀତ, ୨୦୨୫ ଶେଷ ସୁଦ୍ଧା ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ବାଣିଜ୍ୟ ନୀତି ସମ୍ପର୍କରେ ମନ୍ତ୍ରୀ ଜିତିନ ପ୍ରସାଦ କହିଛନ୍ତି ଯେ ଭାରତ ଏବଂ ଆମେରିକା ମଧରେ ବାଣିଜ୍ୟକୁ ଆହୁରି ଉନ୍ନତ କରିବା ପାଇଁ ନିରନ୍ତର ଆଲୋଚନା ଚାଲିଛି। ସେ କହିଥିଲେ ଯେ ଭାରତୀୟ କମ୍ପାନୀଗୁଡ଼ିକ ନୂତନ ବଜାର ଖୋଜୁଛନ୍ତି ଏବଂ ବ୍ୟବସାୟ ବିସ୍ତାର କରିବାକୁ ଚେଷ୍ଟା କରୁଛନ୍ତି।

## ପାନ ମସଲାର ବିଜ୍ଞାପନ କରି ଫସିଲେ ୩ ଅଭିନେତା

**ମୁମ୍ବାଇ, ୧୧।୩:** ବଲିଉଡର ସୁପରଷ୍ଟାର ଶାହରୁଖ ଖାନ, ଅଜୟ ଦେବଗନ ଏବଂ ଟାଇଗର ଶ୍ରଫ ଏକ ବିବାଦରେ ଫସି ଯାଇଛନ୍ତି।ବିମଲ ପାନ ମସାଲାର ଏକ ବିବାଦୀୟ ବିଜ୍ଞାପନକୁ ନେଇ ଜୟପୁର ଉପଭୋକ୍ତା ଫୋରମ୍ ଏହି ତିନି ଅଭିନେତାଙ୍କୁ ନୋଟିସ୍ ଜାରି କରିଛି।

ଜୟପୁର ଉପଭୋକ୍ତା ଫୋରମ୍ ଏହି ବିଜ୍ଞାପନକୁ ଗ୍ରାହକଙ୍କ ପାଇଁ ଭ୍ରାମକ ଏବଂ ପ୍ରତାରଣାପୂର୍ଣ୍ଣ ବୋଲି କହିଛି। ତିନିଜଣ ଅଭିନେତାଙ୍କ ବିରୋଧରେ ନୋଟିସ ଜାରି କରାଯାଇ ସେମାନଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲା ବିଜ୍ଞାପନର ଟ୍ୟାଗଲାଇନ୍, 'ଦାନେ ଦାନେ ମେ ହୈ କେସର କା ଦମ' ସମ୍ବନ୍ଧୀୟ ରହିଛି । ଏହି ଟ୍ୟାଗଲାଇନ୍‌କୁ ଭ୍ରାମକ ବୋଲି ବର୍ଣ୍ଣନା କରାଯାଇଛି। ଜୟପୁର ଜିଲ୍ଲା ଉପଭୋକ୍ତା ବିବାଦ ନିବାରଣ ଆୟୋଗ (କମିଶନ) କେବଳ ତିନିଜଣ ବଲିଉଡ୍ ଅଭିନେତାମାନଙ୍କୁ ନୁହେଁ ବରଂ ବିମଲ ପାନ ମସଲାର ନିର୍ମାତାମାନଙ୍କୁ ମଧ ନୋଟିସ୍ ଜାରି କରିଛି। କମିଶନର ଅଧ୍ୟକ୍ଷ ଗ୍ୟାରସିଲାଲ ମୀଣା ଏବଂ ସଦସ୍ୟ ହେମଲତା ଅଗ୍ରୱାଲଙ୍କ ଖଣ୍ଡପୀଠ ଏହି ନୋଟିସ ଜାରି କରିଛନ୍ତି। ନୋଟିସରେ ଅଭିନେତା ଏବଂ ବିମଲ ପାନ ମସଲାର ନିର୍ମାତାମାନଙ୍କୁ ମାର୍ଚ୍ଚ ୧୯ରେ ବ୍ୟକ୍ତିଗତ ଭାବରେ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ମାଧମରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି।



### ଇପିଏଫଓର ବଡ଼ ଘୋଷଣା

## ପିଏଫ ସଦସ୍ୟଙ୍କୁ ମାଗଣାରେ ମିଳିବ ୭ ଲକ୍ଷର ବୀମା

**ନୂଆଦିଲ୍ଲୀ,୧୧।୪:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ୨୩୭ତମ ବୈଠକରେ ଏମ୍ପ୍ଲଇଜ ଡିପୋଜିଟ ଲିଙ୍କଡ୍ ଇନ୍ସୁରାନ୍ସ (ଇଡିଏଲଆଇ) ଯୋଜନାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘୋଷଣା କରିଛି। ଚାକିରି ସମୟରେ ଦୁର୍ଘଟଣାଜନିତ ମୃତ୍ୟୁବରଣ କରୁଥିବା କର୍ମଚାରୀଙ୍କ ପରିବାରକୁ ଆର୍ଥିକ ଭାବରେ ସଶକ୍ତ କରିବା ଲକ୍ଷ୍ୟରେ ଏହି ସଂଶୋଧନ କରାଯାଇଛି। ଇଡିଏଲଆଇ ଯୋଜନା କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ଏକ ଅଂଶ ଏବଂ ଏହାକୁ ସାମାଜିକ ସୁରକ୍ଷା ଲାଭ ଭାବରେ ଲାଗୁ କରାଯାଇଛି। ଏହି ଯୋଜନା ଅନୁଯାୟୀ, ଯଦି କୌଣସି ଇପିଏଫ ସଦସ୍ୟ ଚାକିରି ସମୟରେ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଏ।




### ଇଡିଏଲଆଇ ଯୋଜନାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ

ସର୍ବନିମ୍ନ ବୀମା ଲାଭ। ପୂର୍ବରୁ, ଯଦି କୌଣସି କର୍ମଚାରୀଙ୍କ ଚାକିରିର ପ୍ରଥମ ବର୍ଷ ମଧରେ ମୃତ୍ୟୁ ହୁଏ, ତେବେ ପରିବାରକୁ ବୀମା ରାଶି ମିଳୁ ନ ଥିଲା। କିନ୍ତୁ ନୂତନ ନିୟମ ଅନୁଯାୟୀ, ସର୍ବନିମ୍ନ ୫୦,୦୦୦ଟଙ୍କାର ବୀମା ଲାଭ ମିଳିବ। ଏହା ଦ୍ୱାରା ପ୍ରତିବର୍ଷ ୫,୦୦୦ ରୁ ଅଧିକ ପରିବାର ଉପକୃତ ହେବେ। ଯଦି ଜଣେ ଇପିଏଫ ସଦସ୍ୟ ନିରନ୍ତର ସେବାର ଗୋଟିଏ ବର୍ଷ ପୂରଣ ନକରି ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ପରିବାରକୁ ସର୍ବନିମ୍ନ ୫୦,୦୦୦ଟଙ୍କା ବୀମା ରାଶି ଦିଆଯିବ ବୋଲି ଇପିଏଫଓ କହିଛି। ଅବଦାନ ନ ଥିବା ଅବଧି ପରେ ମଧ ଲାଭ ଉପଲବ୍ଧ ହେବ। ପୂର୍ବରୁ ଯଦି ଜଣେ ଇପିଏଫ ସଦସ୍ୟ ଇପିଏଫରେ ଅବଦାନ ରଖି ନଥିବା ସମୟରେ ମୃତ୍ୟୁବରଣ କରୁଥିଲେ, ତେବେ ତାଙ୍କ ପରିବାରକୁ ବୀମା ଲାଭ ମିଳୁ ନ ଥିଲା। ହେଲେ ଏବେ ନୂତନ ନିୟମ ଅନୁଯାୟୀ ଶେଷ ଅବଦାନର ଛଅ ମାସ ମଧରେ ଯଦି ଜଣେ କର୍ମଚାରୀଙ୍କ ମୃତ୍ୟୁ ହୁଏ ଏବଂ ତାଙ୍କ ନାମ କମ୍ପାନୀର ତାଲିକାରୁ ହଟାଯାଇ ନାହିଁ, ତେବେ ତାଙ୍କ ପରିବାର ଇଡିଏଲଆଇ ଲାଭ ପାଇବେ।।ସେବା ନିରନ୍ତରତା ସମ୍ପର୍କରେ ଆଶ୍ୱସ୍ତି। ପୂର୍ବରୁ ଚାକିରି ପରିବର୍ତ୍ତନ ସମୟରେ କିଛି ଦିନର ବ୍ୟବଧାନ ଥିଲେ ଏହାକୁ ନିରନ୍ତର ସେବା ଭାବରେ ବିବେଚନା କରାଯାଉ ନ ଥିଲା। ଏଥିଯୋଗୁ ପରିବାରଟି ସର୍ବନିମ୍ନ ୨.୫ ଲକ୍ଷରୁ ୭ ଲକ୍ଷ ପର୍ଯ୍ୟନ୍ତ ସୁବିଧାରୁ ବଞ୍ଚିତ ହେଉଥିଲା। ଯଦି ଦୁଇଟି ଚାକିରି ମଧରେ ଦୁଇ ମାସ ପର୍ଯ୍ୟନ୍ତ ବ୍ୟବଧାନ ଥିଲେ ମଧ, ଏହାକୁ ନିରନ୍ତର ସେବା ଭାବରେ ବିବେଚନା କରାଯିବ ଏବଂ ପରିବାରକୁ ଇଡିଏଲଆଇ ସୁବିଧା ମିଳିବ। ଏହି ପରିବର୍ତ୍ତନ ଦ୍ୱାରା ପ୍ରତିବର୍ଷ ୧,୦୦୦ ରୁ ଅଧିକ ପରିବାର ଉପକୃତ ହେବେ। ଇପିଏଫଓ ଦ୍ୱାରା କରାଯାଇଥିବା ଏହି ପରିବର୍ତ୍ତନଗୁଡ଼ିକ କର୍ମଚାରୀଙ୍କ ପରିବାରକୁ ଅଧିକ ସୁରକ୍ଷା ପ୍ରଦାନ କରିବ। ବିଶେଷକରି ଯେଉଁ କ୍ଷେତ୍ରରେ କର୍ମଚାରୀମାନେ ଚାକିରି ପରିବର୍ତ୍ତନ କରିବା ସମୟରେ କିମ୍ବା ଇପିଏଫ ଅବଦାନରେ ବାଧା ସୃଷ୍ଟି ହେବା ଯୋଗୁ ସୁବିଧାରୁ ବଞ୍ଚିତ ହେଉଥିଲେ।

## ନଅ ମାସରେ ୨୧ହଜାର କୋଟି ଋଣ

### ଖୋଲା ବଜାରରୁ ୯ହଜାର କୋଟି

**ଭୁବନେଶ୍ୱର, ୧୧।୩:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ବିଭିନ୍ନ ଉତ୍ସରୁ ୨୧ହଜାର କୋଟି ଟଙ୍କାର ଋଣ କରିଛନ୍ତି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ସୂଚନା ଦେଇଛନ୍ତି। ଗତବର୍ଷ ଜୁନ୍‌ରୁ ଚଳିତ ବର୍ଷ ଫେବ୍ରୁଆରି ଶେଷ ସୁଦ୍ଧା ସରକାର ୨୧,୧୭୭ କୋଟି ଟଙ୍କାର ଋଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଖୋଲା ବଜାରରୁ ସରକାର ୯୦୦୦ କୋଟି ଟଙ୍କାର ଋଣ ଆଣିଥିବା ବେଳେ କେନ୍ଦ୍ର ସରକାରଙ୍କଠାରୁ ୭,୧୪୯.୫୬ କୋଟି ଟଙ୍କା ଆଣିଛନ୍ତି। ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ)ଠାରୁ ୨,୨୬୧.୧୬ କୋଟି ଟଙ୍କା, ଓମ୍ବାଡ୍‌ସିରୁ ୨୭୫୦ କୋଟି ଟଙ୍କା, କାମ୍ପା ପାଣ୍ଠିରୁ ୨୩୭୦ କୋଟି ଟଙ୍କା ଏବଂ ଭବିଷ୍ୟନିଧି ପାଣ୍ଠିରୁ ୨୩୫୨.୭୩ କୋଟି ଟଙ୍କାର ଋଣ ଅଣାଯାଇଥିବା ଜଣାପଡ଼ିଛି। ଋଣକୁ ଜଳସେଚନ, ଶକ୍ତି, ସଡ଼କ ଯୋଗାଯୋଗ, ବିପର୍ଯ୍ୟୟ ପରିଚାଳନା ଓ ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ବ୍ୟବହାର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଗତ ୯ ମାସ ମଧରେ ରାଜ୍ୟ ସରକାର ୧୪,୭୯୦ କୋଟି ଟଙ୍କାର ଋଣ ପରିଶୋଧ କରିଛନ୍ତି।



## ତମାଖୁରୁ ୬୫୯୫ କୋଟି ରାଜସ୍ୱ

**ଭୁବନେଶ୍ୱର, ୧୧।୩:** ରାଜ୍ୟସରକାର ୧୦ବର୍ଷ ମଧରେ ପାନ ମସଲା, ଗୁଟ୍‌ଖା ଓ ତମାଖୁ ଉତ୍ପାଦରୁ ୬୫୯୫.୫୫ କୋଟି ଟଙ୍କାର ଟିକସ ଆଦାୟ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଦେଇଥିବା ସୂଚନା ଅନୁସାରେ କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ଫେବ୍ରୁଆରି ସୁଦ୍ଧା ଏହି ଉତ୍ପାଦଗୁଡ଼ିକରୁ ୧୦୪୭.୮୨ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ୨୦୧୪-୧୫ରେ ସେ ବାବଦରେ ମାତ୍ର ୧୭୪.୭୧ କୋଟି ଟଙ୍କାର ଟିକସ ଆସିଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ଟିକସ ସଂଗ୍ରହରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ୨୦୨୩-୨୪ରେ ୧୦୧୨.୫୬ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ରାଜ୍ୟରେ ବିକ୍ରି ହେଉଥିବା ପାନ ମସଲା ଓ ତମାଖୁ ଉତ୍ପାଦଗୁଡ଼ିକୁ ୧୬ଟି ରାଜ୍ୟରୁ ଆମଦାନି କରାଯାଉଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଓଡ଼ିଶାରେ ବିକ୍ରି ହେଉଥିବା ତମାଖୁ ଉତ୍ପାଦଗୁଡ଼ିକ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଦିଲ୍ଲୀ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧପ୍ରଦେଶ, ମହାରାଷ୍ଟ୍ର, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସୁଛି।



## ମହିଳାମାନଙ୍କୁ ରୋଜଗାର ଦେବା ଜରୁରୀ




**ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ):** ମହିଳାମାନଙ୍କୁ କେନ୍ଦ୍ର ବା ରାଜ୍ୟ ସରକାର ଦୟାକରି ଆର୍ଥିକ ସାହାଯ୍ୟ ଦେବା ଏକ ସ୍ଥାୟୀ ସମାଧାନ ନୁହେଁ। ଆମ ଦେଶରେ ଥିବା ଅଗଣିତ ଅଶିକ୍ଷିତ ଓ ବୈଷୟିକ ଜ୍ଞାନ ଓ ଯୋଗ୍ୟତା ନଥିବା ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ନିଯୁକ୍ତି ଓ ରୋଜଗାର ବ୍ୟବସ୍ଥା କଲେ ମହିଳାମାନେ ସ୍ୱାବଲମ୍ବି ହୋଇପାରିବେ ବୋଲି ଆଜି ପୂର୍ବାହ୍ନରେ ବ୍ରହ୍ମପୁର ଠାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ମହିଳା ସାମୁଖ୍ୟ ତରଫରୁ ସଭାନେତ୍ରୀ ଶ୍ରୀମତୀ ପ୍ରଣତୀ ମିଶ୍ରଙ୍କ ପୌରହିତରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ଆୟୋଜିତ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ଓଡ଼ିଶାରେ ଗତ ୮ ମାସ ମଧ୍ୟରେ ରେଜିଷ୍ଟ୍ରି ହୋଇଥିବା ମହିଳାମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଦୋଷିମାନଙ୍କୁ ଦଣ୍ଡ ଦେବା, ନିଯୁକ୍ତି ଓ ରୋଜଗାରରେ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦେବା ଓ ସମସ୍ତ ସରକାରୀ ଚାକିରୀରେ ସଂରକ୍ଷଣ ଦେବା ପାଇଁ ଏହି ସଭାରେ ଦାବି କରାଯାଇଥିଲା। ସଂସଦରେ ପାସ୍ ହୋଇଥିବା ବିଧାନ ସଭା ଓ ଲୋକସଭା ପାଇଁ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ଦାବି କରାଯାଇଥିଲା। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ଜିଲ୍ଲା ସଭାପତି ଭୋକାଲି ସେଠୀ, ଚିନ୍ମୟ ହୋତା, ବିଷ୍ଣୁପ୍ରିୟା ରଥ, ଅଞ୍ଜନା ମହାପାତ୍ର, ସିଲି ସେଠୀ, ଏଲିସ୍ ମିଞ୍ଜ୍, ବାସନ୍ତ ସାମଲ, ଅନିତା ସ୍ୱାଇଁ, ଆରତି ସ୍ୱାଇଁ, ଅହଲ୍ୟା ଦଳେଇ, ଆଶା ମିଞ୍ଜ, ତପତି ଦତ, ସୁଚିତ୍ରା ଦାସ, ବିଜୟ ଦ୍ୱିବେଦୀ, ସୁଧାଂଶୁ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଭାଟବାହାଲି ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ସୁବର୍ଣ୍ଣପୁର,୧୧।୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ତମାମୁରା କ୍ଲଷ୍ଟର ଅନ୍ତର୍ଗତ ଭାଟବାହାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ୱାର୍ଡ ସଭ୍ୟ ନରେନ୍ଦ୍ର ପଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ତମାମୁରା ସରପଞ୍ଚ ପ୍ରତିନିଧି ରାଜେନ୍ଦ୍ରନାରାୟଣ ଶତପଥି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିବା ସହ ବିଦ୍ୟାଳୟ ର ସର୍ବାଙ୍ଗୀନ ଉନ୍ନତି ପାଇଁ ଅବିଭାବକ ଙ୍କ ସହଯୋଗ ର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସିଆରସିସି ଶୁଭଲାଲ ସାହୁ ମୁଖ୍ୟ ବକ୍ତା, ଭାଟବହାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶଶିଭୂଷଣ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦେଇ ଉତ୍ସାହିତ କରିଥିଲେ। ଶିକ୍ଷକ ପ୍ରଦୀପକୁମାର ଭୁକ୍ତା ସଭା ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ଅରବିନ୍ଦ ପଧାନ ବିବରଣୀ ପଠନ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ସୁରେଶକୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ରୀ ମାମିନା ନାଏକ ଓ ପୁଷ୍ପାଞ୍ଜଳୀ ପାତ୍ର ଙ୍କ ତତ୍ତ୍ୱାବଧାନ ରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ଙ୍କ ମନ ମୋହିଥିଲା ।

## ଗଡ଼ମାଟିଆପଡ଼ାରେ ସମନ୍ୱୟ ବୈଠକ

**କଣାସ,**୧୧।୩ (ସଂଚାର ବ୍ୟୁରୋ): ପରମ୍ପରା ସଂସ୍କୃତି ରକ୍ଷା କ୍ଷେତ୍ରରେ ଦୋଳ ମେଳଣ ଆଜି ଯାଏଁ ଗ୍ରାମାଞ୍ଚଳରେ ଏକ ଉଲ୍ଲେଖ ଭୂମିକା ଗ୍ରହଣ କରିଆସୁଛି। ଶାନ୍ତି ଶୃଙ୍ଖଳାରେ ଗାଁ ପରିବେଶ ଓ ସଂହତି ରକ୍ଷା ହେଲେ ଦେଶ ରେ ଶାନ୍ତି ସୁଦୃଢ଼ ହୋଇପାରିବ ବୋଲି କଣାସବ୍ଲକ ଗଡ଼ମାଟି।। ପଡ଼ା ଗ୍ରାମ୍ୟ କମିଟ ବୈଠକରେ ଆଜି ମୁଖ୍ୟ ଅତିଥୀଭାବେ କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।ଏହି ସମ୍ମନୟ ବୈଠକରେ ଆସନ୍ତା ୧୮ ଓ ୧୯ ତାରିଖରେ ଦୁଇଦିନ ଧରି ଗଡ଼ମାଟିଆପଡ଼ାର ପୁରାତନ ମେଳଣ ଶାନ୍ତିଶୃଙ୍ଖଳାର ସମାହିତ କରିବାକୁ ମୁଖ୍ୟ ଅତିଥୀ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥୀ ଏହି ଅବସରେ ଗ୍ରାମ୍ୟ କମିଟ ସଭ୍ୟମାନଙ୍କୁ ଟି ସାର୍ଟ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁପଶ୍ରୀ ଛୋଟରାୟ ଓ ସତ୍ୟବାନ ଶ୍ରୀଚନ୍ଦନ ଗ୍ରାମବାସୀଙ୍କୁ ସଂହତି ରକ୍ଷା ପାଇଁ ପରାମର୍ଶ ଦେଇଥିଲେ।

## ରେଖପୁର ନଗର ପରିକ୍ରମା କଲେ ରାଧାକୃଷ୍ଣ

ନର୍ଲା,୧୧।୩ (ସଂଚାର ବ୍ୟୁରୋ): ନର୍ଲା ବ୍ଲକ ଅନ୍ତର୍ଗତ ରେଖପୁର ଗ୍ରାମରେ ଚାଲିଛି ନବ ନିର୍ମିତ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ। ମଙ୍ଗଳବାର କାର୍ଯ୍ୟକ୍ରମର ପଞ୍ଚମ ଦିବସରେ ଦେବତା ଗ୍ରାମ୍ୟ ପରିକ୍ରମା, ଚକ୍ର ଭ୍ରମଣ ସହ ଧ୍ୱଜା ସ୍ଥାପନ ଓ ବିଗ୍ରହଙ୍କ ସିଂହାସନ ଆରୋହଣ, ଅଞ୍ଜଳ ପ୍ରତିଷ୍ଠା, ଘୃତ ଯଜ୍ଞର ପୂର୍ଣ୍ଣାହୁତି ଏବଂ ୨୪ ପ୍ରହର ନାମ ଯଜ୍ଞ ପାଇଁ ଶୁଭାଧିବାସ ଆଦି ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଏକ ସୁସଜ୍ଜିତ ବିମାନରେ ଆରୋହଣ କରି ରେଖପୁର ଗ୍ରାମ ପରିକ୍ରମା କରିଥିଲେ। ମହିଳାମାନେ ଶ୍ରୀ ବିଗ୍ରହଙ୍କୁ ବନ୍ଦାପନା କରି ପରିବାରର ଶୁଭ ମନାସିଥିଲେ। ଛତ୍ରପୁରର ପଣ୍ଡିତ ମନୋଜ କୁମାର ସତପଥି ଏବଂ ସାଥି ପ୍ରତିଷ୍ଠା କାର୍ଯ୍ୟକ୍ରମର ପ୍ରତିଟି ପର୍ଯ୍ୟାୟ ସୂଚାରୁରୂପେ ସଂପାଦନ କରୁଛନ୍ତି। ଏଥିରେ ମୁଖ୍ୟ କର୍ତ୍ତା ଭାବେ ରେଖପୁର ଗୌନ୍ତିଆ ଟଙ୍କଧର ଭୋଇଙ୍କ ସୁପୁତ୍ର ତର୍ଜିନ ଭୋଇ ଏବଂ ପୁତ୍ରବଧୂ ବାସନ୍ତୀ ଭୋଇ, ଅନ୍ୟତମ କର୍ତ୍ତା ଭାବେ ସାନ ଗୌନ୍ତିଆ ସ୍ୱର୍ଗତ କାମଦେବ ଭୋଇଙ୍କ କନିଷ୍ଠ ପୁତ୍ର ଗୁଣନିଧି ଭୋଇ ଏବଂ ପୁତ୍ରବଧୂ ରାଜଶ୍ରୀ ଭୋଇ, ଟିକେରାମ ଭୋଇ ଓ ତାଙ୍କ ଧର୍ମପତ୍ନୀ ଶୋଭାବତୀ ଭୋଇ, ଦୟାନିଧି ଭୋଇ ଓ ତାଙ୍କ ଧର୍ମପତ୍ନୀ ପ୍ରମିଳା ଭୋଇ, ଶ୍ୟାମ ଭୋଇ ଓ ତାଙ୍କ ଧର୍ମପତ୍ନୀ ଦମୟନ୍ତୀ ଭୋଇ କାର୍ଯ୍ୟ ସଂପାଦନ କରୁଛନ୍ତି। ରାଧାକୃଷ୍ଣ ମନ୍ଦିର ନିର୍ମାଣ କମିଟି ସଭାପତି ଲୋହିତ ପ୍ରସାଦ ଭୋଇ, ସାଧାରଣ ସମ୍ପାଦକ ଲବିନ୍ଦ୍ର ସେଲମା, କୋଷାଧ୍ୟକ୍ଷ ମୋହନ ଭୋଇ, ମନ୍ଦିର ପ୍ରତିଷ୍ଠା ଏବଂ ପରିଚାଳନା କମିଟି ସଭାପତି ନାରାୟଣ ସେଲମା, ଉପସଭାପତି ଯୁଧିଷ୍ଠିର ଭୋଇ, ସମ୍ପାଦକ ଗୁଣମଣି ଭୋଇ, ଯୁଗ୍ମ ସଂପାଦକ ସତ୍ୟଧର୍ମ ଭୋଇ, କୋଷାଧ୍ୟକ୍ଷ କ୍ଷୀତିଶ ଚନ୍ଦ୍ର ପୋଡ଼, ଉପକୋଷାଧ୍ୟକ୍ଷ ଟିକେରାମ ଭୋଇଙ୍କ ସହ ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ଅଚଳ ହୋଇ ପଡ଼ିରହିଛି 'ବସୁଧା', ମରାମତି ଦାବି

**କନ୍ଧମାଳ,୧୧।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରୁ ମୃତ୍ୟୁଞ୍ଜୟ ଦିଗାଲ ଙ୍କରିପୋର୍ଟ କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ବଣ୍ଡଗୁଡ଼ା ଗ୍ରାମକୁ ବସୁଧା ଯୋଜନା ମାଧ୍ୟମରେ ଘରକୁ ଘର ପାଇପ୍ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେଇଛନ୍ତି କିନ୍ତୁ ବଣ୍ଡଗୁଡ଼ା ପାତ୍ର ସାହି ବିନ୍ଧାଣୀ ସାହି ବାସୀ ଅଭିଯୋଗ ମୁତାବକ ଘରକୁ ଘର ଦିଆଯାଇଛି ସତ କିନ୍ତୁ ବର୍ତ୍ତମାନ ତାହା କେତେକ ସ୍ଥାନରେ ଅଚଳ ହୋଇ ପଡ଼ିରହିଛି ଦୀର୍ଘ ଦିନରୁ ପାଇପ୍ ବହୁ ଯାଗାରେ ଅଖା ବସ୍ତା ପଶି ଷ୍ଟୋକ୍ ହୋଇ ଯାଇଥିବାରୁ କେତେକ ସ୍ଥାନରେ ପାଣି ପହଞ୍ଚି ପାରୁନଥିବା କହିଛନ୍ତି ବଣ୍ଡଗୁଡ଼ା ସାହି ର ଲୋକ ପାତ୍ର ସାହି ଏବଂ ବିନ୍ଧାଣୀ ସାହି ଟୋପାଏ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଇଥିବା ଅଭିଯୋଗ କରିଛନ୍ତି ତିନୋଟି ସାହିରେ ୪୦ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏଠି ପାଣି ସମସ୍ୟା ରହିଛି ଏହି ସାହିରେ ଦୁଇଟି ନଳକୂପ ରହିଛି ସତ କିନ୍ତୁ ସହ ସର୍ଫସେଣ୍ଟ ହୋଇ ପାରୁନି ଏହି ପାଣି ସମସ୍ୟା କୁ ନେଇ ଦୁଇଟି ସାହି ବାସୀ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ଦୁଇଟି ସାହି ବାସୀ ଅଭିଯୋଗ କରିଛନ୍ତି ଏଠି ପ୍ରଶ୍ନ ଉଠୁଛି ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରି ଅଞ୍ଚଳ ବିକାଶ ପାଇଁ ବସୁଧା ଯୋଜନା ମାଧ୍ୟମରେ ଘରକୁ ଘର ଜଳ ଯୋଗାଇ ଦେଉଥିବା ବେଳେ ଦାୟିତ୍ୱ ରେ ଥିବା ଯନ୍ତ୍ରୀ ଙ୍କ ଅବହେଳା ଯୋଗୁଁ ପାଇପ୍ ଥାଇ ମଧ୍ୟ କେତେକ ସ୍ଥାନରେ ଅଚଳ ହୋଇ ପଡ଼ିରହିଛି ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କିଭଳି ତୁରନ୍ତ ପାଇପ୍ ଗୁଡ଼ିକ ମରାମତି କରି ସଠିକ ଭାବେ ବଣ୍ଡଗୁଡ଼ା ଦୁଇଟି ସାହିବାସୀ ପାନୀୟ ଜଳ ପାଇ ପାରିବେ ସେଥି ପ୍ରତି ଦୃଷ୍ଟି ଦେବାପାଇଁ ସାହି ବାସୀ ଦାବି କରିଛନ୍ତି।



## ଧାନ କିଣା ପ୍ରସଙ୍ଗରେ ଗର୍ଜିଲା ନବନିର୍ମାଣକୃଷକ ସଂଗଠନ

- ରଣ କ୍ଷେତ୍ର ପାଲଟିଲା ବିଧାନସଭା ସାମ୍ନା
- ବିକ୍ଷୋଭ ସ୍ଥଳରେ ଅସୁସ୍ଥ ହେଲେ ଅକ୍ଷୟ କୁମାର
- ବିଜେଡ଼ି ରାଜ୍ୟ ନେତୃତ୍ୱ ଚାଷୀ ଆନ୍ଦୋଳନକୁ ସମର୍ଥନ



**ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ):** ଦୀର୍ଘ ୨୪ଦିନ ଧରି କୁହୁଳୁ ଥିବା ଅସନ୍ତୋଷ ଆଜି ବିସ୍ଫୋରକ ରୂପ ନେଇଥିଲା। ସମବାୟ ସଂପାଦକ, ମଣ୍ଡି ଦଲାଲ, ମିଲର ସମସ୍ତେ ମିଶି ତମାମ ରାଜ୍ୟରେ ପ୍ରତି ଚାଷୀଙ୍କ ଧାନ ଉପରୁ କ୍ୱିଣ୍ଟାଲ ପିଛା ୫ରୁ ୧୦ କେଜି କାଟି ନେଉଛନ୍ତି। ଏହାରି ବିରୁଦ୍ଧରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅନଶନରେ ବସିଥିଲେ। କ୍ରମାଗତ ୨୪ ଦିନ କାଳ ଅନଶନରେ ବସିବା ପରେ ମଧ୍ୟ ମୋହନ ସରକାରଙ୍କର ଜଣେ ବି ମନ୍ତ୍ରୀ କି ଅଫିସର ଆଲୋଚନା ପାଇଁ ଆସିନଥିଲେ। କେବଳ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ଜିଲ୍ଲା ସ୍ତରୀୟ ଅଫିସରମାନେ ଆଲୋଚନା ପାଇଁ ଆସିଥିଲେ। କିନ୍ତୁ ପ୍ରକୃତରେ ଯେଉଁମାନେ ଏ ଦୁର୍ନିତୀରେ ସଂପୃକ୍ତ ବା ଯେଉଁ ନିର୍ଦ୍ଦିଷ୍ଟ ବିଭାଗର ମନ୍ତ୍ରୀ ଓ ସଚିବମାନେ ଏହି ଦୁର୍ନିତୀରେ ନିର୍ଣ୍ଣାୟକ ଭୂମିକା ନେଇପାରିବେ, ସେମାନେ ଏ ପର୍ଯ୍ୟନ୍ତ ଧରା ଛୁଆଁ ଦେଲେନି। ସରକାର ଆଲୋଚନାକୁ ନଆସିବାରୁ ଅକ୍ଷୟ କୁମାର ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ ଯେ, ସରକାର ଆଲୋଚନାକୁ ଆସିଲେ ନାହିଁ, ଆମେ ଆଲୋଚନା ପାଇଁ ପଦଯାତ୍ରାରେ ସରକାରଙ୍କ ପାଖକୁ ଯିବା। ଆଜି ଏହି ପଦଯାତ୍ରା ବାହାରିବା ପୂର୍ବରୁ ପ୍ରାୟ ସକାଳ ୯ଟା ବେଳେ ଯୁବଛାତ୍ର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀଙ୍କୁ ପୋଲିସ କୌଶଳ କରି ଉଠାଇନେଇଥିଲା। ଏହାକୁ ନେଇ ସଂଗଠନ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଚାଷୀମାନେ କିଭଳି ଲୋୟର୍ ପିଏମଜି ଆଡ଼କୁ ଆଗ୍ରସର ହୋଇ ନପାରିବେ ସେଥିପାଇଁ ପୋଲିସ ନବନିର୍ମାଣ ରାଜ୍ୟ କାର୍ଯ୍ୟାଳୟ ଚାରି ପାଖରେ ପୋଲିସ ବ୍ୟାରିକେଟର ବ୍ୟବସ୍ଥା କରିଥିଲା। ହେଲେ ଚାଷୀମାନେ ହନୁମାନ ଭଳି ବ୍ୟାରିକେଟକୁ ଡେଇଁ ନବନିର୍ମାଣ ରାଜ୍ୟ କାର୍ଯ୍ୟାଳୟରେ ସମସ୍ତ ଚାଷୀମାନେ ସେଠାରେ ପହଞ୍ଚିଥିଲେ। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଯୋଗଦେଇ ପଦଯାତ୍ରାରେ ବାହାରିଥିଲେ। ପ୍ରଥମେ ନୂଆ ବିଏମସି ଅଫିସ ନିକଟରେ ପୋଲିସ ଚାଷୀମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ଚାଷୀମାନେ ପୋଲିସ ବ୍ୟାରିକେଟକୁ ଫୋପାଡ଼ି ରାମ ମନ୍ଦିର ରାଜ ରାସ୍ତାରେ ଯାଇ ସିଧା ମାଷ୍ଟର କ୍ୟାଣ୍ଟିନ ଚାଲିଥିଲେ। ପରେ ମାଷ୍ଟର କ୍ୟାଣ୍ଟିନ ଦେଇ ଲୋୟର ପିଏମଜି ଭିତରକୁ ପ୍ରବେଶ କରିବେ ବୋଲି ପୋଲିସ ଚାଷୀଙ୍କୁ ଅବରୋଧ କରିବା ପାଇଁ ସମସ୍ତ କୌଶଳ ଅବଲମ୍ବନ କରିଥିଲେ ହେଁ ଚାଷୀମାନେ ପୋଲିସକୁ ଚକମା ଦେଇ ମାଷ୍ଟର କ୍ୟାଣ୍ଟିନ ଆରପଟ ଗଳି ଭିତର ରାସ୍ତା ଦେଇ ବିଧାନସଭା ଆଡ଼କୁ ମୁହାଁଇ ଥିଲେ। ପୋଲିସର ବ୍ୟାରିକେଟ, ପାଣି ମାଡ଼, ବର୍ଜର ମାଡ଼ ଆଦି ସମସ୍ତ କୌଶଳ ଚାଷୀଙ୍କ ସାମ୍ନାରେ ଫେଲ୍ ମାରିଥିଲା।

## ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା



**ସୁବର୍ଣ୍ଣପୁର,୧୧।୩(ସଂଚାର ବ୍ୟୁରୋ):** ମହିଳାଙ୍କୁ ସଶକ୍ତ, ତଥା ରାଜ୍ୟ ଓ ଦେଶର ଅର୍ଥନୈତିକ ବିକାଶରେ ସହଯୋଗୀ ହେବାକୁ ଆଜି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତରଫରୁ ଏକ ଦିବସିୟ ଲକ୍ଷ ପତି ଦିଦି କର୍ମଶାଳା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୋନପୁର ଟାଉନ ହଲ ଠାରେ ଅନୁଷ୍ଠିତ ଏହି କର୍ମଶାଳାରେ ଡି ଏଫ ଓ, ଡି ଏସ ଡବ୍ଲୁ ଓ, କେ ଭି କେ କୃଷି ବୈଜ୍ଞାନିକ, ସି ଡି ଭି ଓ, ଏଲ ଡି ଏମ, ଆର ଏସ ଇ ଟି ଆଇ ନିର୍ଦ୍ଦେଶକ, ସିଡ଼ିଏ ଓ, ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳା ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗୀୟ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ସିଏସ ଏସ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ମାନେ ସେମାନଙ୍କ ସଫଳ କାହାଣୀ ବ୍ୟକ୍ତ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।ପରେ ପରେ ଲଖପତି ଦିଦି ମାନଙ୍କ ଦ୍ୱାରା ଗୀତ, ସଙ୍ଗୀତ, ନାଚ, କବିତା ଆବୃତ୍ତି, କ୍ଷୁଦ୍ର ନାଟକ ଆଦି ପରିବେଷଣ କରାଯାଇଥିଲା। ଏହି କର୍ମଶାଳାରେ ଏଫ ଏଲ ସି, ଡି ପି ସି ମିଶନ ଶକ୍ତି, ଓ ଏଲ ଏମ, ମିଶନ ଶକ୍ତି ଅଧିକାରୀ ସମେତ ଜିଲ୍ଲା ର ସମସ୍ତ ସି ଆର ପି, ଏମ ବି କେ, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର, କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ଲକ୍ଷ ପତି ଦିଦି ପ୍ରମୁଖ ଯୋଗଦାନ କରିଥିଲେ। ବିଭିନ୍ନ କ୍ଷେତ୍ର ରେ କୃତିତ୍ୱ ଅର୍ଜନ କରିଥିବା ସ୍ୱୟଂ ସଭ୍ୟା ମାନଙ୍କୁ ପୁରସ୍କୃତ କରି ପ୍ରେରଣା ଯୋଗାଇ ଦିଆ ଯାଇଥିଲା।

## ଚବିଶ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ଖପ୍ରାଖୋଲ,୧୧।୩ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଲାଠୋର ଗ୍ରାମବାସୀ ଙ୍କ ଆନୁକୂଲ୍ୟ ରେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ସକାସେ କଳସ ଶୋଭାଯାତ୍ରା ଓ ଅଧିବାସ ଗତକାଲି ସୋମବାର ଦିନ କରାଯାଇଥିଲା । ମହିଳା ମାନେ ଗ୍ରାମର ମୁଖ୍ୟ ପୋଖରୀ ରୁ ପୂଜାର୍ଚ୍ଚନା ପୂର୍ବକ ଘଣ୍ଟ ଶଙ୍ଖ, ସଂକୀର୍ତ୍ତନ ଦଳ ସହ ଜଳପୂର୍ଣ୍ଣ ମାଟି ଘଟ ଯଜ୍ଞ ମଣ୍ଡପକୁ ଆଣିସ୍ଥାପନ କରିଥିଲେ । ଆଜି ମଙ୍ଗଳବାର ଦିନ ପୂର୍ବାହ୍ନ ୧୦:୨୫ ରୁ ନାମ ଆରମ୍ଭ କରାଯାଇଛି ଯାହାକି ତା ୧୪।୦୩।୨୦୨୫ ରିଖ ଶୁକ୍ରବାର ଦିନ ପୂର୍ଣ୍ଣାହୁତି ହେବ । ନାମଯଜ୍ଞ ପାଇଁ ଏକ ଯଜ୍ଞ କମିଟି ଗଠନ କରାଯାଇଛି । ସଭାପତି ଶଙ୍କର ଅଗ୍ରୱାଲ, ଉପ-ସଭାପତି ସନ୍ତୋଷ କୁମାର ଭଇଁସାଲ ଓ ସମ୍ପାଦକ ସନ୍ତୋଷ ବିଶି ଶବର ରହିଥିବା ବେଳେ ଜଗନ୍ନାଥ ପ୍ରସାଦ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ଦଶରଥ ପାଣିଗ୍ରାହୀ, ମାନସିଂ ମେହର, ରାମଜୀ ମେହେର, ବାଲେ ମେହେର, ସୁଧାଂଶୁ ଖମାରୀ, ଶେଷ ଦେବ ଭଇଁସାଲ ଓ ପ୍ରତ୍ୟେକ ପଡ଼ାର ଲୋକେ ସହଯୋଗ କରୁଛନ୍ତି। ଯଜ୍ଞ ର ମୁଖ୍ୟ ପୂଜକ ସୁବାସ ଦାଶ ସହିତ ଗଗନ ଦାଶ, ତ୍ରିନାଥ ଦାଶ ଓ ପିଣ୍ଟୁ ଷଡ଼ଙ୍ଗୀ ରହିଥିବା ବେଳେ କର୍ତ୍ତା ଭାବେ ଅମୃତ ସିଂ ମେହେର ପତ୍ନୀ ସତ୍ୟଭାମ ରହିଛନ୍ତି । ମହାମନ୍ତ୍ର ଗାନ ପାଇଁ ବଲାଙ୍ଗିର, ବରଗଡ ନୂଆପଡା, କଳାହାଣ୍ଡି ଜିଲ୍ଲା ଓ ଛତିଶଗଡ ରାଜ୍ୟର ମୋଟ ୧୭ ଟି କୀର୍ତନ ଦଳ ଭାଗ ନେଇଛନ୍ତି ସେଥି ମଧ୍ୟ ରୁ ୪ ଟି ମହିଳା କୀର୍ତ୍ତନ ଦଳ ରହିଛନ୍ତି ବୋଲି କମିଟି ତରଫରୁ ଜଣା ପଡିଛି । ସୁସଜ୍ଜିତ ତୋରଣ ଓ ଆଲୋକ ମାଳାରେ ଯଜ୍ଞ ମଣ୍ଡପ କୁ ସଜାଯାଇଥିବା ଦେଖା ଦେଇଛି ।

## କେନାଲକୁ ଓଲଟିଲା ପିସିଆର ଭ୍ୟାନ, ୩ କର୍ମଚାରୀ ଆହତ



**ବାଲିଅନ୍ତା/ହଂସପାଳ,୧୧।୩ (ସଂଚାର ବ୍ୟୁରୋ):** ଅଭୟମୁଖୀ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ପାରିବାସୁଦେଈପୁର ନିକଟରେ ବାଲିଅନ୍ତା ଥାନା ପିସିଆର ଭ୍ୟାନ ଗୋପବ୍ରାଞ୍ଚ କେନାଲକୁ ଓଲଟିପଡ଼ିବାରୁ ଗାଡ଼ିଭିତରେ ଚାପି ହୋଇ ଚାଳକ ସମେତ ୩ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତ ପୁଲିସ କର୍ମଚାରୀମାନେ ହେଲେ ବୁଦ୍ଧିଆ ମୁର୍ମୁ, ଏମ ଆଜାମ ଓ ସୁନୀଲ କୁମାର ସେଠୀ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ୩ ଜଣଯାକ କର୍ମଚାରୀଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ବାଲିଅନ୍ତା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ପିସିଆର ଭ୍ୟାନକୁ କ୍ରେନ ସହାୟତାରେ ଉଠାଇ ଥାନାକୁ ନେଇଥିଲା। ସୂଚନା ଅନୁସାରେ ଉପରୋକ୍ତ ପିସିଆର ପୁଲିସ ପ୍ରତାପରୁଦ୍ରପୁର ଅଭିମୁଖେ ପାଟ୍ରୋଲିଂ ନେଇ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇ ଗୋପ ବ୍ରାଞ୍ଚ କେନାଲକୁ ଓଲଟିପଡ଼ିଥିଲା। ଫଳରେ ସେମାନଙ୍କ ଅବସ୍ଥା ସଂକଟାପର୍ଣ୍ଣ ହୋଇପଡ଼ିଥିଲା।

## ରାସ୍ତା ନିର୍ମାଣ ଦାବିରେ ପୃଥକ୍ ରାସ୍ତାରୋକ୍ ଯାତ୍ରୀ ହନ୍ତସନ୍ତ

**ନୀଳଗିରି,୧୧।୩(ସଂଚାର ବ୍ୟୁରୋ):** ରାସ୍ତାନିର୍ମାଣକୁ ନେଇ ନୀଳଗିରି ବଉଳଗଡିଆ ରାସ୍ତାର ବାଉଁଶବଣିଆ ଓ ବାରାକୋଇଲି ଛକରେ ପୃଥକ ପୃଥକ ଭାବେ ରାସ୍ତାରୋକ୍ କରାଯିବା ଫଳରେ ଉକ୍ତରାସ୍ତାରେ ଯାତାୟାତ କରୁଥିବା ଶହଶହ ଯାନବାହନ, ସାଧାରଣଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ, ଧାରଣା, ପ୍ରତିବାଦ କରାଯାଇଥିଲେ ମଧ୍ୟ ରାଜ୍ୟସରକାର କିମ୍ବା ପ୍ରଶାସନ କର୍ଣ୍ଣଗୋଚର ନକରିବା ଫଳରେ ମଙ୍ଗଳବାର ପୂର୍ବାହ୍ନ ୬ଘଟିକାରୁ ନୀଳଗିରି ଆଞ୍ଚଳିକ କୃଷକସଭା ଆବହାନରେ ମୁଖ୍ୟରାସ୍ତା ଅବରୋଧ କରାଯାଇଛି। ମୁଖ୍ୟତଃ ଉକ୍ତ ରାସ୍ତାଦେଇ ଦୈନନ୍ଦିନ ଶହଶହ ଭାରିଯାନ ଯିବାଆସିବା କରିବା ଫଳରେ ସ୍କୁଲ, କଲେଜ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ, ସାଧାରଣଜନତାଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଏପରିକି ଅଧିକାଂଶ ସମୟରେ ଦୁର୍ଘଟଣାର ଶିକାର ହୋଇ ଅନେକଙ୍କ ଜୀବନ ଯାଇଛି। ଇକୋସେନ୍ସେଟିଭ ଜୋନ ଅଞ୍ଚଳରେ ଏହି ରାସ୍ତାଯାଇଥିବାରୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇନପାରି ପଡିରହିଛି। ଫଳରେ ରାସ୍ତାର ନବୀକରଣ କିମ୍ବା ସମ୍ପ୍ରସାରଣ ହୋଇପାରୁନାହିଁ। ଜଙ୍ଗଲବିଭାଗ ମୁଖ୍ୟ ପ୍ରତିବନ୍ଧକ ସାଜିଥିବା କାରଣରୁ ରାସ୍ତା ପାଶ୍ୱର୍ରେ ଥିବା ବଡବଡ ଗଛ କଟା ଯାଇପାରିନାହିଁ। ଫଳରେ ରାସ୍ତାନିର୍ମାଣରେ ଏଭଳି ସମସ୍ୟା ଦେଖାଯାଇଥିବା କାରଣରୁ ଆଜିର ରାସ୍ତାରୋକ କରାଯାଇଥିବା ନେଇ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ସୂଚନା ଦେଇଛନ୍ତି।

## ବ୍ୟାସନଗରରେ ପାରିଷଦ ବର୍ଗଙ୍କ ଦସ୍ତଖତ ଯାଞ୍ଚ

### ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଥିଲା ପ୍ରସଙ୍ଗ



**ଯାଜପୁର ରୋଡ଼, ୧୧।୩(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରର ୨୬ ଗୋଟି ୱାର୍ଡରେ ଏବେ ଅନାସ୍ଥା ପ୍ରସଙ୍ଗ ରାଜନୀତି ଅଞ୍ଚଳର ଡବଲ ଇଞ୍ଜିନିର ବିକାଶ ଗାଡ଼ିରେ ବ୍ରେକ ଦେଉଛି ବୋଲି ରାଜନୈତିକ ସମୀକ୍ଷକ ମାନେ ଆଲୋଚନା କରୁଛନ୍ତି। ବ୍ୟାସନଗର ପୌରପରିଷଦର ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ ରାଜନୀତି ଏବେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁହାଁ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୌର କର୍ତ୍ତୃପକ୍ଷ ଅନାସ୍ଥା ପ୍ରସ୍ତାବରେ ଥିବା ପାରିଷଦଙ୍କ ଦସ୍ତଖତ ଯାଂଚ କରିଛନ୍ତି। ଖବରର ଆଧାରରୁ ପ୍ରକାଶ'ଯେ ଗତ ୬ ତାରିଖରେ ପୌରପରିଷଦର ଉପାଧ୍ୟକ୍ଷ ଶ୍ରୀ ସୁବାସ ଚନ୍ଦ୍ର ବଳ'ଙ୍କ ସମେତ ୨୦ଜଣ ପାରିଷଦ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଥିଲେ। ପୌରାଧ୍ୟକ୍ଷା କାହାରିକୁ ବିଶ୍ୱାସକୁ ନେଉନଥିବା ବେଳେ ବିକାଶ ପ୍ରସଙ୍ଗରେ ସହଯୋଗ କରୁନଥିବା ଅଭିଯୋଗ କରିଥିଲେ। ଜିଲ୍ଲାପାଳ ତତ୍ପରତା ପ୍ରକାଶ କରିବା ସହ ଅନାସ୍ଥା ପ୍ରକ୍ରିୟା ଆରମ୍ଭ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସପନ କୁମାର ନନ୍ଦ'ଙ୍କୁ ସୁଚନା ରଖିଥିଲେ। ପୌର କର୍ତ୍ତୃପକ୍ଷ କେତେକ ପାରିଷଦଙ୍କୁ ଭେଟି ତାଙ୍କ ଦସ୍ତଖତ ଯାଂଚ କରିଥିଲେ। ଉପନଗରପାଳ ଶ୍ରୀ ବଳଙ୍କ ସମେତ ପାରିଷଦ ବିଜୟ ଜେନା, ରଶ୍ମିତା ଖୁଣ୍ଟିଆ, ଇଂ ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡ଼ା, ମଣୀନ୍ଦ୍ର କୁମାର ସାହୁ, ସରିତା ଜେନା, ସରୋଜିନୀ ସେଠୀ, ଉର୍ମିଳା ପରିଡ଼ା, ପାର୍ଥସାରଥି ନାୟକ, ଅଶୋକ ରାଉତ ପ୍ରମୁଖଙ୍କ ଦସ୍ତଖତ ଯାଞ୍ଚ କରାଯାଇଥିଲା। କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାଉନସିଲର ମାନଙ୍କ ତତ୍ପରତା ଦେଖିବାକୁ ମିଳିଛି।

# ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା



**ବଲାଙ୍ଗିର,୧୧।୩(ସଂଚାର ବ୍ୟୁରୋ):** ଆଜି ସଦର ମହକୁମାସ୍ଥିତ କୋଶଳ କଳା ମଣ୍ଡଳ ପଡ଼ିଆ ରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ର ମିଳିତ ଆନୁକୂଲ୍ୟରେ ଲକ୍ଷପତି ଦିଦି ମାନଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସଲଓ୍ୱାର ଉପସ୍ଥିତ ଥିଲେ। ଜିଲ୍ଲାପାଳ ଏକ ଜନ ମଙ୍ଗଳ ରାଷ୍ଟ୍ର ରେ ମହିଳା ଙ୍କୁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ମହିଳା ମାନେ ରୋଜଗାରକ୍ଷମ ହୋଇପାରିଛନ୍ତି ବୋଲି ସେ କହିଥିଲେ। ସେହିପରି କର୍ମଶାଳା ରେ କେବଳ ଅଧିକାରୀ ନିଜ ବିଭାଗ କଥା ନ କହି ମହିଳାମାନେ ମଧ୍ୟ ପ୍ରଶ୍ନ ପଚାରନ୍ତୁ। ଦୁଇ ପକ୍ଷରୁ ଆଲୋଚନା ହେଲେ କର୍ମଶାଳାର ସଠିକ ପରିମାଣ ବାହାରିବ ବୋଲି କହିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଅଧିକାରୀ ଲକ୍ଷ ପତି ଦିଦି ଯୋଜନା ବିଷୟ ରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସମସ୍ତ ବ୍ଲକ ରୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନେ ଉପସ୍ଥିତ ରହିବା ସହିତ ନିଜ ନିଜ ପଞ୍ଚାୟତ ପାଇଁ ଯେଉଁମାନେ ସବୁ ନିଜ ଜୀବିକା ଜରିଆରେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜି ନିଜକୁ ଜଣେ ଜଣେ ଲକ୍ଷପତି ଦିଦି ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ସେମାନେ ନିଜର ଅଭିଜ୍ଞତା ସର୍ବ ସମ୍ମୁଖରେ ବାଣ୍ଟି ଥିଲେ। ଏହି ପରିପ୍ରେକ୍ଷୀରେ ଲକ୍ଷପତି ଦିଦି ମାନେ ନିଜର ସଫଳ କାହାଣୀ ଉପସ୍ଥାପନା କରି ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଅନ୍ୟାନ୍ୟ ଲାଇନ୍ ବିଭାଗ ରୁ ଆସିଥିବା ଅଧିକାରୀ ମାନେ ନିଜ ବିଭାଗର ଯୋଜନା ଦ୍ୱାରା ଜଣେ ମହିଳା କିପରି ସ୍ୱାବଲମ୍ବୀ ହେଇ ଲକ୍ଷପତି ଦିଦି ହେଇପାରିବ ସେ ବିଷୟରେ ବ୍ୟାଖ୍ୟା କରିଥିଲେ। ରାଜ୍ୟ ସରକାରଙ୍କ ଯୋଜନା ମୁତାବକ ମହିଳା ମାନଙ୍କୁ ରୋଜଗାର କ୍ଷମ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମହିଳା ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ତାଲିମ ଦେଇ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ଏହି ଲକ୍ଷପତୀ ଦିଦି ଯୋଜନାର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ ପାଇଥିଲା। ମାଛ ଚାଷ, କୁକୁଡ଼ା ଚାଷ, ଗୋପାଳନ ଏବଂ ଅନ୍ୟାନ୍ୟ ବ୍ୟବସାୟ କରିବାକୁ ମହିଳା ମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବଲାଙ୍ଗିର ଜିଲ୍ଲାର ୧୪ ଟି ବ୍ଲକ ରୁ ଚାରି ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ମହିଳା ମାନେ ଆସି ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ପିଡି ତରଣୀ ସୁନା, ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ସିଡ଼ିଭିଓ ଅଞ୍ଜନ ଦାସ, ଏଲଡିଏମ ପ୍ରଶାନ୍ତ କୁମାର ବେହେରା, ମତ୍ସ୍ୟ ଅଧିକାରୀ ଉମେଶ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ୫୯୫ ବୋତଲ କଫ ସିରଫ ଜବତ, ୨ ଗିରଫ

**ବରଗଡ଼,୧୧।୩(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଅମ୍ବାଭୋନା ଥାନା ଅଧୀନରେ ଥିବା ଭୁକ୍ତା ତଳିପଡାସ୍ଥିତ ବିନୋଦ ଡୁଙ୍ଗୁରିଙ୍କ ପୁରୁଣା ଘରେ ବିପୁଳ ପରିମାଣର ବେଆଇନ କଫ ସିରଫ ଗଚ୍ଛିତ ରଖିଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁକ୍ତା ତଳିପଡାର ବିନୋଦ ଡୁଙ୍ଗୁରି ଓ ନାରଙ୍ଗପୁର ଗ୍ରାମର ଅଜିତ ନାୟକ। ଚଢ଼ାଉ ସମୟରେ ୫୯୫ବୋତଲ କଫ ସିରଫ ଜବତ ହୋଇଛି। ସେମାନେ ବ୍ୟବହାର କରିଥିବା ୨ମୋଟର ସାଇକେଲ, ୨ମୋବାଇଲକୁ ମଧ୍ୟ ପୋଲିସ ଜବତ କରିଛି । ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ-୪୬/୨୦୨୫) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।



## ଦାରିଦ୍ର୍ୟ ତାଡ଼ନାରେ ୫ପ୍ରାଣୀ



**ବାଲିଆପାଳ,୧୧।୩ (ସଂଚାର ବ୍ୟୁରୋ):** ଜନ୍ମ ହେବା ଆଗରୁ ବାପ ଛେଉଣ୍ଡ ହୋଇ ମା ପଣତ କାନି ତଳେ ପିଲା ଦିନ କାଟିଥିବା ଦେବେନ୍ଦ୍ର (୪୮) ହଠାତ୍ ୧୫ ବର୍ଷ ବୟସରେ ମାନସିକ ବିକୃତ ରୋଗରେ ପୀଡିତ ହୋଇ ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି ଅର୍ଥ ସାଜିଛି ବାଧକ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡାଶ ପଞ୍ଚାୟତ ନାଭଡା ଗ୍ରାମର ପ୍ରତିମା ନାୟକ(୪୦) ସଂସାର ମମତା ରେ ସବୁଳି ହୋଉଛନ୍ତି। ଶାଶୁ ମାଳତୀ ନାୟକ (୮୩) ଦୀର୍ଘ ଦିନ ଧରି ପକ୍ଷାଘାତ ରୋଗ ରେ ପିଡୀତ ହୋଇ ଶଯ୍ୟାସାଇ ଅଛନ୍ତି। ସେହିପରି ତାଙ୍କ ସ୍ୱାମୀ ଦେବେନ୍ଦ୍ର ନାୟକ ମାନସିକ ବିକୃତ। ଦୁଇ ଜଣ ଛୋଟ ପିଲା ବୟସ (୮) ଏବଂ (୪) ରହିଛନ୍ତି।ପାଞ୍ଚପ୍ରାଣୀ ମଥାଗୁଞ୍ଜି ବାକୁ ଘରଟେ ମଧ୍ୟ ନାହିଁ। ଶଶୁର ଆରପାରିକୁ ଚାଲିଗଲା ପରେ ଭିକ୍ଷା ବୃତ୍ତି କରି ପୁଅ ଦେବେନ୍ଦ୍ର ଙ୍କୁ ପାଠପଢାଉ ଥିଲେ ମା ମାଳତୀ, ମାତ୍ର ନିୟତିରେ ଅଲଗା କିଛି ଲେଖାଥିଲା। ଦଶମ ଶ୍ରେଣୀ ପରୀକ୍ଷା ଆଗ ଦିନ ଦେବେନ୍ଦ୍ର ଙ୍କ ର ହଠାତ୍ ପାଗଳାମି ବାହାରିଲା। ମା କିଛି ବୁଝିବା ଆଗରୁ ଡାକ୍ତର କହିଥିଲେ ଦେବେନ୍ଦ୍ର ମାନସିକ ବିକୃତ ରୋଗରେ ପୀଡିତ। ଔଷଧ ହିଁ ତାଙ୍କ ପାଇଁ ଏକମାତ୍ର ଭଲରେ ବଞ୍ଚିବା ର ରାସ୍ତା।ସେଇଦିନଠାରୁ ଲୋକ ଘରେ କାମ କରି ପୁଅ କୁ ଚିକିତ୍ସା କରିବା ପରେ କିଛି ବର୍ଷ ପାଇଁ ସୁସ୍ଥ ହୋଇଯାଇଥିଲେ ଦେବେନ୍ଦ୍ର।ଗରିବ ପରିବାରରୁ ବାହା ହୋଇ ଏବେ ଦୁଇ ପିଲା ର ବାପା। ଅନ୍ୟପକ୍ଷରେ ଶାଶୁ ପାରାଲିସ ରୋଗର ଶଯ୍ୟାସାୟୀ ଏପଟେ ସ୍ୱାମୀ ଙ୍କ ର ଦିନକୁ ଦିନ ପାଗଳାମି ବଢ଼ିବାରେ ଲାଗିଛି। ସ୍ତ୍ରୀ ପ୍ରତିମା ନାୟକ ଅସହାୟ ହୋଇପଡୁଛନ୍ତି। ସ୍ୱାମୀ ଙ୍କୁ ଭଲ କରିବା ପାଇଁ ଯାହା ଗହଣା ଗାଣ୍ଠି ଥିଲା, ସବୁ ବିକ୍ରି କରିବା ପରେ ଔଷଧ କୁ ନିଅଣ୍ଟ ହୋଇ ପଡୁଛି। ରୋଗାକ୍ରାନ୍ତ ଶାଶୁ, ପାଗଳ ସ୍ୱାମୀ, ଦୁଇଟି କଅଁଳ ପିଲାକୁ ଛାଡ଼ି ମୁଲ ଲାଗିବା ଯିବା ପାଇଁ ଅସମର୍ଥ। ରୋଜଗାର କହିଲେ ଶାଶୁ ଙ୍କ ନାମରେ ଆସୁଥିବା କେବଳ ୧୨୦୦ ଟଙ୍କା ଭତ୍ତା ଏବଂ ରାସନ୍ ଚାଉଳ। ଗ୍ରାମବାସୀ ମାନେ ମଧ୍ୟ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କରିଥାନ୍ତି। ୮୩ ବର୍ଷ ହୋଇଥିବା ବୃଦ୍ଧାଙ୍କ ବର୍ଦ୍ଧିତ ଭତ୍ତା ଏବଂ ମାନସିକ ବିକୃତ ଦେବେନ୍ଦ୍ର ଙ୍କର ଭିନ୍ନକ୍ଷମ ଭତ୍ତା, ସରକାରୀ ସହାୟତା ପାଇଁ ଗ୍ରାମବାସୀ ମଙ୍ଗୁଳି ନାୟକ, ଜ୍ୟୋତ୍ସ୍ନା ରାଣୀ ବିଶ୍ୱାଳ, ଭୂପତି ନାୟକ, ପ୍ରତୀକ ବିଶ୍ୱାଳ, ପଞ୍ଚାନନ ନାୟକ, କାର୍ତ୍ତିକ ନାୟକ, ପ୍ରମୁଖ ଦାବି କରିଛନ୍ତି ଦାବି କରିଛନ୍ତି।



# ଉଷ୍ମତା ବଢ଼ାଉଛି ମୂଷାବଂଶ



**ମନୁଷ୍ୟ ଓ ଘରୁଆ ମୂଷା ପରେ ବାହାର ମୂଷା ହେଉଛି ତୃତୀୟ ସଫଳ ସ୍ତନ୍ୟପାୟୀ ପ୍ରାଣୀ, ଯାହା ଜଳବାୟୁ ପରିବର୍ତ୍ତନ ସହ ଖାପ ଖୁଆଇବାରେ ବେଶ୍ ପାରଙ୍ଗମ।**

ସମଗ୍ର ବିଶ୍ୱ ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟା ଦେଇ ଗତି କରୁଛି ଏବଂ ଏହା ପ୍ରଭାବରେ ବୈଶ୍ୱିକ ତାପମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ବୃଦ୍ଧି ମୂଷାଙ୍କ ବଂଶବୃଦ୍ଧିକୁ ସହାୟତା କରିବା ସହ ବିଶେଷ କରି ସହରାଞ୍ଚଳରେ ମୂଷାଙ୍କ ଉପଦ୍ରବ ବଢ଼ିଚାଲିଛି ବୋଲି ଏକ ନୂତନ ଅଧ୍ୟୟନରୁ ଜଣାଯାଇଛି।

ସହରାଞ୍ଚଳ ଅଧିକ ସଂକୁଚିତ ହେବା ଯୋଗୁଁ ତାହା ଦ୍ରୁତ ଭାବରେ ଉଷ୍ମ ହେଉଛି, ସୁତରାଂ ମୂଷାଙ୍କ ବଂଶବୃଦ୍ଧି ସହରାଞ୍ଚଳରେ ବେଶୀ ପ୍ରଚଳିତ ବୋଲି ରିଚ୍‌ମଣ୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ ଜାଣିବାକୁ ପାଇଛନ୍ତି। 'ସାଇନ୍ସ ଆଡ୍‌ଭାନ୍‌ସେସ୍' ପତ୍ରିକାରେ ପ୍ରକାଶିତ ଏକ ଆଲେଖ୍ୟରେ ଗବେଷକମାନେ ତାପମାତ୍ରା ବୃଦ୍ଧି ଓ ମୂଷାଙ୍କ ଜୀବନଧାରଣ ଭିତରେ ଥିବା ସମ୍ପର୍କର ଅବତାରଣା କରିଛନ୍ତି। ତାପମାତ୍ରା ବୃଦ୍ଧି ମୂଷାମାନଙ୍କର ପ୍ରଜନନ ଚକ୍ର ବା 'ଇଷ୍ଟ୍ରୋସ୍ ସାଇକଲ୍'କୁ ପରିବର୍ଦ୍ଧିତ କରିଦେଇଥାଏ। ମୂଷାମାନେ ସାଧାରଣତଃ ଗୋଟିଏ ଇଷ୍ଟ୍ରୋସ୍ ସାଇକଲ୍‌ରେ ୮ରୁ ୧୬ଟି ଛୁଆ ଜନ୍ମ କରିବାର ସାମର୍ଥ୍ୟ ରଖିଥା'ନ୍ତି ଏବଂ ତାହା ସେମାନଙ୍କ ମୃତ୍ୟୁ ପର୍ଯ୍ୟନ୍ତ ବଳବତ୍ତର ରହିଥାଏ। ତାପମାତ୍ରା ବୃଦ୍ଧି ଯୋଗୁଁ ମୂଷାମାନଙ୍କ ଋତୁକାଳୀନ କାର୍ଯ୍ୟକଳାପ ଅବଧି ବଢ଼ିଯାଇଥାଏ, ଯାହା ସେମାନଙ୍କୁ ଶୀତ ଦିନ ପର୍ଯ୍ୟନ୍ତ ଅଧିକ ସମୟ ସକ୍ରିୟ ରହିବାକୁ ଏବଂ ବସନ୍ତ ଋତୁର ପ୍ରାରମ୍ଭରେ ଖାଦ୍ୟ ଅନ୍ୱେଷଣ ପାଇଁ ସୁହାଇଥାଏ। ସେହିପରି ବନ୍ୟମୂଷାଙ୍କ ପାଇଁ ଭୂଇଁ ଉପରେ ଏକ କିମ୍ବା ଦୁଇ ସପ୍ତାହର ଅତିରିକ୍ତ କାର୍ଯ୍ୟକଳାପ ଆଉ ଗୋଟିଏ କିମ୍ବା ଦୁଇଟି ପ୍ରଜନନ ଚକ୍ର ପାଇଁ ଭିତ୍ତିଭୂମି ଯୋଗାଇଥାଏ, ଯାହା ବଂଶବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ।

ସହରାଞ୍ଚଳର ଅନୁପଯୁକ୍ତ ବର୍ଜ୍ୟ ନିଷ୍କାସନ ମୂଷା ବଂଶବୃଦ୍ଧି ପାଇଁ ଦ୍ୱିତୀୟ ମୁଖ୍ୟ କାରକ ସାଜିଥାଏ। ମନୁଷ୍ୟ ଓ ଘରୁଆ ମୂଷା ପରେ ବାହାର ମୂଷା ହେଉଛି ତୃତୀୟ ସଫଳ ସ୍ତନ୍ୟପାୟୀ ପ୍ରାଣୀ, ଯାହା ଜଳବାୟୁ ପରିବର୍ତ୍ତନ ସହ ଖାପ ଖୁଆଇବାରେ ଧୁରନ୍ଧର। ଅପରପକ୍ଷେ ମୂଷାଙ୍କ ବର୍ଦ୍ଧିତ ସଂଖ୍ୟା ମଣିଷର ସ୍ୱାସ୍ଥ୍ୟ ପ୍ରତି ବିପଦ ବଢ଼ାଉଛି। ଏହା ଲୋକଙ୍କୁ ପଶୁଙ୍କ ଠାରୁ ମଣିଷ ଶରୀରକୁ ବ୍ୟାପୁଥିବା ରୋଗ (ଜୁନୋଟିକ୍ ଡିଜିଜ୍) ପ୍ରତି ଅଧିକ ସମ୍ବେଦନଶୀଳ କରିଦେଇଥାଏ। ଏଥିସହିତ ଏହା ମନୁଷ୍ୟର ଖାଦ୍ୟକୁ ଦୂଷିତ କରିବା ସହିତ ମାନସିକ ସୁସ୍ଥତାରେ ବ୍ୟାଘାତ ଆଣିଥାଏ। ବିଶ୍ୱ ପାଣିପାଗ ସଂଗଠନର ତଥ୍ୟ ଅନୁଯାୟୀ, ୨୦୨୪ ମସିହା ଥିଲା ସବୁଠୁ ଉତ୍ତପ୍ତ ବର୍ଷ, ଯାହାର ତାପମାତ୍ରା ପ୍ରାକ୍ ଶିଳ୍ପଯୁଗ ତାପମାତ୍ରା ଠାରୁ ୧.୫୫ ଡିଗ୍ରି ସେଲ୍‌ସିଅସ୍ ଉପରେ ରହିଥିଲା। ଉଷ୍ମତା ବୃଦ୍ଧି ଜୈବବିବିଧତା ଉପରେ ମଧ ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି ଗବେଷକମାନେ ଚେତାବନୀ ଦେଇଛନ୍ତି। ମୂଷା ସଂଖ୍ୟାରେ ବୃଦ୍ଧି ଓ ତା' ଉପରେ ପରିବେଶର ପ୍ରଭାବ କିପରି ରହୁଛି, ସେଥିପ୍ରତି ତୀକ୍ଷ୍ଣ ନଜର ରଖି ମୁକାବିଲା ଲାଗି ପ୍ରସ୍ତୁତ ରହିବା ଗୁରୁତ୍ୱପୂର୍ଣ୍ଣ ବୋଲି ଗବେଷକମାନେ କହିଛନ୍ତି।

# ପ୍ରଦୂଷିତ ବାୟୁ କମାଏ ଏକାଗ୍ରତା



ପ୍ରଦୂଷିତ ବାୟୁ ବା ଉଚ୍ଚ-ସ୍ତରୀୟ କଣିକା ପଦାର୍ଥ (ପାର୍ଟିକୁଲେଟ୍ ମ୍ୟାଟର୍ ବା ପିଏମ୍) ଯୁକ୍ତ ବାୟୁ ସଂସ୍ପର୍ଶରେ ସଂକ୍ଷିପ୍ତ ସମୟ ପାଇଁ ଆସିଲେ ମଧ ଜଣେ ବ୍ୟକ୍ତିର ଏକାଗ୍ରତା ବା ଧାନରେ ହ୍ରାସ ଘଟିଥାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାଯାଇଛି। ଏପରିକି ସେଥିଯୋଗୁଁ ସାମାଜିକ ଭାବରେ ଗ୍ରହଣୀୟ ଆଚରଣ ପ୍ରଦର୍ଶନର କ୍ଷମତା ମଧ ପ୍ରଭାବିତ ହୋଇଥାଏ ବୋଲି ବର୍ମିଂହାମ୍ ବିଶ୍ୱବିଦ୍ୟାଳୟ ଓ ମାଞ୍ଚେଷ୍ଟର୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଚିନ୍ତା ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ, ମାନବ ସ୍ୱାସ୍ଥ୍ୟ ପାଇଁ ପିଏମ୍୨.୫ ହେଉଛି ସର୍ବାଧିକ ବିପଜ୍ଜନକ। ୨୦୧୫ ମସିହାରେ କେବଳ ଏହି ଆକାରର କଣିକା ଯୋଗୁଁ ବିଶ୍ୱବ୍ୟାପୀ ପ୍ରାୟ ୪୨ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ବିଶ୍ୱ ସଂଗଠନର ସୂଚନା ଅନୁଯାୟୀ, ପ୍ରଦୂଷିତ ବାୟୁ ଯୋଗୁଁ ବିଶ୍ୱରେ ବାର୍ଷିକ ୬୭ ଲକ୍ଷ ଅକାଳ ମୃତ୍ୟୁ ଘଟୁଛି। ଏଥିସହିତ ଏହା ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ଉପରେ ନକାରାତ୍ମକ ପ୍ରଭାବ ପକାଇବା ସହ ମଲ୍‌ଟିପଲ୍ ସିରୋସିସ୍, ଅଲ୍‌ଝାଇମର୍ସ ଓ ପାର୍କିନ୍‌ସନ୍‌ସ ରୋଗ ସହ ଜଡ଼ିତ। ବାୟୁମଣ୍ଡଳରେ ଭାସି ବୁଲୁଥିବା ଏହି କଣିକାଗୁଡ଼ିକ ସଂସ୍ପର୍ଶରେ ଖୁବ୍ କମ୍ ସମୟ ଆସିଲେ ମଧ ତାହାଦ୍ୱାରା ଲୋକଙ୍କର ଭାବନା ପ୍ରକାଶ କରିବା ଅଥବା କାର୍ଯ୍ୟରେ ଧାନ କେନ୍ଦ୍ରିତ କରିବାର କ୍ଷମତା ହ୍ରାସ ପାଇପାରେ। ଗବେଷକମନେ ସେମାନଙ୍କ ନିରୀକ୍ଷଣରେ ସାମିଲ କରିଥିବା ଅଂଶଗ୍ରହଣକାରୀମାନଙ୍କୁ ମହମବତି ଧୂଆଁ ସମ୍ବଳିତ ଉଚ୍ଚ ପ୍ରଦୂଷିତ ବାୟୁ ପରିବେଶରେ ରଖି ତାହାର ୪ ଘଣ୍ଟା ପରେ ସେମାନଙ୍କର ଜ୍ଞାନାତ୍ମକ ଦକ୍ଷତା ପରୀକ୍ଷା କରିଥିଲେ। ଏଥିରେ ସେମାନଙ୍କର ସ୍ମୃତିଶକ୍ତି, ଏକାଗ୍ରତା, ଆବେଗ ବାରିବା ଶକ୍ତି, ମନସ୍ତାତ୍ତ୍ୱିକ ଚଞ୍ଚଳତାର ବେଗ, ନିରନ୍ତର ଧାନର ସ୍ତର ଆଦି ମପାଯାଇଥିଲା। ସାମୟିକ ପ୍ରଦୂଷଣ ସେମାନଙ୍କର ଏକାଗ୍ରତା ଓ ଆବେଗ ବାରିବା ଶକ୍ତି ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇଥିବା ସେଥିରୁ ସ୍ପଷ୍ଟ ହୋଇଥିଲା।

ସମାଜ ଭିତରେ ମାନବୀୟ ଭାବ ଆଦାନପ୍ରଦାନ ଉପରେ ପ୍ରଦୂଷଣର ପ୍ରଭାବ ବାବଦରେ ଏକ ଭିନ୍ନ ଅନ୍ତର୍ଦୃଷ୍ଟି ପକାଇ ଗବେଷକମାନେ କହିଛନ୍ତି ଯେ ନିମ୍ନ ଗୁଣବତ୍ତାର ବାୟୁ ବୌଦ୍ଧିକ ବିକାଶ ଓ କାର୍ଯ୍ୟ ଉତ୍ପାଦକତାକୁ ଦୁର୍ବଳ କରିଥାଏ, ଯାହା ଜ୍ଞାନାତ୍ମକ ଉତ୍କର୍ଷ ଉପରେ ନିର୍ଭରଶୀଳ ଉଚ୍ଚ ପ୍ରଯୁକ୍ତିବିଦ୍ୟାସଂପନ୍ନ ବିଶ୍ୱରେ ଗୁରୁତର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ପକାଇଥାଏ। ସେହିପରି କମ୍ ଉତ୍ପାଦକତା ଅର୍ଥନୈତିକ ଅଭିବୃଦ୍ଧିକୁ ମଧ ପ୍ରଭାବିତ କରେ।

# ଲକ୍ଷ୍ୟ ହେଲାଣି ବାଟବଣା



ପାଣିପାଗ ସଂକ୍ରାନ୍ତୀୟ ୨୦୧୫ ପ୍ୟାରିସ୍ ରାଜିନାମାରେ ନିର୍ଦ୍ଧାରିତ ତଥା ଆନ୍ତର୍ଜାତିକ ସ୍ତରରେ ଗୃହୀତ '୨ ଡିଗ୍ରି ତାପମାତ୍ରା ବୃଦ୍ଧି ସୀମା' ଲକ୍ଷ୍ୟ ଏବେ ମୃତପ୍ରାୟ ବୋଲି 'ନାସା'ର ପ୍ରାକ୍ତନ ଜଳବାୟୁ ବୈଜ୍ଞାନିକ ଡକ୍ଟର ଜେମ୍ସ ହାନ୍‌ସେନ୍ ମତ ରଖିଛନ୍ତି।

ଉଲ୍ଲେଖଯୋଗ୍ୟ, ଶିଳ୍ପଯୁଗ ପ୍ରାରମ୍ଭ ତୁଳନାରେ ୨୦୩୦ ମସିହା ସୁଦ୍ଧା ହାରାହାରି ତାପମାତ୍ରା ବୃଦ୍ଧିକୁ ୨ ଡିଗ୍ରି ସେଲ୍‌ସିଅସ୍ ଭିତରେ ସୀମିତ ରଖିବାକୁ ପ୍ୟାରିସ୍ ସମ୍ମିଳନୀରେ ଲକ୍ଷ୍ୟ ସ୍ଥିର କରାଯାଇଥିଲା। ତେବେ ହାନ୍‌ସେନ୍ ଓ ତାଙ୍କ ସହକର୍ମୀମାନେ ଏକ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ଜୀବାଶ୍ମ ଇନ୍ଧନ ବ୍ୟବହାର ଏବଂ ତଜ୍ଜନିତ ନିର୍ଗମନ ପ୍ରତି ଜଳବାୟୁର ସମ୍ବେଦନଶୀଳତା ଆମ ପୂର୍ବ ଆକଳନ ତୁଳନାରେ ଅଧିକ ରହିଛି। ଯଦି ବୈଜ୍ଞାନିକମାନଙ୍କ ଏହି ବିଶ୍ଳେଷଣ ଠିକ୍ ହୁଏ, ତେବେ ଚରମ ପାଣିପାଗ ଘଟଣାଗୁଡ଼ିକ ଆମ ଆକଳନରୁ ଅଧିକ ଉଗ୍ର ହେବା ସହିତ ଆଗକୁ ସେଗୁଡ଼ିକର ବାରମ୍ବାରତା ଓ ତୀବ୍ରତା ବଢ଼ିବ। ପରେ ଏହା ଏଭଳି ସଂକଟଜନକ ଶୀର୍ଷ ଛୁଇଁବ, ଯେଉଁଠିରୁ ପୃଥିବୀର ଉପଶମ ଆଉ ସମ୍ଭବ ହେବନାହିଁ। ଏ ପରିପ୍ରେକ୍ଷୀରେ ପ୍ୟାରିସ୍ ରାଜିନାମା ଏକ ପ୍ରତାରଣା ବୋଲି ହାନ୍‌ସେନ୍ କହିଛନ୍ତି। ତାପମାତ୍ରା ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ ଥିବା ଜୀବାଶ୍ମ ତୈଳର ଦହନ ଯଥାରୀତି ଚାଲୁ ରହିଥିବା ଯାଏ ପ୍ୟାରିସ୍ ରାଜିନାମା କେବଳ ଏକ ବୃଥା ଶପଥ ବୋଲି ତାଙ୍କର ମତ। ପ୍ୟାରିସ୍ ରାଜିନାମା ସ୍ୱାକ୍ଷର ପରଠାରୁ ୨୦୨୪ ମସିହା ସବୁଠୁ ଉଷ୍ମତମ ରହିବା ସହ ବିଗତ ଦଶ ବର୍ଷ ଇତିହାସର ଉଷ୍ମତମ ତାଲିକା ଶୀର୍ଷରେ ରହି ଆସିଛି। ଜୀବାଶ୍ମ ତୈଳର ଦହନ ଦିନକୁ ଦିନ ବଢ଼ିଚାଲିଥିବାରୁ ୨୦୩୦ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ। ଏ ବାବଦରେ ସମୟୋଚିତ ନୀତି ଆପଣେଇଲେ ହିଁ ୨୦୪୫ ସୁଦ୍ଧା ତାହା ସମ୍ଭବ ହୋଇପାରିବ ବୋଲି ହାନ୍‌ସେନ୍ ଆଶା ରଖିଛନ୍ତି। ପ୍ରାକ୍ ଶିଳ୍ପଯୁଗ ତୁଳନାରେ ସମ୍ପ୍ରତି ହାରାହାରି ତାପମାତ୍ରା ବୃଦ୍ଧି ୧.୩ ଡିଗ୍ରି ସେଲ୍‌ସିଅସ୍ ରହିଥିବା ସତ୍ତ୍ୱେ ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନର ଧ୍ୱଂସକାରୀ ଘଟଣାମାନ ଦେଖିବାକୁ ମିଳୁଛି। ସୁତରାଂ ତାହା ୨ ଡିଗ୍ରି ପହଞ୍ଚିଗଲେ ପ୍ରଳୟର ସାମ୍ନା କରିବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

# ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଦଳୁଛି ପର୍ବତର ରଙ୍ଗରୂପ



ଆଗାମୀ ସମୟରେ ଜଳବାୟୁ ପରିବର୍ତ୍ତନ ଆମ ସମସ୍ତଙ୍କୁ କିପରି ପ୍ରଭାବିତ କରିପାରେ ତାହାର ଏକ ଭଲ ସୂଚକ ହେଉଛି ଉଚ୍ଚ ପର୍ବତରେ ଦେଖାଦେଉଥିବା ପରିବର୍ତ୍ତନ। ୨୦୨୪ରେ ଅତିରିକ୍ତ ଅକ୍ସିଜେନ୍ ବିନା ମାଉଣ୍ଟ୍ ଏଭରେଷ୍ଟ୍ ଆରୋହଣ କରି ବିରଳ ରେକର୍ଡର ଅଧିକାରୀ ହୋଇଥିବା ଲଦାଖ୍‌ର ୪୩ ବର୍ଷୀୟ ପର୍ବତାରୋହୀ ସ୍କଲ୍‌ଜାଙ୍ଗ୍ ରିଗ୍‌ଜିନ୍ ଲଦାଖ୍‌ର ପର୍ବତରେ ପରିଲକ୍ଷିତ ପରିବର୍ତ୍ତନ ସମ୍ପର୍କରେ ଯେଉଁ ବ୍ୟାଖ୍ୟା କରନ୍ତି ତାହା ଉଦ୍‌ବେଗଜନକ।

ସ୍କଲ୍‌ଜାଙ୍ଗ୍ କହନ୍ତି, "୬,୦୦୦ ମିଟର ଉଚ୍ଚତା ବିଶିଷ୍ଟ ଲଦାଖ୍‌ର ଆରୋହଣ ଶୃଙ୍ଗ 'ବେହିମୋଥ୍ କାଙ୍ଗ୍ ୟତ୍ସେ' ସମେତ 'ଡିଜୋ ଜୋଙ୍ଗୋ (ପୂର୍ବ)'ରେ ଚଳିତ ଋତୁରେ ପୂର୍ବଭଳି ବରଫ ଦେଖିବାକୁ ମିଳୁନାହିଁ। ଆମେ ସାଧାରଣତଃ ୪,୩୦୦ ମିଟର ଉଚ୍ଚତାରେ ଥିବା କୁନ୍ ପର୍ବତର ପାଦଦେଶରେ ବେସ୍ କ୍ୟାମ୍ପ୍ ସ୍ଥାପନ କରୁ। ଅତୀତରେ ବେସ୍ କ୍ୟାମ୍ପ୍‌ରୁ କ୍ୟାମ୍ପ୍-୧କୁ ଯିବା ସମୟରେ ହିମବାହ ଉପରେ ସିଧାସିଧା ଚାଲିବାକୁ ପଡୁଥିଲା। ବର୍ତ୍ତମାନ ସେଠାରେ ବରଫ ତରଳି ପଥର ବାହାରିବା ଆରମ୍ଭ କରିଛି।" ସେହିପରି ପ୍ରାୟ ୫ ହଜାର ମିଟର ଉଚ୍ଚତାରେ ଉତ୍ତାପ ଘନୀଭୂତ ହୋଇ ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଉଥିବାର ଦେଖାଗଲାଣି। ଏହି ଉଚ୍ଚତାରେ ତାପମାତ୍ରା ୨୯ ଡିଗ୍ରି ସେଲ୍‌ସିଅସ୍ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା ନୁହେଁ। ଏହି ପରିବର୍ତ୍ତିତ ପରିସ୍ଥିତି ଆରୋହଣର ଶୈଳୀକୁ ମଧ୍ୟ ବଦଳାଇ ଦେଲାଣି। ପର୍ବତର ଚାରିପାଖରେ ବର୍ତ୍ତମାନ ପଥରଗୁଡ଼ିକ ମୁକୁଳା ହୋଇ ପର୍ବତାରୋହୀଙ୍କ ପାଇଁ ବିପଦ ପାଲଟିଲାଣି। କମ୍ ତୁଷାରପାତ ଯୋଗୁଁ ଲଦାଖ୍ ଓ ଜାନସ୍କର୍ ଗ୍ରାମରେ ଗୁରୁତର ଜଳ ଅଭାବ ଦେଖାଦେଇଛି ବୋଲି ସ୍କଲଜ୍‌ଙ୍ଗ୍ ପ୍ରକାଶ କରିଛନ୍ତି।



# ରାଜ୍ୟ ବଢୁଛି ବାଘ ସଂଖ୍ୟା କମୁଛି

ବିଗତ ୨୦ ବର୍ଷ ଭିତରେ ଭାରତରେ ବାଘମାନଙ୍କ ଦ୍ୱାରା ଦଖଲ ସ୍ଥାନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଅପରପକ୍ଷେ, ସେହି କାଳଖଣ୍ଡରେ ବାଘ ସଂଖ୍ୟା ହ୍ରାସ ପାଇଥିବା ଏକ ନୂତନ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ଭାରତରେ ସାଧାରଣତଃ ବାଘମାନଙ୍କ ସ୍ଥାନୀୟ ବିଲୁପ୍ତି ସହ ହାରିଦ୍ର୍ୟ, ସଶସ୍ତ୍ର ସଂଘର୍ଷ ଓ ଭୂ-ବ୍ୟବହାର ପରିବର୍ତ୍ତନର ସଂପର୍କ ରହିଥିବା ଏହି ଅନୁସନ୍ଧାନରୁ ଜଣାଯାଇଛି। 'ସାଇନ୍ସ' ପତ୍ରିକାରେ ପ୍ରକାଶିତ ଉକ୍ତ ଅଧ୍ୟୟନର ବିବରଣୀରୁ ଗତ ଦୁଇ ଦଶନ୍ଧି ଭିତରେ ଭାରତରେ ବାଘ ଦଖଲ ଅଞ୍ଚଳର ପରିମାଣ ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇ ୧,୨୩,୨୦୦ ବର୍ଗକିଲୋମିଟର ହୋଇଥିବା ଜଣାଯାଇଛି। ବାଘମାନେ ନିରନ୍ତର ଭାବରେ ମଣିଷ-ମୁକ୍ତ ସ୍ଥାନ ଅଧିକାର କରିଛନ୍ତି, ବିଶେଷ କରି ୩୫,୨୫୫ ବର୍ଗକିମି ପରିବ୍ୟାପ୍ତ ଶିକାର-ସମୃଦ୍ଧ ସଂରକ୍ଷିତ ଅଞ୍ଚଳକୁ ସେମାନେ ପସନ୍ଦ କରିଛନ୍ତି। କିନ୍ତୁ ଏ ଭିତରେ ୬ କୋଟି ଲୋକଙ୍କ ନିରଟତର ବାସସ୍ଥାନକୁ ମଧ ସେମାନେ ଦଖଲ କରିଛନ୍ତି। ୨୦୨୨ ବ୍ୟାଘ୍ରଗଣନା ଅନୁସାରେ ଭାରତ ପରି ଜନବହୁଳ ଦେଶରେ ମୋଟ୍ ୩,୬୦୦ ବାଘ ଥିବା ଜଣାପଡ଼ିଛି, ଯାହା ବିଶ୍ୱର ସମଗ୍ର ବାଘ ସଂଖ୍ୟାର ୭୫ ପ୍ରତିଶତ। ଗବେଷକମାନେ ୨୦୦୬ରୁ ୨୦୧୮ ଯାଏ ଦେଶର ମୋଟ୍ ୨୦ଟି ରାଜ୍ୟରେ ବ୍ୟାଘ୍ରର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ୧୨ ବର୍ଷ ଭିତରେ ବାଘମାନେ ଉପନିବେଶରେ ପରିଣତ କରିଥିବା ମୋଟ୍ ୪୧,୭୬୭ ବର୍ଗକି.ମି. ଅଞ୍ଚଳ ମଧ୍ୟରୁ ୨୦୦୨ରୁ ୨୦୧୦ ମଧରେ ପ୍ରାୟ ୩୫ ପ୍ରତିଶତ ନୂତନ ଅଞ୍ଚଳ ଉପନିବେଶରେ ପରିଣତ ହୋଇଥିଲା। ସେହିପରି ୨୦୧୦ରୁ ୨୦୧୪ ଭିତରେ ୨୦ ପ୍ରତିଶତ ଓ ୨୦୧୪ରୁ ୨୦୧୮ ମଧରେ ୪୫ ପ୍ରତିଶତ ସ୍ଥାନ ବ୍ୟାଘ୍ର ଉପନିବେଶ ହୋଇଥିଲା। ଅପରପକ୍ଷେ, ଏହି ୧୨ ବର୍ଷ ଭିତରେ ୧୭,୯୯୨ ବର୍ଗକି.ମି. ପରିମିତ ଅଞ୍ଚଳରେ ବାଘମାନଙ୍କର ସ୍ଥାନୀୟ ବିଲୁପ୍ତି ପରିଲକ୍ଷିତ ହୋଇଥିଲା। ସେଥିମଧରୁ ୨୦୦୬ରୁ ୨୦୧୦ ଭିତରେ ସର୍ବାଧିକ ୬୪ ପ୍ରତିଶତ, ୨୦୦୬ରୁ ୨୦୧୦ ଭିତରେ ସର୍ବନିମ୍ନ ୧୭ ପ୍ରତିଶତ ଏବଂ ୨୦୧୪ରୁ ୨୦୧୮ ମଧରେ ୧୯ ପ୍ରତିଶତ ବ୍ୟାଘ୍ର ବିଲୋପନ ଦେଖାଦେଇଥିଲା। ଏହି ସ୍ଥାନୀୟ ବିଲୁପ୍ତି ପଛରେ ସଂରକ୍ଷିତ କ୍ଷେତ୍ରଗୁଡ଼ିକର ବିଚ୍ଛିନ୍ନତା, ବର୍ଦ୍ଧିତ ସହରୀକରଣ, ଭିତ୍ତିଭୂମି ବିକାଶ ଓ ନକ୍ସଲଙ୍କ ଦ୍ୱାରା ସଶସ୍ତ୍ର ସଂଘର୍ଷ ଆଦି କାରଣ ରହିଛି। ସେହିପରି ବାଘମାନେ ଏଡ଼ାଉଥିବା ବାସସ୍ଥାନଗୁଡ଼ିକ ମୁଖ୍ୟତଃ ଛତିଶଗଡ଼, ଓଡ଼ିଶା ଓ ଝାଡ଼ଖଣ୍ଡ ପରି ପୂର୍ବାଞ୍ଚଳ ରାଜ୍ୟରେ ଅବସ୍ଥିତ। ଏଥି ସହିତ ଗୁରୁ ଘାସିଦାସ, ପାଲାମାଉ, ଉଦନ୍ତୀ-ସୀତାନଦୀ, ଶିମିଳିପାଳ, ସାତକୋଶିଆ ଓ ଇନ୍ଦ୍ରାବତୀ ବ୍ୟାଘ୍ର ଅଭୟାରଣ୍ୟରେ ବାଘ ସଂଖ୍ୟା ଦେଶରେ ସବୁଠୁ ଦୁର୍ବଳ ବୋଲି ଜଣାପଡ଼ିଛି।

# ପ୍ରକୃତି ପ୍ରେମରେ ଉମାକାନ୍ତ





ପେସାରେ ସେ ଜଣେ ଫାର୍ମାସିଷ୍ଟ୍। ନିଶା କିନ୍ତୁ ଭିନ୍ନ ଭିନ୍ନ ପକ୍ଷୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ବ୍ୟବହାର ଓ ଆଚରଣ ସମ୍ପର୍କରେ ଗବେଷଣା କରିବା। ଏଥିସହ ଦେଶୀ ତଥା ବିଦେଶାଗତ ପକ୍ଷୀମାନଙ୍କ ମନମୁଗ୍ଧକର ଫଟୋଚିତ୍ର ଉତ୍ତୋଳନରେ ବି ସେ ସମୟ ଅତିବାହିତ କରନ୍ତି। ଗଜ ସୁରକ୍ଷା, ବନାଗ୍ନି ନିୟନ୍ତ୍ରଣ କ୍ଷେତ୍ରରେ ବି ଅନେକ କାମ କରି ନିଜକୁ ଜଣେ ପରିବେଶ ଯୋଦ୍ଧା ଭାବେ ପ୍ରମାଣିତ କରିପାରିଛନ୍ତି ଭୁବନେଶ୍ୱର ଜୟଦେବ ବିହାରର ବାସିନ୍ଦା ଉମାକାନ୍ତ ବିଶ୍ୱାଳ।

ଶ୍ରୀ ବିଶ୍ୱାଳ କହନ୍ତି, "ମୁଁ ଜଙ୍ଗଲ, ପଶୁପକ୍ଷୀଙ୍କଠାରୁ ଆରମ୍ଭ କରି ପ୍ରକୃତିର ପ୍ରତିଟି କଥାକୁ ଭଲପାଏ। ଯୁକ୍ତ ଦୁଇ ପାଠ ପଢୁଥିବା ସମୟରୁ ହିଁ ଚଢ଼େଇମାନଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଉପଯୁକ୍ତ ପରିବେଶ ଓ ବାସସ୍ଥାନ ଯୋଗାଇବା, ସେମାନେ କେଉଁ ପରିସ୍ଥିତିରେ କେଉଁଭଳି ବ୍ୟବହାର କରିଥା'ନ୍ତି- ସେସବୁ ଜାଣିବା ଦିଗରେ ଉଦ୍ୟମ ଆରମ୍ଭ କରିଥିଲି। ଓଡ଼ିଶାର ପକ୍ଷୀ ପୁରୁଷ କୁହାଯାଉଥିବା ଡ. ୟୁଏନ୍ ଦେବ ମୋ' ଗୁରୁ। ତାଙ୍କର ନେତୃତ୍ୱରେ ବିଭିନ୍ନ ସ୍ଥାନକୁ ଯାଇ ଚଢ଼େଇମାନଙ୍କ ବିଷୟରେ ମୁଁ ଶିକ୍ଷାଗ୍ରହଣ କରିଥିଲି। ଗତ ୩୫ ବର୍ଷ ଧରି ମୁଁ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ହେଉଥିବା ବନ୍ୟଜନ୍ତୁ ଗଣନା, ପକ୍ଷୀ ଗଣନାରେ ସକ୍ରିୟ ଅଂଶଗ୍ରହଣ କରିଆସୁଛି। ଏଥିସହ ବନାଗ୍ନିକୁ ନିୟନ୍ତ୍ରଣ କରି ଜଙ୍ଗଲରେ ବସବାସ କରୁଥିବା ଅଧିବାସୀମାନଙ୍କର ସାମାଜିକ-ଅର୍ଥନୈତିକ ଉନ୍ନତି ପାଇଁ ବି ବିଭିନ୍ନ କାମ କରିଆସୁଛି। 'ଗଜସାଥୀ' କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ତାଲିମ ଦେଇ ସେମାନଙ୍କ ଦକ୍ଷତା ବୃଦ୍ଧି ସହ ବନ୍ୟପ୍ରାଣୀ ଓ ପକ୍ଷୀ ଉଦ୍ଧାର କାର୍ଯ୍ୟ ପାଇଁ ତାଲିମ ପ୍ରଦାନ କରୁଛି।" ଶ୍ରୀ ବିଶ୍ୱାଳ ଘୁମୁସର ସାଉଥ୍ ଫରେଷ୍ଟ ଡିଭିଜନ୍‌ରେ ଚାଲିଥିବା 'ମୟୂର ସଂରକ୍ଷଣ କାର୍ଯ୍ୟକ୍ରମ'ରେ ମଧ ସଂଶ୍ଲିଷ୍ଟ ଥିଲେ। ବର୍ତ୍ତମାନ ସେ ବିଭିନ୍ନ ସ୍କୁଲ ବୁଲି ଇକୋ-କ୍ଲବ୍ କାର୍ଯ୍ୟକ୍ରମ ମାଧମରେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଓ ସଂରକ୍ଷଣର ତାଲିମ ଦେଉଛନ୍ତି। ତାଙ୍କ ମତରେ, "ପ୍ରକୃତି ଆମକୁ ଗଢ଼ିଛି। ଏଣୁ ପ୍ରକୃତିକୁ ସୁରକ୍ଷିତ ରଖିବା ଆମ ଦାୟିତ୍ୱ। ଏଣୁ ମୁଁ ମୟୂର, ହାତୀ, ଘରଚଟିଆ ଆଦି ପ୍ରାଣୀ ସୁରକ୍ଷା ଅଭିଯାନରେ କାମ କରିବା ସହ ସବୁଜ ପୃଥିବୀ ପାଇଁ ଗଛ ଲଗାଇବା, ପଲିଥିନ୍‌ମୁକ୍ତ ଅଭିଯାନ ଆଦିରେ ମଧ ସାମିଲ ରହିଛି।"



